ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୭/୨୦୨୩ (୧୬ ପୃଷ୍ଠା) Bhubaneswar, Wednesday, September 27/2023 Page 16 ₹ 7.00 | BERHAMPUR
୪୯ଶ ଭାଗ ୩୦୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 303 ମୂଲ୍ୟ ₹୭/-



## ପୂଜାଙ୍କ ବିବାହ ନେଇ ଚର୍ଚ୍ଚା

ସାଉଥ୍ ଅଭିନେତ୍ରୀ ପୂଜା ହେଗ୍‌ଡେ ମୁମ୍ବାଇର ଜଣେ କ୍ରିକେଟରଙ୍କୁ ଡେଟ୍ କରୁଥିବା ସହ ତାଙ୍କୁ ବିବାହ କରିବେ ବୋଲି ଚର୍ଚ୍ଚା ହେଉଛି।

୧୨

୧୪

## ନେହାଙ୍କୁ ରୌପ୍ୟ

ଏସିଆନ୍ ଗେମ୍ସର ସେଲିଂ ଇଭେଣ୍ଟରେ ମଙ୍ଗଳବାର ରୌପ୍ୟ ପଦକ ହାସଲ କରିଛନ୍ତି ଭାରତର ନେହା ଠାକୁର।





ଏସିଆନ ଗେମ୍ସରେ ମଙ୍ଗଳବାର ଇକ୍ୱେଷ୍ଟ୍ରେନ (ଅଶ୍ୱଚାଳନା)ର ଡ୍ରେସେଜ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳର (ବାମରୁ) ଦିବ୍ୟାକ୍ରିତି ସିଂ, ସୁଦୀପ୍ତି ହାଜେଲା, ଅନୁଶ ଅଗ୍ରୱାଲ ଓ ବିପୁଲ ହ୍ରିଦୟ ଛେଡା।

# ଅଶ୍ୱଚାଳନାରେ ଭାରତକୁ ସ୍ୱର୍ଣ୍ଣ

## ଏସିଆନ ଗେମ୍ସ: ୪୧ ବର୍ଷ ପରେ ସଫଳତା

ହାଙ୍ଗଝୋ, ୨୬।୯(ପି.ଟି.)

ଚଳିତ ଏସିଆନ ଗେମ୍ସର ଇକ୍ୱେଷ୍ଟ୍ରେନ (ଅଶ୍ୱଚାଳନା) ଇଭେଣ୍ଟରେ ଭାରତକୁ ଐତିହାସିକ ସ୍ୱର୍ଣ୍ଣିମ ସଫଳତା ମିଳିଛି। ପ୍ରତିଯୋଗିତାରେ ଭାରତୀୟ ଡ୍ରେସେଜ (ମିକ୍ସଡ) ଟିମ୍ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି। ସୁଦୀପ୍ତି ହାଜେଲା, ଦିବ୍ୟାକ୍ରିତି ସିଂ, ବିପୁଲ ହ୍ରିଦୟ ଛେଡା ଓ ଅନୁଶ ଅଗ୍ରୱାଲ ମଙ୍ଗଳବାର ଏହି ସଫଳତା ପାଇଛନ୍ତି। ଭାରତୀୟ ଦଳ ମୋଟ ୨୦୯.୨୦୫ ପର୍ସେଣ୍ଟେଜ ପଏଣ୍ଟ ହାସଲ କରି ପୋଡିୟମରେ ଶୀର୍ଷସ୍ଥାନ ମଣ୍ଡନ କରିଥିଲା। ଚାଇନା ୨୦୪.୮୮୨% ଓ ହଂକଂ ୨୦୪.୮୫୨% ପଏଣ୍ଟ ପାଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ। ଦୀର୍ଘ ୪୧ ବର୍ଷ ବ୍ୟବଧାନରେ ଭାରତ ପ୍ରଥମଥର ପାଇଁ ଅଶ୍ୱଚାଳନା ଇଭେଣ୍ଟରୁ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ☞ପୃଷ୍ଠା-୪

# ହାଇକୋର୍ଟ ବିଚାରପତି ନିଯୁକ୍ତିରେ ବିଳମ୍ବ କରୁଛି କେନ୍ଦ୍ର

## ୭୦ ନାଁ ୧୦ ମାସ ହେଲା ପଡ଼ିରହିଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୬।୯

ସୁପ୍ରିମକୋର୍ଟ କଲେଜିୟମ ବିଭିନ୍ନ ହାଇକୋର୍ଟରେ ବିଚାରପତି ନିଯୁକ୍ତି ଓ ବଦଳି ପାଇଁ ୭୦ ନାମ ସୁପାରିସ୍ କରିଥିବାବେଳେ ତାହା କେନ୍ଦ୍ର ସରକାରଙ୍କ ପାଖରେ ପଡ଼ିରହିଛି। ବିଚାରପତି ନିଯୁକ୍ତିରେ ବିଳମ୍ବକୁ ନେଇ ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ପ୍ରସଙ୍ଗରେ ସମାଧାନରେ ଆର୍ଟର୍ନି ଜେନେରାଲଙ୍କ କାର୍ଯ୍ୟାଳୟ ସହଯୋଗ କରିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ବିଚାରପତି ନିଯୁକ୍ତି ଓ ବଦଳିରେ ବିଳମ୍ବକୁ ନେଇ ଜଷ୍ଟିସ୍ ସଞ୍ଜୟ କିଶନ କୌଲ ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ ପ୍ରଶ୍ନ ଉଠାଇଛନ୍ତି। ପଡ଼ିରହିଥିବା ସୁପାରିସ୍ ଉପରେ ସରକାର କ'ଣ ନିର୍ଦ୍ଦେଶ ଦେଇଛନ୍ତି, ତାହା ଉପରେ ରିପୋର୍ଟ ଦେବାକୁ ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣି ସପ୍ତାହେ ସମୟ ଲୋଡ଼ିଛନ୍ତି। ତେବେ ପରବର୍ତ୍ତୀ ଶୁଣାଣି ମଧ୍ୟରେ ଏନେଇ ପଦକ୍ଷେପ ନିଆ ନ ଗଲେ ଆମେ ଚୁପ୍ ରହିବୁ ନାହିଁ ବୋଲି ବିଚାରପତି ଜଷ୍ଟିସ୍ କୌଲ୍ କହିଛନ୍ତି।

ଗତ ସପ୍ତାହ ସୁଦ୍ଧା ୮୦ ସୁପାରିସ୍ କେନ୍ଦ୍ର ନିକଟରେ ପଡ଼ିରହିଥିବାବେଳେ ଇତିମଧ୍ୟରେ ୧୦ଟି ନାଁକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏବେ ଅଟକି ରହିଥିବା ୭୦ ସୁପାରିସ୍ ମଧ୍ୟରୁ ୨୬ଟି ହେଉଛି ବିଚାରପତିଙ୍କ ବଦଳି ସମ୍ପର୍କିତ ସୁପାରିସ୍। ୭ ନାଁକୁ ପୁନର୍ବାର ସୁପାରିସ କରାଯାଇଥିବାବେଳେ ୯ଟି ନାଁକୁ କେନ୍ଦ୍ର ନ ଫେରାଇ ଅଟକାଇ ରଖିଛି। ଗୋଟିଏ ସୁପାରିସ ଏକ ସମ୍ବେଦନଶୀଳ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତିକୁ ନେଇ ରହିଛି। ଗତବର୍ଷ ନଭେମ୍ବରରୁ ଏଗୁଡ଼ିକ ସରକାରଙ୍କ ପାଖରେ ପଡ଼ିରହିଥିବାବେଳେ ନିଯୁକ୍ତି ଦିଆଯାଉ ନ ଥିବା ଖଣ୍ଡପୀଠ କହିଛନ୍ତି।

# ଗୁଣି ସନ୍ଦେହରୁ ଦମ୍ପତିଙ୍କୁ ହତ୍ୟା

ମୋହନା, ୨୬।୯ (ମନ୍ମଥ ମିଶ୍ର)

ଗଜପତି ଜିଲା ଅଡ଼ବା ଥାନା ଘୋଡ଼ାପଙ୍କା ଗାଁରେ ଗୁଣିଗାରେଡ଼ି ସନ୍ଦେହରେ ସୋମବାର ରାତିରେ ଦମ୍ପତିଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ କପିଳେନ୍ଦ୍ର ମଲ୍ଲିକ ଓ ସ୍ତ୍ରୀ ସସ୍ମିତା ମଲ୍ଲିକ। ଏହି ଘଟଣାରେ ପୋଲିସ ଗ୍ରାମର ୮ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁବାସ ମଲ୍ଲିକ, ଜଳେନ୍ଦ୍ର ମଲ୍ଲିକ, ହେମନ୍ତ ମଲ୍ଲିକ, ମିଥୁନ ମଲ୍ଲିକ, ବୁଦ୍ଧୁ ମଲ୍ଲିକ, ଚୈତନ୍ୟ ମଲିକ, ଚନ୍ଦନ ମଲ୍ଲିକ ଓ କାଳ୍ପୁନ ମଲ୍ଲିକ।

କପିଳେନ୍ଦ୍ର ଗୁଣିଗାରେଡ଼ି କରୁଥିବା ଗ୍ରାମବାସୀ ସନ୍ଦେହ କରୁଥିଲେ। ଗତ ଫେବୃୟାରୀ ୧୧ରେ କେତେଜଣ ଅଜଣା ଲୋକ ତାଙ୍କୁ ଗୁଳି ମାଡ଼ କରିଥିଲେ। ସେ ଗୁରୁତର ଆହତ ହୋଇ ବ୍ରହ୍ମପୁର ମେଡିକାଲରେ ଚିକିତ୍ସିତ ହୋଇଥିଲେ। ସୁସ୍ଥ ହୋଇ ଆସିବା ପରେ ସେ ଭୟରେ ଅଡ଼ବା ଗ୍ରାମରେ ଭଡ଼ାଘର ନେଇ ରହୁଥିଲେ। ପ୍ରାୟ ଏକମାସ ହେବ ଗାଁକୁ ଆସିଥିଲେ। ସୋମବାର ରାତି ପ୍ରାୟ ୮ଟାରେ କପିଳେନ୍ଦ୍ର ଓ ତାଙ୍କ ସ୍ତ୍ରୀ ଘରେ ଥିଲେ। ଏହି ସମୟରେ କେତେଜଣ ଯୁବକ ପଶିଆସି ଏକ ଟାଙ୍ଗିଆରେ କପିଳେନ୍ଦ୍ରଙ୍କୁ ଅତର୍କିତ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କ ସ୍ତ୍ରୀ ସସ୍ମିତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଭୟରେ ସେ ଦୌଡ଼ି ଉପରସାହିସ୍ଥିତ ବାପା ଘରକୁ ପଳାଇଯିବାକୁ ଚେଷ୍ଟା କରୁଥିଲାବେଳେ ରାସ୍ତାରେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଫଳରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଆର.ଉଦୟଗିରି ଏସଡିପିଓ, ଥାନା ଏସ୍ଆଇ ଓ ଅଡ଼ବା ଥାନା ଏସ୍ଆଇ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ମଙ୍ଗଳବାର ସକାଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ କପିଳେନ୍ଦ୍ରଙ୍କ ମୃତଦେହ ତଳସାହିସ୍ଥିତ ନିଜ ଘରୁ ଓ ସସ୍ମିତାଙ୍କ ମୃତଦେହ ଉପରସାହିସ୍ଥିତ ତାଙ୍କ ବାପା ଘରୁ ଜବତ କରିଥିଲା। ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ☞ପୃଷ୍ଠା-୪

# ପ୍ରଭାତ ବିଶ୍ୱାଳଙ୍କ ବିରୋଧରେ ଇଡିର ଚାର୍ଜଶିଟ୍

### ସିଶୋର୍ ଚିଟ୍‌ଫଣ୍ଡ୍ ମାମଲା

ଭୁବନେଶ୍ୱର, ୨୬।୯ (ସତ୍ୟଜିତ୍ ରାଉତ)

ବହୁଚର୍ଚ୍ଚିତ ସିଶୋର ଚିଟ୍‌ଫଣ୍ଡ ଠକେଇ ମାମଲାର ଆର୍ଥିକ କାରବାର ଦିଗକୁ ନେଇ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ବିଳାସିନୀଙ୍କ ବିରୋଧରେ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର କୋର୍ଟ (ପିଏମ୍ଏଲ୍)ରେ ଦ୍ୱିତୀୟ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଛି। ଏଥିସହ ସିଶୋରର ଦୁଇଟି କମ୍ପାନୀ ସିଶୋର୍ ସିକ୍ୟୁରିଟି ଲିଃ ଓ ସିଶୋର୍ ମଲ୍ଟିପର୍‌ପୋର୍ଜ କୋ-ଅପରେଟିଭ୍ ଲିଃର ଦୁଇ ☞ପୃଷ୍ଠା-୪

# ଆପାର୍ଟମେଣ୍ଟ କ୍ରେତା ସଂଘକୁ କ୍ଷମତା

## ■ କମନ୍ ଏରିଆ ଉପରେ ରହିବ ମାଲିକାନା ■ ବିଧାନସଭାରେ ବିଲ୍ ଗୃହୀତ

ଭୁବନେଶ୍ୱର, ୨୬।୯ (ଅନିଲ ଦାସ)

ବହୁ ପ୍ରତୀକ୍ଷା ପରେ ଆପାର୍ଟମେଣ୍ଟ ମାଲିକ(କ୍ରେତା)ମାନଙ୍କୁ ସୁରକ୍ଷା ଦେବା ସକାଶେ ରାଜ୍ୟ ସରକାର ଓଡ଼ିଶା ଆପାର୍ଟମେଣ୍ଟ(ମାଲିକାନା ଓ ପରିଚାଳନା) ବିଲ୍-୨୦୨୩କୁ ମଙ୍ଗଳବାର ବିଧାନସଭାରେ ଗୃହୀତ କରାଇଛନ୍ତି।। ଏଥିରେ ଆପାର୍ଟମେଣ୍ଟ କ୍ରେତାମାନଙ୍କ ସଂଘକୁ ଅଧିକ କ୍ଷମତା ଦିଆଯାଇଛି। ସଂଘର ବାଇ-ଲ ଅନୁଯାୟୀ ଆପାର୍ଟମେଣ୍ଟ ପରିଚାଳିତ ହେବ।

ନୂଆ ବିଧେୟକ ବ୍ୟବସ୍ଥା ଅନୁଯାୟୀ ବିଲ୍‌ଡର କିମ୍ବା ପ୍ରମୋଟର କ୍ରେତାମାନଙ୍କୁ ଅକୁପାନ୍ସି ସାର୍ଟିଫିକେଟ ଦେବାର ୩୦ ଦିନ ମଧ୍ୟରେ ସଂଘକୁ କମନ ଏରିଆର ସମସ୍ତ ମୂଳ ପ୍ରମାଣପତ୍ର ଦେବା ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ଏଥିସହିତ କ୍ରେତାଙ୍କଠାରୁ ସିକ୍ୟୁରିଟି, ଆଡ୍‌ଭାନ୍ସ ଆକାରରେ ନେଇଥିବା ସମସ୍ତ ଅର୍ଥ ୩୦ ଦିନ ମଧ୍ୟରେ ଫେରାଇବେ। ରିୟଲ ଇଷ୍ଟେଟ୍ ଅଧିନିୟମ(ବିନିୟମ ଓ ଉନ୍ନୟନ) ଆଇନ-୨୦୧୬ ଅନୁଯାୟୀ ପ୍ରକଳ୍ପରେ ୫୦ ପ୍ରତିଶତ ଅଥବା ୭ ଜଣ କ୍ରେତା ହେବା ପରେ ସଂଘ ଗଠନ କରାଯିବ। ପୂର୍ବରୁ ମାଲିକ ସଂଘ ସାଧାରଣ ଅଞ୍ଚଳ(କମନ ଏରିଆ)ରୁ ମାଲିକାନା ହକ୍ ପାଇପାରୁ ନ ଥିଲା। ଏହି ବିଧେୟକ ପାରିତ ହେବା ପରେ ଉକ୍ତ ଅଞ୍ଚଳ ମାଲିକାନା ସଂଘଠାରେ ନ୍ୟସ୍ତ ହେବ। ଏଥିସହିତ ଆପାର୍ଟମେଣ୍ଟ ବିକ୍ରି, ଉତ୍ତରାଧିକାରୀ ସୂତ୍ରରେ ଆବଣ୍ଟନ ଆଦି କ୍ଷେତ୍ରରେ କମନ ଏରିଆ ହସ୍ତାନ୍ତର କରାଯାଇପାରିବ। ମାତ୍ର ଉକ୍ତ ଅଂଶକୁ କୌଣସି ଉଦ୍ଦେଶ୍ୟରେ ଖଣ୍ଡ ଖଣ୍ଡ କରାଯାଇପାରିବ ନାହିଁ। ପ୍ରତ୍ୟେକ ମାଲିକ ବିଧେୟକରେ ଥିବା ଚୁକ୍ତି, ସର୍ତ୍ତ ଓ କଟକଣାକୁ ମାନିବାକୁ ବାଧ ହେବେ। ଯଦି କେହି ଏହାକୁ ଉଲ୍ଲଂଘନ କରିବେ ଆପାର୍ଟମେଣ୍ଟ

### ଅକୁପାନ୍ସି ସାର୍ଟିଫିକେଟ ବିନା ଘର ବାଣ୍ଟିଲେ ପ୍ରମୋଟର ଗଣିବେ ୫ ଲକ୍ଷ ଜରିମାନା

ମାଲିକ ସଂଘ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ କ୍ଷତିଭରଣା କରିପାରିବେ। ଏଥିସହିତ ନିଜ ଅଧୀନରେ ଥିବା ଆପାର୍ଟମେଣ୍ଟ ଉପରେ ମାଲିକମାନେ ଋଣ କରିପାରିବେ।

ପୂର୍ବରୁ ଆପାର୍ଟମେଣ୍ଟ ବିକ୍ରୟ କରୁଥିବା ପ୍ରମୋଟରଙ୍କ ନାମରେ କମନ ଏରିଆର ରେକର୍ଡ ଅଫ୍ ରାଇଟସ୍ (ଆର୍‌ଓଆର୍) ରହୁଥିଲା। ଏହି ବିଧେୟକ ପାରିତ ହେବା ପରେ ଉକ୍ତ ଅଞ୍ଚଳ ଆପାର୍ଟମେଣ୍ଟ ଆସୋସିଏଶନ ନାମରେ ରେଜିଷ୍ଟ୍ରେଶନ ଅଧିନିୟମ-୧୯୦୮ ଅନୁଯାୟୀ ରେଜିଷ୍ଟ୍ରି କରାଯିବ। ତେବେ ରିୟଲ ଇଷ୍ଟେଟ ଅଧିନିୟମ (ବିନିୟମ ଓ ଉନ୍ନୟନ) ଆଇନ-୨୦୧୬ ପରେ ଯଦି କୌଣସି ଆପାର୍ଟମେଣ୍ଟ ବିକ୍ରି ହୋଇଥିବ ଏବଂ କମନ ଏରିଆ ଆସୋସିଏଶନ ନାମରେ ଆର୍‌ଓଆର୍ ହୋଇ ନ ଥିବ ସେ କ୍ଷେତ୍ରରେ ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ବିଲ୍-୨୦୨୩ ବ୍ୟବସ୍ଥା ଅନୁଯାୟୀ ୩ ମାସ ମଧ୍ୟରେ ରେଜିଷ୍ଟ୍ରି କରାଯିବାକୁ ବ୍ୟବସ୍ଥା ହୋଇଛି। ପଞ୍ଜୀକରଣ ସମୟରେ ଓଡ଼ିଶା ରିୟଲ ଇଷ୍ଟେଟ ବିନିୟାମକ ପ୍ରାଧିକରଣ(ରେରା) ପଞ୍ଜୀକରଣ ପ୍ରମାଣପତ୍ର ଦେବାକୁ ହେବ। ଆପାର୍ଟମେଣ୍ଟ ମାଲିକମାନେ ସଂଘର ବାଇ-ଲ'କୁ ମାନି ଚଳିବାକୁ ହେବ। କମନ ଏରିଆ ଯେଉଁ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ କେବଳ ସେହି ଉଦ୍ଦେଶ୍ୟରେ ହିଁ ବ୍ୟବହାର କରାଯିବ। ଆପାର୍ଟମେଣ୍ଟ ସଂଘର ନୀତିନିୟମକୁ କୌଣସି ପରିସ୍ଥିତିରେ ବାଧା ଦେବା କିମ୍ବା ହସ୍ତକ୍ଷେପ କରାଯାଇ ପାରିବ ନାହିଁ। ମାଲିକମାନେ ନିଜ ଆପାର୍ଟମେଣ୍ଟକୁ ନିଜ ଖର୍ଚ୍ଚରେ ମରାମତି କିମ୍ବା ରକ୍ଷଣାବେକ୍ଷଣ କରିପାରିବେ। ମାତ୍ର ସାଧାରଣ ସ୍ଥାନରେ ଥିବା କୌଣସି ଭାଗକୁ କ୍ଷତି ପହଞ୍ଚାଇ ପାରିବେ ନାହିଁ। ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ହାଇଡ୍ରୋଜେନ୍

# ୱାହିଦା ରେହମାନଙ୍କୁ ଦାଦା ସାହେବ ଫାଲ୍‌କେ

ନୂଆଦିଲ୍ଲୀ, ୨୬।୯



### ଗଞ୍ଜାମ କଳା ପରିଷଦ ମଞ୍ଚରେ ପ୍ରଥମେ ନୃତ୍ୟ ପରିବେଷଣ କରିଥିଲେ

### ୫ ଦଶନ୍ଧିର କ୍ୟାରିୟର, ୯୦ ଫିଲ୍ମରେ ଅଭିନୟ

ବର୍ଷୀୟାନ ଅଭିନେତ୍ରୀ ୱାହିଦା ରେହମାନଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯିବ। ଦେଶର ଅନ୍ୟତମ ସର୍ବଶ୍ରେଷ୍ଠ ଅଭିନେତ୍ରୀ ଭାବେ ଜଣାଶୁଣା ୱାହିଦା 'ପ୍ୟାସା', 'ସିଆଇଡି', 'କାଗଜ କେ ଫୁଲ', 'ଖାମୋସି' ଏବଂ 'ତ୍ରିଶୂଳ' ଭଳି ଫିଲ୍ମରେ ନିଜ ଅଭିନୟର ଯାଦୁକରୀ ଦେଖାଇ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ। ତାଙ୍କୁ ଭାରତୀୟ ସିନେମା ଜଗତର ଏହି ସର୍ବୋଚ୍ଚ ସମ୍ମାନ ଦିଆଯିବା ନେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ମଙ୍ଗଳବାର ଘୋଷଣା କରିଛନ୍ତି। ଚଳଚ୍ଚିତ୍ର ଜଗତ ପ୍ରତି ୱାହିଦାଙ୍କ ଅବଦାନ ଉଲ୍ଲେଖନୀୟ। ତାଙ୍କୁ ଦାଦାସାହେବ ଫାଲ୍‌କେ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରାଯିବ ବୋଲି ଅନୁରାଗ ନିଜ ଏକ୍ସ' ହ୍ୟାଣ୍ଡେଲରେ ଉଲ୍ଲେଖ କରିଛନ୍ତି। ଏଥିସହ ୱାହିଦାଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। ☞ପୃଷ୍ଠା-୪

# 'ପୁଅ କହିଲେ, ଝିଅ ଦେଲେ'

## କ୍ୟାପିଟାଲ ହସ୍ପିଟାଲରେ ଶିଶୁ ବଦଳ ଅଭିଯୋଗ

ଭୁବନେଶ୍ୱର, ୨୬।୯ (ଅସମାପିକା ସାହୁ)

ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ନବଜାତ ଶିଶୁ ଅଦଳବଦଳ ହୋଇଥିବା ଅଭିଯୋଗ ହୋଇଛି। ପ୍ରଥମେ ପୁଅ ଜନ୍ମ ହୋଇଥିବା କହି ପରେ ଝିଅ ଦିଆଯାଇଥିବା ଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି ନବଜାତ ଶିଶୁର ବାପା ତଥା କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳର ପ୍ରାଣକୃଷ୍ଣ ବିଶ୍ୱାଳ। ମଙ୍ଗଳବାର ସେ ଏ ସଂକ୍ରାନ୍ତରେ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ଜଣାଇବା ସହ ଶିଶୁର ଡିଏନ୍ଏ ଟେଷ୍ଟ ଦାବି କରିଛନ୍ତି। ଏପରିକି ଡିଏନ୍ଏ ଟେଷ୍ଟ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ନବଜାତ ଶିଶୁକୁ ନେବେ ନାହିଁ ବୋଲି ପ୍ରାଣକୃଷ୍ଣ କହିଛନ୍ତି। ଏଥିସହ ସେ କ୍ୟାପିଟାଲ ଥାନାରେ ମଧ୍ୟ ଏନେଇ ଏତଲା ଦେଇଛନ୍ତି। ତେବେ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ଅନ୍ୟପକ୍ଷରେ ପୋଲିସ ମଧ୍ୟ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

ପ୍ରାଣକୃଷ୍ଣଙ୍କ ଅଭିଯୋଗ ଅନୁସାରେ, ଗର୍ଭଯନ୍ତ୍ରଣା ବଢ଼ିବାରୁ ସ୍ତ୍ରୀଙ୍କୁ ସୋମବାର ଅପରାହ୍ନ ପ୍ରାୟ ୪ଟା ୩୦ରେ ସେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ରାତି ପ୍ରାୟ ୧୦ଟାରେ ତାଙ୍କର ପୁଅ ହୋଇଥିବା ନେଇ ମେଡିକାଲ କର୍ମଚାରୀ କହିଥିଲେ। ପରେ ଜଣେ ନର୍ସ ଶିଶୁଟିକୁ ତାଙ୍କ ଶାଶୁଙ୍କୁ ଦେଇଥିଲେ। ☞ପୃଷ୍ଠା-୪



**ଦୋକାନରୁ ୨୫ କୋଟିର ଗହଣା ଲୁଟ୍**

ନୂଆଦିଲ୍ଲୀର ଭୋଗଲ ଅଞ୍ଚଳରେ ଥିବା ଏକ ଜୁଏଲେରୀ ଦୋକାନର ଷ୍ଟ୍ରଙ୍ଗରୁମ୍ କାନ୍ଥରେ କଣା କରି ଚୋରମାନେ ୨୫ କୋଟି ଟଙ୍କା ମୂଲ୍ୟର ଗହଣା ନେଇ ଚମ୍ପଟ୍ ମାରିଛନ୍ତି। ଦିଲ୍ଲୀରେ ଏହା ସବୁଠୁ ବଡ଼ ଡକାୟତି ଘଟଣା। ପୋଲିସ ଏହାର ତଦନ୍ତ ଚଳାଇଥିବା କହିଛି। ଦୋକାନ ମାଲିକ ସଞ୍ଜୀବ ଜୈନଙ୍କ କହିବା ଅନୁଯାୟୀ ତାଙ୍କ ଦୋକାନ ରବିବାର ବନ୍ଦ ରହିଥିଲା। ମଙ୍ଗଳବାର ଦୋକାନ ଖୋଲିଲା ପରେ ଚୋରି ହୋଇଥିବା ଜଣାପଡ଼ିଥିଲା।

# କାନାଡା ଶିଖ୍‌ଙ୍କ ଭାରତ ବିରୋଧୀ ବିକ୍ଷୋଭ

**ଟରଣ୍ଟୋ,୨୬।୯**

ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜର ହତ୍ୟାରେ ନୂଆଦିଲ୍ଲୀର ଭୂମିକା ଥିବା କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଅଭିଯୋଗ ଆଣିବାର ସପ୍ତାହେ ପରେ ସେଠାରେ ଥିବା ଭାରତୀୟ କୂଟନୈତିକ ମିଶନ ବାହାରେ ଶହ ଶହ ସଂଖ୍ୟାରେ ଶିଖ୍ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋକୁ ନଷ୍ଟ କରିବା ସହ ଭାରତୀୟ ପତାକା ପୋଡ଼ିଥିଲେ। ଆମେ ପଞ୍ଜାବ ଫେରିବା ନିରାପଦ ନୁହେଁ, ଆମେ କାନାଡାରେ ମଧ ସୁରକ୍ଷିତ ନୋହୁଁ ବୋଲି ଟରଣ୍ଟୋରେ ଶିଖ୍ ସମ୍ପ୍ରଦାୟର ସଦସ୍ୟ ଜୋ ହୋଥା କହିଛନ୍ତି। ନିଜ୍ଜର ହତ୍ୟାରେ ଭାରତର ଏଜେଣ୍ଟ ସମ୍ପୃକ୍ତ ବୋଲି ପ୍ରଧାନମନ୍ତ୍ରୀ ଟ୍ରୁଡୋ ପାର୍ଲାମେଣ୍ଟରେ କହିସାରିଥିବାରୁ ଆଉ କ୍ଷମା ନାହିଁ ବୋଲି ଶିଖ୍ ବିକ୍ଷୋଭକାରୀ ହରପାର ଗୋସାଲ କହିଛନ୍ତି। ଭାରତୀୟ ଆତଙ୍କବାଦୀ ଆମ ଭାଇଙ୍କୁ ଭାଙ୍କୋଭରରେ ହତ୍ୟା କରିଥିବାରୁ ଆବେ ଭାରତୀୟ ବାଣିଜ୍ୟିକ ଦୂତାବାସ ବାହାରେ ବିକ୍ଷୋଭ କରୁଛୁ ବୋଲି କାନାଡାର ଶିଖ୍‌ମାନେ କହିଛନ୍ତି। ବିକ୍ଷୋଭକାରୀମାନେ ହାତରେ ଖଲିସ୍ତାନୀ ପତାକା ଧରିଥିଲେ। ଟରଣ୍ଟୋ ସମେତ ଓଟାୱା ଏବଂ ଭାଙ୍କୋଭରରେ ମଧ ବିକ୍ଷୋଭ କରାଯାଇଛି।



ଟରଣ୍ଟୋସ୍ଥିତ ଭାରତୀୟ କୂଟନୈତିକ ମିଶନ ବାହାରେ କାନାଡା ଶିଖ୍‌ମାନେ ଭାରତ ବିରୋଧରେ ବିକ୍ଷୋଭ କରୁଛନ୍ତି।


ଇଟାଲୀର ଫ୍ଲୋରେନ୍ସସ୍ଥିତ ଡେଲ୍ ଆକାଡେମିଆ ଗ୍ୟାଲେରିରେ ଥିବା ଡାଭିଡ୍ (ନାଗରିକ ସ୍ୱାଧୀନତା ସୁରକ୍ଷାର ପ୍ରତୀକ) ପ୍ରତିମୂର୍ତ୍ତିକୁ ଜଣେ ପୁନରୁଦ୍ଧାରକାରୀ ସଫା କରୁଛନ୍ତି। ପ୍ରଖ୍ୟାତ ସ୍ଥପତି ମିଶେଲାନ୍‌ଗେଲୋ ୧୭ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ବିବସ୍ତ୍ର ମୂର୍ତ୍ତିକୁ ୧୫୦୧-୧୫୦୪ରେ ନିର୍ମାଣ କରିଥିଲେ।

## କାନାଡା ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଲଟିଛି: ଶ୍ରୀଲଙ୍କା ମନ୍ତ୍ରୀ

**ନ୍ୟୁୟର୍କ,୨୬।୯:** ଭାରତ-କାନଡା କୂଟନୈତିକ ବିବାଦକୁ ନେଇ ଶ୍ରୀଲଙ୍କା ବହିର୍ବ୍ୟାପାର ମନ୍ତ୍ରୀ ଅଲି ସାବ୍ରି ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। କାନାଡା ଆତଙ୍କବାଦୀଙ୍କ ସୁରକ୍ଷିତ ଭୂସ୍ୱର୍ଗ ପାଲଟିଛି। ଏହାର ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ବିନା ପ୍ରମାଣରେ ଉତ୍ତେଜନାପୂର୍ଣ୍ଣ ଅଭିଯୋଗ ଆଣିଛନ୍ତି। ଟ୍ରୁଡୋ ଅନେକ ସମୟରେ ଉତ୍ତେଜକ ତଥା ପ୍ରମାଣ ନ ଥିବା ଅଭିଯୋଗ କରିଥାନ୍ତି। ଶ୍ରୀଲଙ୍କାରେ କୌଣସି ଗଣହତ୍ୟା ହୋଇ ନ ଥିବା ସମସ୍ତେ ଜାଣନ୍ତି। କିନ୍ତୁ ଟ୍ରୁଡୋ ଏଭଳି ଏକ ମନଗଢ଼ା ଅଭିଯୋଗ ଆଣିଥିଲେ ବୋଲି ଅଲି କହିଛନ୍ତି।

## ୨ ବିମାନ ଧକ୍କା: ୫ ମୃତ

**ମେକ୍ସିକୋ ସିଟି,୨୬।୯:** ମେକ୍ସିକୋର ଉତ୍ତର ଭାଗରେ ଥିବା ଡୁରାଙ୍ଗୋ ରାଜ୍ୟରେ ଦୁଇଟି ଘରୋଇ ବିମାନ ମଧ୍ୟରେ ଧକ୍କାହେବାରୁ ଜଣେ ଶିଶୁ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ଲା ଗାଲାନ୍‌ସିଟା ସହରର ଏକ ଅପରିଷ୍କାର ଏୟାରଷ୍ଟ୍ରିପ୍‌ରେ ସୋମବାର ଏହି ଦୁର୍ଘଟଣା ଘଟିଥିଲା। ଗୋଟିଏ ବିମାନ ଉଡ଼ାଣ ଆରମ୍ଭ କରୁଥିବାବେଳେ ଅନ୍ୟଟି ଲ୍ୟାଣ୍ଡିଂ କରିବାରୁ ସେମାନଙ୍କ ମଧ୍ୟରେ ଧକ୍କା ହୋଇଥିଲା ବୋଲି ରାଜ୍ୟର ସୁରକ୍ଷା ସଚିବାଳୟ ପକ୍ଷରୁ କୁହାଯାଇଛି। ଦୁର୍ଘଟଣା ଯୋଗୁ ଦୁଇଟି ବିମାନରେ ନିଆଁ ଲାଗିଯାଇଥିଲା।

## ପଞ୍ଜାବର ପୂର୍ବତନ ମନ୍ତ୍ରୀଙ୍କ ବିରୋଧରେ ଗିରଫ ପରୱାନା

**ଚଣ୍ଡିଗଡ଼,୨୬।୯:** ସମ୍ପତ୍ତି କିଣାରେ ଅନିୟମିତତାକୁ ନେଇ ପଞ୍ଜାବର ପୂର୍ବତନ ଅର୍ଥମନ୍ତ୍ରୀ ମନପ୍ରୀତ୍ ସିଂ ବାଦଲଙ୍କ ବିରୋଧରେ ରାଜ୍ୟ ଭିଜିଲାନ୍ସ ବ୍ୟୁରୋ ମାମଲା ରୁଜୁ କରିଥିବାବେଳେ ମଙ୍ଗଳବାର ଏକ ଅଦାଲତ ତାଙ୍କ ନାଁରେ ଗିରଫ ପରୱାନା ଜାରି କରିଛନ୍ତି।



ଗତ ଜାନୁୟାରୀରେ ମନପ୍ରୀତ୍ ଭାଜପାରେ ଯୋଗଦେଇଥିଲେ। ସେ ମନ୍ତ୍ରୀ ଥିବାବେଳେ କ୍ଷମତାର ଅପବ୍ୟବହାର କରି ବଠିଣ୍ଡାରେ ଦୁଇଟି ବ୍ୟବସାୟିକ ପ୍ଲଟ୍‌କୁ ବାସୋପଯୋଗୀ ପ୍ଲଟ୍‌ରେ ପରିବର୍ତ୍ତନ କରାଇ ନିଜ ନାଁରେ କିଣିଥିବା ଅଭିଯୋଗ ହୋଇଥିଲା।

# ପକ୍ଷ ଛେଦନ ନା 'ଇଣ୍ଡିଆ'କୁ ଡର

**ଭାଜପାର ସର୍ବାଧିକ ସମୟ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ନେତା ଶିବରାଜ ସିଂ ଚୌହାନ ଜାତୀୟ ରାଜନୀତିର ଜଣେ ଚର୍ଚ୍ଚିତ ଚେହେରା। କିନ୍ତୁ ଚଳିତବର୍ଷ ଶେଷ ଆଡ଼କୁ ହେବାକୁ ଥିବା ମଧ୍ୟପ୍ରଦେଶ ନିର୍ବାଚନରେ ସେ ଦଳୀୟ ଗୁରୁତ୍ୱ ହରାଇପାରନ୍ତି। ତାଙ୍କୁ ଭାଜପା ଆଉ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରି ନ ପାରେ ବୋଲି ଆଶଙ୍କା ଉପୁଜିଛି। କାରଣ ୨୩୦ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ଦଳ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ଜାରି ୭୯ ଜଣିଆ ପ୍ରାର୍ଥୀ ତାଲିକାରେ ୩ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟ ୪ ଜଣ ଏମ୍‌ପି ଥିବାବେଳେ ମୁଖ୍ୟମନ୍ତ୍ରୀ ଶିବରାଜଙ୍କୁ ଏଯାଏ ଟିକେଟ ଦିଆଯାଇନାହିଁ। ଏପରି କି ସେ କେଉଁ ଆସନରୁ ଲଢ଼ିବେ ତାହା ମଧ ଦଳ ସ୍ପଷ୍ଟ କରୁନାହିଁ। ଭାଜପାର ଏହି ପକ୍ଷ ଛେଦନ ରଣନୀତି ଶିବରାଜଙ୍କ ରାଜନୈତିକ ଭବିଷ୍ୟତ ଉପରେ ପ୍ରଶ୍ନଚିହ୍ନ ଲଗାଇଛି।**


ଶିବରାଜ ସିଂ ଚୌହାନ

## ଭାଜପା ପ୍ରାର୍ଥୀ ତାଲିକାରେ ୩ କେନ୍ଦ୍ରମନ୍ତ୍ରୀ, କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ନାମ ନାହିଁ

## ଶିବରାଜଙ୍କ ରାଜନୈତିକ ଭବିଷ୍ୟତ ଉପରେ ପ୍ରଶ୍ନଚିହ୍ନ

**ନୂଆଦିଲ୍ଲୀ/ଭୋପାଳ,୨୬।୯**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

୨୦୧୮ ନଭେମ୍ବର ୨୮ରେ ଅନୁଷ୍ଠିତ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ୧୧୪ ଆସନ ଦଖଲ କରିଥିବା କଂଗ୍ରେସ ଝୁଲା ସରକାର ଗଠନ କରିଥିଲା। ଭାଜପା ୧୦୯ ଆସନରେ ସୀମିତ ରହିଥିଲେ ବି ଏପରି ପେଞ୍ଚ କରିଥିଲା ଯେ, କଂଗ୍ରେସ ସରକାରର ପତନ ଘଟିଥିଲା। ଜ୍ୟୋତିରାଦିତ୍ୟ ସିନ୍ଧିଆ ବିଦ୍ରୋହୀ ସାଜି ୨ ଡଜନରୁ ଊର୍ଦ୍ଧ୍ୱ ଅନୁଗତ ବିଧାୟକଙ୍କୁ ନେଇ ଭାଜପାରେ ସାମିଲ ହୋଇଥିଲେ। ଫଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ କମଲନାଥଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା। ଏଥିପାଇଁ ସିନ୍ଧିଆଙ୍କୁ କେନ୍ଦ୍ରମନ୍ତ୍ରୀ କରି ପୁରସ୍କୃତ କରାଯାଇଥିଲା। କଂଗ୍ରେସର ୫ ବର୍ଷରୁ ୩ ବର୍ଷ ଶାସନ ଭାଜପା ଛଡ଼ାଇନେଇଥିଲା, ଯାହାର ପ୍ରତିଶୋଧ ନେବା ପାଇଁ ସର୍ବପୁରାତନ ଦଳ ଏବେ ଅଣ୍ଟା ଭିଡ଼ିଛି। ଏଭଳି ସ୍ଥିତିରେ ୨୦୨୪ ପୂର୍ବରୁ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଭୋଟ ପାଇଁ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାଜପା ଏବଂ କଂଗ୍ରେସ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ଏହିକ୍ରମରେ ଗତ ଅଗଷ୍ଟରୁ ଅଦ୍ୟାବଧି ଭାଜପା ପକ୍ଷରୁ ୨ଟି ପର୍ଯ୍ୟାୟରେ ୭୯ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ପ୍ରାର୍ଥୀମାନଙ୍କ ମଧ୍ୟରେ ରହିଛନ୍ତି କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, ପ୍ରହ୍ଲାଦ ସିଂ ପଟେଲ ଓ ଫଗନ ସିଂ କୁଲସ୍ତେ। ସେହିପରି ଅନ୍ୟ ୪ ଦଳୀୟ ଏମ୍‌ପି ଗଣେଶ ସିଂ, ରିତି ପାଠକ, ରାକେଶ ସିଂ ଓ ଉଦୟ ପ୍ରତାପ ସିଂଙ୍କୁ ମଧ ଭାଜପା ଟିକେଟ ଦେଇଛି। ଏପରି କି ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହୁଥିବା ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କୈଳାସ ବିଜୟଭର୍ଗୀୟଙ୍କୁ ମଧ ପ୍ରାର୍ଥୀ କରାଯାଇଛି। କିନ୍ତୁ ମୁଖ୍ୟମନ୍ତ୍ରୀ ଶିବରାଜଙ୍କ ନାମ ଅଦ୍ୟାବଧି ଘୋଷଣା କରାଯାଇନାହିଁ। ଭାଜପା ପକ୍ଷରୁ ଆହୁରି ୧୫୧ ଆସନରେ ପ୍ରାର୍ଥୀ ଦେବା ବାକି ଥିଲେ ହେଁ ୬୪ ବର୍ଷୀୟ ଶିବରାଜଙ୍କୁ ନେଇ କଂଗ୍ରେସ କଟାକ୍ଷ କରିଛି। ରାଜ୍ୟରେ ସରକାର ବିରୋଧୀ ହାୱା ବହୁଛି। ଶାସକ ଦଳରେ ବିଶ୍ୱାସ ସଙ୍କଟ ସୃଷ୍ଟି ହୋଇଛି। ଭାଜପାର ଡବଲ ଇଞ୍ଜିନ ସରକାର ପରାଜୟ ସ୍ୱୀକାର କରିଥିବା ମଧ୍ୟପ୍ରଦେଶ କଂଗ୍ରେସ କମିଟି (ଏମ୍‌ପିସିସି) ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥ କହିଛନ୍ତି।

ବର୍ତ୍ତମାନ ସୁଦ୍ଧା ଅନ୍ୟ ରାଜ୍ୟଗୁଡ଼ିକ ଭଳି ମଧ୍ୟପ୍ରଦେଶ ନିର୍ବାଚନୀ ପ୍ରଚାରର କେନ୍ଦ୍ରସ୍ଥଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରହିଆସିଛନ୍ତି। ସୋମବାର ମୋଦିଙ୍କ ଭୋପାଳ ଗସ୍ତର କିଛି ଘଣ୍ଟା ପରେ ପ୍ରକାଶିତ ଭାଜପା ପ୍ରାର୍ଥୀ ତାଲିକାରେ ୩ କେନ୍ଦ୍ରମନ୍ତ୍ରୀଙ୍କ ସମେତ ୭ ଏମ୍‌ପିଙ୍କ ନାମ ଯେତିକି ବିସ୍ମିତ କରିଛି ସେଥିରୁ ଅଧିକ ଆଶ୍ଚର୍ଯ୍ୟଚକିତ କରିଛି ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ନେଇ ନୀରବତା। କଂଗ୍ରେସ ନେତା ରଣଦୀପ ସୂର୍ଯ୍ୟୋୱାଲାଙ୍କ ମତରେ ଭାଜପା ବର୍ତ୍ତମାନ ବିରୋଧୀଙ୍କୁ ନେଇ ଭୟଭୀତ। ତେଣୁ ଶାସକ ଦଳ 'ବୁଡ଼ିଯାଉଥିବା ଜାହାଜ'କୁ ରକ୍ଷା କରିବା ପାଇଁ କେନ୍ଦ୍ରୀୟ ନେତାମାନଙ୍କୁ ବିଧାନସଭା ନିର୍ବାଚନରେ ଟିକେଟ ଦେଇଛି। ଏହି ବଡ଼ ନେତାମାନେ ଶିବରାଜଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ। ସୂତ୍ରରୁ ଜଣାପଡ଼ିଛି ଯେ ଚଳିତବର୍ଷ ନିର୍ବାଚନ ହେବାକୁ ଥିବା ହିନ୍ଦୀଭାଷୀ ରାଜ୍ୟ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ଭାଜପା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା ନ କରି ସାମୂହିକ ନେତୃତ୍ୱ ଜରିଆରେ 'ଏକତା'ର ସନ୍ଦେଶ ଦେବାକୁ ଯାଉଛି। ତେଲଙ୍ଗାନା ଓ ମିଜୋରାମରେ ମଧ ଅନୁରୂପ ରଣନୀତି ଆପଣାଇପାରେ। ୨୬ ଦଳ ଏକାଠି ହୋଇ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ନାମରେ ଗଢ଼ିଥିବା ବ୍ଲକ୍‌ର ପ୍ରଭାବ ବୃଦ୍ଧି ଘଟୁଥିବାବେଳେ ଶକ୍ତିଶାଳୀ ଭାଜପା ପ୍ରଥମ ଥର ପାଇଁ ଏକ ଅଣବିଭାଜିତ ବିରୋଧୀକୁ ସାମ୍ନା କରିବାକୁ ଯାଉଛି। ତେଣୁ କେନ୍ଦ୍ରରେ ସରକାର ଗଢ଼ିଥିବା ଏହି ଦଳ ଆଗକୁ ଆଉ କ'ଣ ସବୁ ଉପାୟ ପାଞ୍ଚୁଛି ତା' ଉପରେ ନଜର ରହିବ।

> "ମଧ୍ୟପ୍ରଦେଶରେ ଭାଜପା ପରାଜୟ ସ୍ୱୀକାର କରିସାରିଛି। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଦାବି କରୁଥିବା ୧୫ରୁ ଊର୍ଦ୍ଧ୍ୱ ବର୍ଷର ବିକାଶକୁ ଭାଜପାର ପ୍ରାର୍ଥୀ ତାଲିକା ପ୍ରତ୍ୟାଖ୍ୟାନ କରିଛି। ଏହା ହେଉଛି ଦଳ ଭିତରେ ପରାଜୟର ସ୍ୱୀକାରୋକ୍ତି। ଏଥର ଭୋଟର ଭାଜପାବାଲାଙ୍କ ୧୮.୫ ବର୍ଷ କୁଶାସନର ହିସାବ ନେବେ।
> **-କମଲନାଥ, ମଧ୍ୟପ୍ରଦେଶ କଂଗ୍ରେସ ସଭାପତି**



# ବେଙ୍ଗାଲୁରୁ ବନ୍ଦ ବେଳେ ହଜାରେ ଅଟକ

**ତାମିଲନାଡୁକୁ କାବେରୀ ଜଳ ଛାଡ଼ିବାକୁ ବିରୋଧ**

**ବେଙ୍ଗାଲୁରୁ,୨୬।୯**

ତାମିଲନାଡୁକୁ କାବେରୀ ଜଳ ଛାଡ଼ିବାକୁ ବିରୋଧକରି କର୍ନାଟକ ଜଳ ସଂରକ୍ଷଣ ସମିତି (କେଜେଏସ୍‌ଏସ୍) ପକ୍ଷରୁ ମଙ୍ଗଳବାର ବେଙ୍ଗାଲୁରୁ ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦକୁ ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ସମର୍ଥନ ଜଣାଇଛନ୍ତି। ଫଳରେ ସହରରେ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। ସକାଳର ଗହଳି ସମୟରେ ବେଙ୍ଗାଲୁରୁର ମୁଖ୍ୟ ରାସ୍ତାଗୁଡ଼ିକ ଜନଶୂନ୍ୟ ହୋଇଯାଇଥିବାବେଳେ ଦୋକାନ ବଜାର, ହୋଟେଲ, ରେଷ୍ଟୁରାଣ୍ଟ ବନ୍ଦ ରହିଥିଲା। ରାମନଗରରେ କନ୍ନଡ କର୍ମୀମାନେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ଫଟୋରେ ଶ୍ରଦ୍ଧାଞ୍ଜଳି ଦେଇ ସେମାନଙ୍କ କ୍ରୋଧ ଜଣାଇଥିଲେ। ବନ୍ଦ ବେଳେ କୃଷକ ନେତାଙ୍କ ସମେତ ୧,୦୦୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ପୋଲିସ ଅଟକ ରଖିଛି। ସାରା ସହରରେ ୧୪୪ ଧାରା ଜାରି ହୋଇଥିବା ବେଙ୍ଗାଲୁରୁ ପୋଲିସ କମିଶନର ବି. ଦୟାନନ୍ଦ କହିଛନ୍ତି। କଟକଣା ଓ କୋର୍ଟଙ୍କ ନିର୍ଦ୍ଦେଶ ଯୋଗୁ ସହରରେ କୌଣସି ବନ୍ଦ କିମ୍ବା ଶୋଭାଯାତ୍ରାକୁ ଅନୁମତି ଦିଆଯାଇ ନ ଥିଲା।

କାବେରୀ ନଦୀଜଳ ବଣ୍ଟନ ପ୍ରସଙ୍ଗକୁ ନେଇ ତାମିଲନାଡୁ ଓ କର୍ନାଟକ ମଧ୍ୟରେ ବହୁ ଦଶନ୍ଧି ହେଲା ବିବାଦ ଲାଗିରହିଛି। ସେପ୍ଟେମ୍ବର ୧୩ରୁ ୧୫ ଦିନ ପାଇଁ ତାମିଲନାଡୁକୁ ୫,୦୦୦ କ୍ୟୁସେକ୍ ଜଳ ଛାଡ଼ିବା ପାଇଁ କାବେରୀ ଜଳ ପରିଚାଳନା କର୍ତ୍ତୃପକ୍ଷ (ସିଡବ୍ଲ୍ୟୁଏମ୍‌ଏ) କର୍ନାଟକକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କର୍ନାଟକ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ଉକ୍ତ ପିଟିଶନ ଖାରଜ ହୋଇଯିବାରୁ ବିବାଦ ବଢ଼ିଛି। କର୍ନାଟକରେ ପାନୀୟ ଜଳ ଓ ଜଳସେଚନ ପାଇଁ ନଦୀଜଳର ଆବଶ୍ୟକତା ଜରୁରୀ ଥିବାରୁ ଏହା ତାମିଲନାଡୁକୁ ଜଳ ଛାଡ଼ିବା ସ୍ଥିତିରେ ନ ଥିବା କହିଛି।

# କୃଷକଙ୍କ ଅଭିନବ ପ୍ରତିବାଦ

**ତ୍ରିଚି,୨୬।୯**

କର୍ନାଟକ ସରକାର ତାମିଲନାଡୁକୁ କାବେରୀ ଜଳ ଛାଡ଼ିବା ଦାବିରେ ତ୍ରିଚିରେ ଚାଷୀମାନେ ମଙ୍ଗଳବାର ଅଭିନବ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କର୍ନାଟକ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଚାଷୀମାନେ ପାଟିରେ ମୂଷା ଧରି ପ୍ରତିବାଦ ଜଣାଇଥିଲେ। ତ୍ରିଚିରେ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ ଜାତୀୟ ଦକ୍ଷିଣ ଭାରତୀୟ ନଦୀ ଆନ୍ତଃ ସଂଯୋଗ କୃଷକ ସଂଗଠନର ତାମିଲନାଡୁ ଶାଖା ଅଧ୍ୟକ୍ଷ ଆୟାକନ୍ନୁ। ତାମିଲନାଡୁରେ ଚାଷ ବଞ୍ଚାଇବା ପାଇଁ ସେମାନେ କାବେରୀ ଜଳ ଛାଡ଼ିବାକୁ ଦାବି ଜଣାଇଥିଲେ।



# ଲାଗ୍ରାଞ୍ଜି ପଏଣ୍ଟ-୧ ଅଭିମୁଖେ ଆଦିତ୍ୟ-ଏଲ୍୧

**ବେଙ୍ଗାଲୁରୁ,୨୬।୯**

ଭାରତର ପ୍ରଥମ ସୂର୍ଯ୍ୟ ମିଶନରେ ଯାଇଥିବା ଆଦିତ୍ୟ-ଏଲ୍୧ ମହାକାଶ ଯାନ ଏହାର ଗନ୍ତବ୍ୟ ସ୍ଥଳ ଲାଗ୍ରାଞ୍ଜି ପଏଣ୍ଟ ୧ (ଏଲ୍୧) ଅଭିମୁଖେ ଅଗ୍ରସର ହେଉଛି। ଏହା ଏକ ଅନନ୍ୟ ସ୍ଥାନ ଯେଉଁଠି ସୂର୍ଯ୍ୟ ଓ ପୃଥିବୀର ଆକର୍ଷଣ ଶକ୍ତି କ୍ଷୁଦ୍ର ମହାକାଶ ଯାନର ବର୍ତ୍ତୁଳାକାର ଗତିକୁ ସନ୍ତୁଳିତ କରିଥାଏ। ଫଳରେ ମହାକାଶ ଯାନଟି ସେଠାରେ ସ୍ଥିର ହୋଇ ରହେ ଓ କକ୍ଷ ସଂଶୋଧନ ପାଇଁ ସର୍ବନିମ୍ନ ଇନ୍ଧନ ବ୍ୟୟ ହୁଏ। ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂରରେ ସୂର୍ଯ୍ୟ-ପୃଥିବୀର ଏଲ୍୧ ପଏଣ୍ଟରେ ଆଦିତ୍ୟ-ଏଲ୍୧ ଏକ 'ହଲୋ ଅର୍ବିଟ୍'ରେ ରହି କାର୍ଯ୍ୟ କରିବ।

**ମହାକାଶ ସ୍ଥିତି ଆକଳନ କରୁଛି ଇସ୍ରୋ**



ଏଲ୍୧ ପଏଣ୍ଟରେ ପୂର୍ବରୁ କେତେକ ମହାକାଶ ଯାନ ରହିଥିବାରୁ ବର୍ତ୍ତମାନ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଆଦିତ୍ୟ-ଏଲ୍୧ର ସୁରକ୍ଷା ପାଇଁ ମହାକାଶ ସ୍ଥିତି ଆକଳନ କରୁଛି। ପୂର୍ବରୁ ସେଠାରେ ଇଣ୍ଟରନ୍ୟାଶନାଲ ସନ୍-ଆର୍ଥ ଏକ୍ସପ୍ଲୋରର (ଆଇଏସ୍‌ଇଇ-୩), ଜେନେସିସ୍ ମିଶନ, ଇଏସ୍‌ଏର ଲିସା ପାଥ୍‌ଫାଇଣ୍ଡର, ଚାଇନାର ଚେଙ୍ଗ୍ ୫ ଲୁନାର ଅର୍ବିଟର ଏବଂ ନାସାର ଗ୍ରାଭିଟି ରେକୋଭରି ଆଣ୍ଡ୍ ଇଣ୍ଟେରିଅର ରିକୋଭରି (ଜିଆର୍‌ଏଆଇଏଲ୍) ମିଶନ କାର୍ଯ୍ୟରତ ଅଛନ୍ତି। ସେଥିପାଇଁ ଆଦିତ୍ୟ-ଏଲ୍୧ ପାଇଁ ଏକ ସୁରକ୍ଷିତ ସ୍ଥାନ ଆବଶ୍ୟକ। ସେପ୍ଟେମ୍ବର ୨ରେ ଆଦିତ୍ୟ-ଏଲ୍୧କୁ ଲଞ୍ଚ କରାଯାଇଥିଲା। ପୃଥିବୀ ଚାରିପଟେ ଏହା ଏକାଧିକ ଥର ପରିକ୍ରମା କରିବା ପରେ ଗତ ୧୮ରେ ଏଲ୍୧ ପଏଣ୍ଟ ଅଭିମୁଖେ ସିଧା ଯାତ୍ରା ଆରମ୍ଭ କରିଛି। ୨୦୨୪ ଜାନୁୟାରୀରେ ଏହି ମହାକାଶ ଯାନ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ଆଶା କରାଯାଉଛି।

# ୫ କୋଟିଙ୍କ ଜୀବନ ନେବା ଆଶଙ୍କା

**ପରବର୍ତ୍ତୀ ମହାମାରୀ ଆଣିପାରେ ଡିଜିଜ୍ ଏକ୍ସ**

**ଲଣ୍ଡନ,୨୬।୯**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ନାମିତ ଡିଜିଜ୍ ଏକ୍ସ କୋଭିଡ୍-୧୯ ତୁଳନାରେ ଅଧିକ ଭୟାବହ ମହାମାରୀର କାରଣ ହୋଇପାରେ ବୋଲି ବ୍ରିଟେନ୍‌ର ଜଣେ ସ୍ୱାସ୍ଥ୍ୟ ବିଶେଷଜ୍ଞ କେଟ୍ ବିଙ୍ଗହାମ୍ କହିଛନ୍ତି। ସେ ୨୦୨୦ ମେ'ରୁ ଡିସେମ୍ବର ପର୍ଯ୍ୟନ୍ତ ବ୍ରିଟେନ୍‌ର ଭାକ୍ସିନ୍ ଟାସ୍କଫୋର୍ସ ଅଧ୍ୟକ୍ଷ ଥିଲେ। ତାଙ୍କ ମତରେ ନୂଆ ଭୂତାଣୁ ୧୯୧୯-୨୦ର ସ୍ପାନିସ୍ ଫ୍ଲୁ ଭଳି ଭୟାବହ ହୋଇପାରେ। ଡବ୍ଲ୍ୟୁଏଚ୍‌ଓ କହିବା ଅନୁଯାୟୀ, ଡିଜିଜ୍ ଏକ୍ସ ଏକ ନୂଆ ଭୂତାଣୁ, ଜୀବାଣୁ କିମ୍ବା ଫଙ୍ଗସ ହୋଇପାରେ, ଯାହାର କୌଣସି ଚିକିତ୍ସା ଜଣାନାହିଁ।



ସୂଚନାଯୋଗ୍ୟ, ସ୍ପାନିସ୍ ଫ୍ଲୁ ବିଶ୍ୱବ୍ୟାପୀ ୫ କୋଟି ଲୋକଙ୍କ ଜୀବନ ନେଇଥିଲା, ଯାହା ପ୍ରଥମ ବିଶ୍ୱଯୁଦ୍ଧ ମୃତ୍ୟୁସଂଖ୍ୟାର ୨ ଗୁଣ। ଏବେ ଅନେକ ଭୂତାଣୁ ଦେଖାଦେଲେଣି, ଯାହା ସେହିଭଳି ମୃତ୍ୟୁ ଘଟାଇପାରେ ବୋଲି ଆଶଙ୍କା କରାଯାଉଛି। ଡିଜିଜ୍ ଏକ୍ସ ବିପଦର ମୁକାବିଲା କରିବାକୁ ହେଲେ ସାରା ବିଶ୍ୱରେ ଗଣ ଟିକାକରଣ ଅଭିଯାନ ଚଳାଇବା ସହ ଏହି ଡୋଜ୍‌କୁ ରେକର୍ଡ ଥର ଦେବାକୁ ପଡ଼ିବ ବୋଲି ବିଙ୍ଗହାମ୍ କହିଛନ୍ତି। ତାଙ୍କ କହିବା ଅନୁଯାୟୀ ବୈଜ୍ଞାନିକମାନେ ୨୫ ଭୂତାଣୁ ପରିବାରକୁ ଚିହ୍ନଟ କରିଥିବାବେଳେ ୧୦ ଲକ୍ଷରୁ ଅଧିକ ଅନାବିଷ୍କୃତ ଭାରିଆଣ୍ଟ ରହିଛି, ଯାହାକି ଗୋଟିଏ ପ୍ରଜାତିରୁ ଅନ୍ୟକୁ ସଂକ୍ରମିତ ହୋଇପାରେ। କୋଭିଡ୍‌ରେ ୨ କୋଟିରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ବହୁ ସଂଖ୍ୟାରେ ଏହି ରୋଗରେ ଆକ୍ରାନ୍ତ ହୋଇଥିଲେ ମଧ ଆରୋଗ୍ୟ ଲାଭ କରିଥିଲେ। ଡିଜିଜ୍ ଏକ୍ସ ମିଳିମିଳା ଭଳି ଦ୍ରୁତ ସଂକ୍ରାମକ ହୋଇଥିବାବେଳେ ଇବୋଲା ଭଳି ଏଥିରେ ମୃତ୍ୟୁହାର ଯଥେଷ୍ଟ ଅଧିକ। ବିଶ୍ୱର କୌଣସି ନା କୌଣସି ସ୍ଥାନରେ ଏହାର ପ୍ରତିରୂପ ରହିଛି ଓ ଖୁବ୍‌ଶୀଘ୍ର ଏଥିରେ କେହି ଆକ୍ରାନ୍ତ ହୋଇପାରନ୍ତି ବୋଲି ବିଙ୍ଗହାମ୍ ସତର୍କ କରାଇଛନ୍ତି।

# ଏମ୍‌ସରେ ଖୋଲିବ ୩ ନୂଆ ବିଭାଗ

**ଭୁବନେଶ୍ୱର, ୨୬।୯ (ଅସମାପିକା ସାହୁ)**

ରୋଗୀ ସେବାକୁ ତ୍ୱରାନ୍ୱିତ କରିବା ପାଇଁ ଏମ୍‌ସ ଭୁବନେଶ୍ୱର ଆଉ ତିନୋଟି ବିଭାଗ ଖୋଲିବ। ଏହି ବିଭାଗଗୁଡ଼ିକ ହେଲା ସଂକ୍ରାମକ ରୋଗ ବିଭାଗ, ବାୟୋ ଇନ୍‌ଫର୍ମାଟିକ୍ସ ବିଭାଗ ଏବଂ ବାୟୋଷ୍ଟାଟିଷ୍ଟିକ୍ସ ବିଭାଗ। ଷ୍ଟାଣ୍ଡିଂ ଏକାଡେମିକ୍ କମିଟି ଏହାର ଅନୁମୋଦନ ପ୍ରଦାନ କରିଛି। ଏହା ରୋଗୀ ସେବା ତଥା ଅନ୍ୟାନ୍ୟ ସେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି। ଏମ୍‌ସର ଏକାଦଶ ବାର୍ଷିକ ଉତ୍ସବ ଅବସରରେ ଡା. ବିଶ୍ୱାସ ଏହି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇଆଇଟି

### ବାର୍ଷିକୋତ୍ସବରେ ସୂଚନା ଦେଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରକମଲକର ଯୋଗଦେଇ ଉଲ୍ଲେଖନୀୟ ସ୍ୱାସ୍ଥ୍ୟସେବା ପାଇଁ ଏମ୍‌ସ ଭୁବନେଶ୍ୱରକୁ ଅଭିନନ୍ଦନ ଜଣାଇବା ସହ ଗବେଷଣା ଏବଂ ରୋଗୀ ସେବା ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର, ଅଧ୍ୟାପକ ଓ କର୍ମଚାରୀଙ୍କୁ ନେଇ ଏକାଧିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହିତ ବାହାନଗା ଟ୍ରେନ୍ ଦୁର୍ଘଟଣାର ମୃତ ଶରୀର ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଡାକ୍ତର, ପାରାମେଡିକାଲ୍ ଓ ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ ସ୍ମରଣିକା 'ଦି ଇନ୍‌ସାଇଟ୍'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିପରି ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କ ଦ୍ୱାରା ଲିଖିତ ପୁସ୍ତକ କ୍ଲିନିକାଲ୍ ଫିଚର୍ସ ଅଫ୍ ମେଲିଡିଓସିସ୍‌କୁ ମଧ୍ୟ ଅତିଥିମାନେ ଉନ୍ମୋଚନ କରିଥିଲେ। ଡିନ୍ (ଏକାଡେମିକ୍ସ) ଡା. ପି.ଆର୍. ମହାପାତ୍ର, ଡିନ୍ (ଗବେଷଣା) ଡା. ସତ୍ୟଜିତ୍ ମିଶ୍ର, ଡିନ୍ (ପରୀକ୍ଷା) ଡା. ସୌଭାଗ୍ୟ କୁମାର ଜେନା, ମେଡିକାଲ ଅଧୀକ୍ଷକ ଡା. ଦିଲ୍ଲୀପ କୁମାର ପରିଡ଼ା, ଭାରପ୍ରାପ୍ତ କୁଳସଚିବ ଡା. ଦେବୋପ୍ରିୟ ବନ୍ଦୋପଧ୍ୟାୟ, ଭାରପ୍ରାପ୍ତ ଡିଡିଏ ରଶ୍ମି ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ କମିଟିର ଆବାହକ ଡା. ଶ୍ୱେତା ସିଂ ଏବଂ ସହଆବାହକ ଡା. ସୋମନାଥ ପାଢ଼ୀ ପ୍ରମୁଖ ଉତ୍ସବର ସଂଯୋଜନା କରିଥିଲେ।

# ବଜ୍ରପାତରେ ଗଲା ୪ ଜୀବନ

### ମୃତକଙ୍କ ମଧ୍ୟରେ ୩ ମହିଳା, ଜଣେ ଯୁବଚାଷୀ

**ବେହେରା/ରିଆମାଳ, ୨୬।୯ (ଭୂପେଶ ତିୱାରୀ/ ନିରଞ୍ଜନ ବେହେରା)**

ମଙ୍ଗଳବାର ବଜ୍ରପାତରେ କଳାହାଣ୍ଡି ଓ ଦେବଗଡ ଜିଲାର ୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ କଳାହାଣ୍ଡି ଜିଲାର ଏକ ଚାଷୀ ପରିବାରର ୩ ମହିଳା ଥିବାବେଳେ ଦେବଗଡ ଜିଲା ରିଆମାଳ ବ୍ଲକ ଜୋଡାଗୋଲା ଗାଁର ଜଣେ ଯୁବଚାଷୀ ରହିଛନ୍ତି। ମଙ୍ଗଳବାର ଅପରାହ୍ନରେ କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ପର୍ଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚିତାମୁଣ୍ଡା ଗ୍ରାମରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ନିଜ ଖେତରୁ କାମ ସାରି ଗ୍ରାମର ଗଏନ୍ତି ଲିମଗୋଛିଆ (୫୮), ରୂପେ ଲିମଗୋଛିଆ (୪୫) ଏବଂ ଲତା ଲିମଗୋଛିଆ (୧୬) ଘରକୁ ଫେରୁଥିଲେ। ବଜ୍ରପାତରେ ୩ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଧର୍ମଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଡାକ୍ତରଖାନା ପଠାଇଥିଲା। ୩ଜଣ ଗୋଟିଏ ପରିବାରର। ମୃତ ଗରିବ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ଦେବଗଡ ଜିଲା ରିଆମାଳ ଥାନା ଅନ୍ତର୍ଗତ ଟୁହିଲାମାଳ ପଞ୍ଚାୟତ ଜୋଡାଗୋଲା ଗ୍ରାମରେ ମଙ୍ଗଳବାର ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ସେହି ଗ୍ରାମର ପ୍ରେମାନନ୍ଦ ଗଡତିଆ(୩୮)। ରିଆମାଳ ପୋଲିସ ମୃତଦେହ ଜବତ କରିଛି। ପ୍ରେମାନନ୍ଦ ଅପରାହ୍ନରେ ବିଲକୁ ଯାଇଥିବା ସମୟରେ ବଜ୍ରପାତ ହେବାରୁ ଅଚେତ ହୋଇ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ଛତାବର ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୨୮ରେ ସରକାରୀ ଛୁଟି

**ଭୁବନେଶ୍ୱର, ୨୬।୯ (ଅସମାପିକା ସାହୁ)**

ମହାପୁରୁଷ ମହମ୍ମଦଙ୍କ ଜନ୍ମଦିନ ଆସନ୍ତା ୨୮ ତାରିଖକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ଏହିଦିନ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ ସମେତ ରାଜସ୍ୱ ଓ ମାଜିଷ୍ଟ୍ରେଟ୍ କୋର୍ଟ(ଏକ୍‌ଜିକ୍ୟୁଟିଭ୍)ବନ୍ଦ ରହିବ। ଏ ନେଇ ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ, ମହାପୁରୁଷ ମହମ୍ମଦଙ୍କ ଜନ୍ମଦିନ ପାଇଁ ପୂର୍ବରୁ ରାଜ୍ୟ ସରକାର ସେପ୍ଟେମ୍ବର ୨୯ ତାରିଖକୁ ସରକାରୀ ଛୁଟି ଘୋଷଣା କରିଥିଲେ। କିନ୍ତୁ ମଙ୍ଗଳବାର ସଂଶୋଧିତ ବିଜ୍ଞପ୍ତି ଜାରି କରି ସେପ୍ଟେମ୍ବର ୨୯ ପରିବର୍ତ୍ତେ ସେପ୍ଟେମ୍ବର ୨୮(ଗୁରୁବାର)ରେ ଏହି ଛୁଟି ପାଳନ କରାଯିବ ବୋଲି ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୩୦ ମାସ ଶେଷ ଶନିବାର ଯୋଗୁ ଛୁଟି ଥିବାବେଳେ ଅକ୍ଟୋବର ୧ ରବିବାର ଓ ଅକ୍ଟୋବର ୨ ଗାନ୍ଧି-ଶାସ୍ତ୍ରୀ ଜୟନ୍ତୀ ପାଇଁ ଛୁଟି ରହିବ। ତେବେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେପ୍ଟେମ୍ବର ୨୯ ସରକାରୀ କାର୍ଯ୍ୟ ଦିବସ ରହିବ।

# ଅକ୍ଟୋବର ୧୫ରେ ଓସିଏସ୍ ପ୍ରିଲିମିନାରି ପରୀକ୍ଷା

**କଟକ, ୨୬।୯ (ସୁପ୍ରିୟା ପ୍ରିୟଦର୍ଶିନୀ)**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଅକ୍ଟୋବର ୧୫ରେ ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପ୍ରିଲିମିନାରି ପରୀକ୍ଷା ହେବ। ଏଥିପାଇଁ ୫ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ବାଲେଶ୍ୱର ସମେତ ବ୍ରହ୍ମପୁର, ଭୁବନେଶ୍ୱର, କଟକ ଏବଂ ସମ୍ବଲପୁର ୫ଟି ଜୋନ୍‌ରେ ପରୀକ୍ଷା କରାଯିବାକୁ ସ୍ଥିର ହୋଇଛି। ପରୀକ୍ଷା ଦୁଇଟି ସିଟିଂରେ ହେବ। ୧୫ ତାରିଖ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୧୦୦ ମାର୍କ ବିଶିଷ୍ଟ ଜେନେରାଲ୍ ଷ୍ଟଡିଜ୍ ପେପର-୧ ପରୀକ୍ଷା ହେବ। ସେହିପରି ଅପରାହ୍ନ ୧.୩୦ରୁ ଅପରାହ୍ନ ୩.୩୦ ପର୍ଯ୍ୟନ୍ତ ୮୦ ମାର୍କ ବିଶିଷ୍ଟ ଜେନେରାଲ୍ ଷ୍ଟଡିଜ୍ ପେପର-୨ ପରୀକ୍ଷା କରାଯିବ। ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ଉଭୟ ସିଟିଂରେ ୪୦ ମିନିଟ୍ ଲେଖାଏ ଅଧିକ ସମୟ ଦିଆଯିବ। ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ୍ କାର୍ଡ ଓପିଏସ୍‌ସି ୱେବସାଇଟରେ ଉପଲବ୍ଧ ହେବ ବୋଲି ଓପିଏସ୍‌ସି ପକ୍ଷରୁ କୁହାଯାଇଛି। ଓସିଏସ୍-୨୦୨୨ ନିମନ୍ତେ ୨୦୨୨ ଡିସେମ୍ବର ୩୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମୋଟ ୬୮୩ ପଦବୀ ପାଇଁ ୨୦୨୩ ଜାନୁୟାରୀ ୧୭ରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ଫେବୃୟାରୀ ୧୬ ତାରିଖରେ ଶେଷ ହୋଇଥିଲା।










**ଆଜିର ମନ୍ତବ୍ୟ**

"ଭାରତ-କାନାଡା କୂଟନୈତିକ ବିବାଦ ସତ୍ତ୍ୱେ ପ୍ରତିରକ୍ଷା ସମ୍ପର୍କ ପ୍ରଭାବିତ ହେବ ନାହିଁ। ଏହି ବିବାଦକୁ ରାଜନୈତିକ ସ୍ତରରେ ସମାଧାନ କରାଯିବା ଆବଶ୍ୟକ।

– ମେଜର ଜେନେରାଲ ପିଟର ସ୍କଟ୍, କାନାଡା ସୈନ୍ୟବାହିନୀ ଉପମୁଖ୍ୟ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜୁଆ, ନାରୀ, ଚୋରି**
**ନାଶେ ପୁରୁଷର ଶିରୀ।**

ଜୁଆ ଖେଳୁଥିବା ବ୍ୟକ୍ତି, ପରନାରୀ ପ୍ରତି କୁନଜର ପକାଉଥିବା ବ୍ୟକ୍ତି ଏବଂ ଚୋରି କରୁଥିବା ବ୍ୟକ୍ତି ଜୀବନକାଳରେ କେବେ ସୁଖ ସମୃଦ୍ଧି ଲାଭ କରିପାରିନଥାନ୍ତି। ଦୁର୍ଭାଗ୍ୟ ଏମାନଙ୍କ ଚିର ସହଚର। ଏପରି କୁକାର୍ଯ୍ୟ କରୁଥିବା ବ୍ୟକ୍ତି ସମାଜରେ କେବଳ ନିନ୍ଦା ଅପବାଦ ପାଇବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜଣ ଜଣକେ ମହାବଳୀ**
**ଗଛର ପତର ପକାନ୍ତି ଝାଡ଼ି**

ଟେକା ପକାଇ ଗଛରୁ ଫଳ ଝଡ଼ାଇ ନ ପାରି ପତ୍ର ଝଡାଇଥିବା ବ୍ୟକ୍ତି ନିଜକୁ ବଳୁଆ କହିବା ଆଦୌ ଶୋଭନୀୟ ହୋଇ ନ ଥାଏ। ବାହାଦୁରି ଦେଖାଇ କଥା କହୁଥିବା ବ୍ୟକ୍ତିର ଅଯୋଗ୍ୟପଣିଆ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଧରିତ୍ରୀ ବରଗଡ଼ ଜିଲା ପ୍ରତିନିଧିଙ୍କ ପିତୃ ବିୟୋଗ

ସରଣ୍ଡା,୨୬।୯
(ଯୁଧିଷ୍ଠିର ମହାପାତ୍ର)


ଶତପଥୀ ଖମାରୀ

ବରଗଡ଼ ସାମ୍ବାଦିକ ସଂଘ ସମ୍ପାଦକ ତଥା ଧରିତ୍ରୀ ବରଗଡ଼ ଜିଲା ପ୍ରତିନିଧି ପ୍ରେମାନନ୍ଦ ଖମାରୀଙ୍କ ପିତା ଶତପଥୀ ଖମାରୀଙ୍କ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ୧୫ରେ ବିୟୋଗ ଘଟିଛି। ଜିଲାର ଅତାବିରା ବ୍ଲକ ଅନ୍ତର୍ଗତ ବୁଗୁବୁଗା ଗନ୍ଥାଟିକ୍ରାସ୍ଥିତ ବାସ ଭବନରେ ରହିଥିଲେ। କିଛି ଦିନ ହେବ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନ ଥିଲା। କିନ୍ତୁ ସେ ସ୍ୱଭାବିକ ଭାବେ ଚଲାବୁଲା କରିପାରୁଥିଲେ। ମୃତ୍ୟୁବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ଗ୍ରାମର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ ପୁଅ କିଶୋର ମୁଖାଗ୍ନି ଦେଇଥିଲେ।

ତାଙ୍କର ୬ ପୁଅ। କିଶୋର, ଅଶୋକ, ହୃଷୀକେଶ, ପ୍ରେମାନନ୍ଦ, ସରୋଜ ଓ ମନୋଜ ଏବଂ ତିନି ଝିଅ ଲଳିତା,ମାଧବୀ ଓ ନଳିନୀ ତଥା ନାତି ନାତୁଣୀଙ୍କୁ ଛାଡ଼ି ଚାଲିଯାଇଛନ୍ତି। ସ୍ତ୍ରୀ ଅନେକ ଦିନରୁ ଆରପାରିକୁ ଯାଇ ସାରିଛନ୍ତି। ସ୍ୱର୍ଗତ ଶତପଥୀ ଅଞ୍ଚଳର ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ବୁଗୁବୁଗା, ଜାମଟିକ୍ରା, ପାଲି ବୁଗୁବୁଗା, ଭୂତଟିକ୍ରା ଆଦି ଗ୍ରାମର ଲୋକଙ୍କ ମାଙ୍ଗଳିକ କାର୍ଯ୍ୟରେ ସାମିଲ ହୋଇ ଆବଶ୍ୟକ ପଡ଼ିଲେ ଆର୍ଥିକ ସହଯୋଗ ପାଇଁ ମଧ୍ୟ କେବେ ପଛଘୁଞ୍ଚା ଦେଇ ନ ଥିଲେ। ଏପରିକି ନିଜର ନଅଟି ସନ୍ତାନ ଥିଲେ ମଧ୍ୟ ସେଥିପ୍ରତି ଭ୍ରୁକ୍ଷେପ ନ କରି ନିଜର ଜମିବାଡିର ଅନେକ ଅଂଶ ମଧ୍ୟ ସେ ଅନ୍ୟମାନଙ୍କ ମାଙ୍ଗଳିକ କାର୍ଯ୍ୟ ସମ୍ପାଦନାର୍ଥେ ବିକ୍ରି କରି ଦେଇଥିଲେ।




## ହାଇକୋର୍ଟରେ ରତ୍ନଭଣ୍ଡାର ମାମଲା

# ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ, ୨୬।୯(କାର୍ତ୍ତିକ ସାହୁ)

ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଛି। ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଏବଂ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଏଥିସହ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରତ୍ନଭଣ୍ଡାର ଖୋଲିବା ଓ ମରାମତି ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରାଯାଇଛି। ଅଗଷ୍ଟ ୪ତାରିଖରେ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜଗମୋହନ ମରାମତି କାର୍ଯ୍ୟ ଜାରି ରହିଛି, ଭକ୍ତଙ୍କ ଦର୍ଶନକୁ ଗୁରୁତ୍ୱ ଦିଆଯାଉଛି। ରତ୍ନଭଣ୍ଡାର ଭିତରପାର୍ଶ୍ୱ ମରାମତି କାର୍ଯ୍ୟ ଏବେ କରାଗଲେ ଭକ୍ତମାନେ ପ୍ରଭାବିତ ହେବେ। ତେଣୁ ଆସନ୍ତା ରଥଯାତ୍ରା ସମୟରେ ଏହି ମରାମତି କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ହୋଇଛି ବୋଲି ଉକ୍ତ ସତ୍ୟପାଠରେ ଦର୍ଶାଯାଇଛି। ରତ୍ନଭଣ୍ଡାର ଖୋଲିବା ପାଇଁ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା। ଶ୍ରୀମନ୍ଦିର ରତ୍ନଭଣ୍ଡାରର ଉପରପାର୍ଶ୍ୱ ମରାମତି ବାରାଣସୀର ଜ୍ଞାନବାପି ପରି ଲେଜର ସ୍କାନିଂ ଜରିଆରେ କରାଯିବାକୁ ସ୍ଥିର ହୋଇଥିବା ସତ୍ୟପାଠରେ ଉଲ୍ଲେଖ କରାଯାଇଛି। ମାମଲାର ଶୁଣାଣି ବେଳେ ଉଭୟ ପକ୍ଷରୁ ଦୀର୍ଘ ସମୟ ଧରିଯୁକ୍ତିଉପସ୍ଥାପନ କରାଯାଇଥିଲା। ଏଏସ୍ଆଇ ପକ୍ଷରୁ ହାଇକୋର୍ଟରେ ଦାଖଲ ହୋଇଥିବା ସତ୍ୟପାଠରେ ଦର୍ଶାଯାଇଥିଲା ଯେ, ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିରୁ ରତ୍ନଭଣ୍ଡାର ତୁରନ୍ତ ମରାମତି ହେବା ଦରକାର। ଆସନ୍ତା ବର୍ଷକୁ ରତ୍ନଭଣ୍ଡାର ଖୋଲିବା ନେଇ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ଫଳରେ ମନ୍ଦିରକୁ ବିପଦ ଆଡକୁ ଠେଲି ଦିଆଯାଇଥିବା ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ରତ୍ନଭଣ୍ଡାର ଚାବି ହଜିଥିଲା ଏବଂ ପରେ ମିଳିଥିବା ଚାବିକୁ ନେଇ ରହସ୍ୟ ରହିଛି। ଉକ୍ତ ଚାବି ଦ୍ୱାରା ରତ୍ନଭଣ୍ଡାର ଖୋଲି ପ୍ରମାଣ କରାଯାଉ ଯେ ଏହା ହିଁ ପ୍ରକୃତ ଚାବି। ଏଥିସହ ସ୍ୱର୍ଣ୍ଣ ଅଳଙ୍କାର ୧୯୭୮ ମସିହାଠାରୁ ଏଯାଏ ଗଣତି ହୋଇନାହିଁ। ୪୫ ବର୍ଷ ପୂର୍ବେ ଗଣତି ହୋଇଥିବାରୁ ଏବେ ଏହାର ଗଣତି ହେବା ନିହାତି ଜରୁରୀ ହୋଇପଡ଼ିଛି। ଏଏସ୍ଆଇ ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ରହିଥିବାରୁ ଏଏସ୍ଆଇ ପକ୍ଷରୁ ରତ୍ନଭଣ୍ଡାର ଖୋଲି ମରାମତି କରିବାର ଆବଶ୍ୟକତା ରହିଥିବା କୁହାଯାଇଛି। ତୁରନ୍ତ ରତ୍ନଭଣ୍ଡାର ଖୋଲିବା ଲାଗି ନିର୍ଦ୍ଦେଶ ଦେବାକୁ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଅଦାଲତଙ୍କ ନିକଟରେ ଯୁକ୍ତି ଉପସ୍ଥାପନ କରିଥିଲେ।

# ବିଧାନସଭାରେ ପାରିତ ହେଲା ୬ ବିଲ୍

ଭୁବନେଶ୍ୱର,୨୬।୯(ସୁନିତ୍ ମିଶ୍ର)

ବିଧାନସଭାରେ ମଙ୍ଗଳବାର ଅପରାହ୍ନ ଅଧିବେଶନରେ ମୋଟ୍ ୬ଟି ବିଲ୍ ପାରିତ ହୋଇଛି। ଓଡ଼ିଶା ଆପାର୍ଟମେଣ୍ଟ ବିଲ୍-୨୦୨୩, ଓଡ଼ିଶା ମ୍ୟୁନିସିପାଲ ଆଇନ ବିଲ୍ ୨୦୨୩, ଓଡ଼ିଶା ରାଜ୍ୟ ପଛୁଆବର୍ଗ ଆୟୋଗ ବିଲ୍ ୨୦୨୩ ଏବଂ ଓଡ଼ିଶା ସଂରକ୍ଷଣରେ ଖାଲିଥିବା ପଦବୀ ଏବଂ ସେବାରେ (ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ) ଅଧିନିୟମ ସଂଶୋଧନ ବିଲ୍ ୨୦୨୩କୁ ଗୃହରେ ପାରିତ କରାଯାଇଛି। ତେବେ ସଂରକ୍ଷଣ ପ୍ରସଙ୍ଗରେ ବିରୋଧୀ ଦଳ ସଦସ୍ୟ ମୁକେଶ ମହାଲିଙ୍ଗ କହିଛନ୍ତି, ରାଜ୍ୟରେ ଅନ୍ୟାନ୍ୟ ପଛୁଆବର୍ଗ(ଓବିସି)ଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଉ। କାରଣ ରାଜ୍ୟରେ ପଛୁଆବର୍ଗଙ୍କ ସଂଖ୍ୟା ଅନ୍ୟ ସବୁ ବର୍ଗର ଜନସଂଖ୍ୟା ତୁଳନାରେ ଯଥେଷ୍ଟ ଅଧିକ। ସେମାନଙ୍କୁ ୧୧.୨ ପ୍ରତିଶତ ଶିକ୍ଷା ସଂସ୍ଥାଗୁଡ଼ିକରେ ସଂରକ୍ଷଣ ଦିଆଯାଉଛି। ଏହାକୁ ୨୭ ପ୍ରତିଶତକୁ ବୃଦ୍ଧି କରାଯାଉ। ଯେହେତୁ ରାଜ୍ୟରେ ୫୦ ପ୍ରତିଶତରୁ ଅଧିକ ସଂଖ୍ୟାରେ ଓବିସି ବର୍ଗର ଲୋକ ବାସ କରନ୍ତି, ତେଣୁ ସେହି ବର୍ଗର ପିଲାଙ୍କୁ ନିଯୁକ୍ତି କ୍ଷେତ୍ରରେ ୫୦ ପ୍ରତିଶତ ସଂରକ୍ଷଣ ଦିଆଯାଉ। ଭାଜପା ସଦସ୍ୟ ସୁକାନ୍ତ ନାଏକ କହିଛନ୍ତି, ତାମିଲନାଡୁ, ରାଜସ୍ଥାନ, ମଧ୍ୟପ୍ରଦେଶ ଆଦି ରାଜ୍ୟରେ ଓବିସିମାନଙ୍କୁ ଉଭୟ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ତେଣୁ ରାଜ୍ୟ ସରକାର କାହିଁକି ଏହି ବିଷୟକୁ ଧ୍ୟାନ ଦେଉନାହାନ୍ତି। ଏହା ଉପରେ ଉକ୍ତ ବିଲ୍‌ରେ ବିଚାର କରାଯାଉ ବୋଲି ସେ କହିଛନ୍ତି। ତେବେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଆଣିଥିବା ଓଡ଼ିଶା ସାମଗ୍ରୀ ଏବଂ ସେବାକର ବିଲ୍ ୨୦୨୩କୁ ଗୃହରେ ପାରିତ କରାଯାଇଛି। ଶେଷରେ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ପକ୍ଷରୁ ଅଣାଯାଇଥିବା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ବିଲ୍ ୨୦୨୩କୁ ଗୃହରେ ପାରିତ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବ କୌଣସି ମୂଲ୍ୟବାନ ଜିନିଷ କ୍ରୟ କରିପାରନ୍ତି। ମଧ୍ୟାହ୍ନାରମ୍ଭ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ବୃଷ**
ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବନ୍ଧୁଙ୍କୁ କର୍ମକ୍ଷେତ୍ରରେ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପରିବାରରେ ଜମିଜମା ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। କାମ ହାସଲ ସକାଶେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ।

**ମିଥୁନ**
ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବା ସହ ସଫଳତାର ସୂଚନା ମଧ୍ୟ ପାଇପାରନ୍ତି। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଆଜି ଦିନଭିତରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପାରିବାରିକ ସ୍ଥିତି, କର୍ମକ୍ଷେତ୍ର, ବ୍ୟବସାୟାଦି ପ୍ରତ୍ୟେକ କାର୍ଯ୍ୟରେ ସନ୍ତୋଷଲାଭ କରିବେ।

**କର୍କଟ**
ପ୍ରତିବନ୍ଧକ ଓ ପ୍ରତାରଣା ମଧ୍ୟରେ ଆଘାତପ୍ରାପ୍ତ ହୋଇ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ଆଶା କରିଥିବା ଦିଗରୁ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ପଦାଧିକାରୀଙ୍କ ବଦାନ୍ୟତାରୁ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ସିଂହ**
ଆଜିର କର୍ମକ୍ଷେତ୍ରରେ ବିଭିନ୍ନ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ପରିସ୍ଥିତିକୁ ସମ୍ଭାଳିବାକୁ ଯାଇ ମଧୁର ବାକ୍ୟ କହି କାର୍ଯ୍ୟ ହାସଲ କରିନେବେ। ଧୀରପାଣି ପଥର କାଟେ ନୀତିରେ କାମ ହାସଲ ସକାଶେ ଧୈର୍ଯ୍ୟଧାରଣ କରିପାରିଲେ ନିଶ୍ଚୟ ଉପକୃତ ହେବେ। ସଭାସମିତିରେ ଅପ୍ରିୟ ସତକଥା କହି ଅନ୍ୟମାନଙ୍କର ଚକ୍ଷୁଶୂଳ ହେବାକୁ ପଡ଼ିପାରେ।

**କନ୍ୟା**
ବନ୍ଧୁଙ୍କ ସହ ଆପଣଙ୍କ ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି। ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିବେ ; ଯାହା ଦ୍ୱାରା କାମ ହାସଲ ସହଜ ହୋଇପାରିବ। ସମସ୍ୟାର ସମାଧାନ ହେବାରେ ସମୟକୁ ଅପେକ୍ଷା କରିବାକୁ ପଡ଼ିପାରେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ରୋଗ, ଋଣ ଓ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ।

**ତୁଳା**
ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଖଳ ଲୋକମାନଙ୍କ କଥାକୁ ବିଶ୍ୱାସ କରି ଭୁଲ୍ ମାର୍ଗର ଅନୁସରଣ କରି ପସ୍ତେଇବେ। ବନ୍ଧୁଙ୍କ ସମ୍ପର୍କରେ କୌଣସି ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ଆପଣ ନିରାଶ ମଧ୍ୟ ହେବେ ନାହିଁ।

**ବିଛା**
ଅଭିଳଷିତ କାମ, ମାତାଙ୍କ ସ୍ୱାସ୍ଥ୍ୟ, ଭ୍ରାତୃ ସମ୍ପର୍କରେ ଉନ୍ନତି ସଙ୍ଗକୁ ବିବାଦୀୟ ଘଟଣାରେ ବିଜୟୀ ହେବେ। ବିଶାଖା ନକ୍ଷତ୍ର ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁମାନଙ୍କ ସହ ଆଲୋଚନା କରିପାରନ୍ତି।

**ଧନୁ**
ଆଜିର ପ୍ରତ୍ୟେକ ବିବାଦୀୟ ପରିସ୍ଥିତିରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ। ମୂଳା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ଅର୍ଥାଭାବ ଯୋଗୁ ବିଚଳିତ ହେବା ସହ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ମକର**
ପ୍ରତ୍ୟେକ ପରିସ୍ଥିତିରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ଜଣେ ବାନ୍ଧବୀ ଅନୁରକ୍ତି ପ୍ରକାଶ କରି ସାହାଯ୍ୟର ହାତ ବଢାଇ ପାରନ୍ତି। ମାମଲାମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଆତ୍ମୀୟତା ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ।

**କୁମ୍ଭ**
ନିଜ ଉପରେ ନ୍ୟସ୍ତ କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇବା ହେତୁ ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିଲେ ମଧ୍ୟ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ତଥାପି ପୂର୍ବ ଶତ୍ରୁତାର ମନୋଭାବ ପୋଷଣ କରି କୌଣସି ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି।

**ମୀନ**
ଦୀର୍ଘ ସମୟ ସମୀକ୍ଷା ପରେ ଯାଇ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ସାଙ୍ଗକୁ କାର୍ଯ୍ୟ ସାଧନ କରିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ବୁଧବାର, ସେପ୍ଟେମ୍ବର ୨୭ ତାରିଖ, ବିଶ୍ୱ ପର୍ଯ୍ୟଟନ ଦିବସ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୩୦ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୬ମି. ଗତେ ଘ.୧୧.୩୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୭ମି. ଗତେ ଘ.୦୧.୦୭ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ୱାହିଦା ରେହମାନଙ୍କୁ...

୧୯୩୮ ଫେବୃୟାରୀ ୩ରେ ତାମିଲନାଡୁର ଚେଙ୍ଗାଲପେଟରେ ଏକ ଡେକାନି ମୁସଲିମ ପରିବାରରେ ଜନ୍ମିତ ୱାହିଦା ଡାକ୍ତର ହେବାକୁ ଚାହୁଁଥିଲେ। କିନ୍ତୁ ମା'ଙ୍କ ଅସୁସ୍ଥତା ସାଙ୍ଗକୁ ପରିବାରର ଆର୍ଥିକ ସ୍ଥିତି ତାଙ୍କୁ ଏହି ଲକ୍ଷ୍ୟ ତ୍ୟାଗ କରିବାକୁ ବାଧ୍ୟ କରିଥିଲା। ପରିବାରକୁ ସହଯୋଗ ପାଇଁ ସେ ଫିଲ୍ମରେ ନୃତ୍ୟ କରିବାକୁ ଆସିଥିବା ଅଫର ଗ୍ରହଣ କରିଥିଲେ। ୱାହିଦାଙ୍କ ଦାଦା ଫିରୋଜ ଅଲୀ ବ୍ରହ୍ମପୁରରେ ଜଣେ ଜଣାଶୁଣା ଡାକ୍ତର ଓ ସାମାଜିକ କର୍ମୀ ଥିଲେ। ବ୍ରହ୍ମପୁରର ଗଞ୍ଜାମ କଳା ପରିଷଦରେ ତାଙ୍କ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ୱାହିଦା ପ୍ରଥମ ଥର ପାଇଁ ନୃତ୍ୟ ପରିବେଷଣ କରିଥିଲେ। ସେହି ମଞ୍ଚରୁ ଆରମ୍ଭ ହୋଇଥିଲା ଭିନ୍ନ ଏକ ଯାତ୍ରା, ଯାହାକି ତାଙ୍କୁ ଦେଶର ଜଣେ ଉଚ୍ଚକୋଟୀର ଅଭିନେତ୍ରୀ ରୂପେ ପରିଚୟ ଦେଇଛି।

୮୫ ବର୍ଷୀୟା ୱାହିଦା ୧୯୫୫ରେ ତେଲୁଗୁ ଫିଲ୍ମ 'ରୋଜୁଲୁ ମରାୟି' ଏବଂ 'ଜୟସିଂହା'ରୁ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ୧୯୫୬ରେ ଦେବ ଆନନ୍ଦଙ୍କ ସହ 'ସିଆଇଡି' ଥିଲା ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର। ଦୀର୍ଘ ୫ ଦଶନ୍ଧିର ଲମ୍ବା କ୍ୟାରିୟରରେ ଏହି ବର୍ଷୀୟାନ ଅଭିନେତ୍ରୀ ବିଭିନ୍ନ ଭାଷାର ୯୦ ଫିଲ୍ମରେ କାମ କରି ନିଜ ନିପୁଣତା ଦେଖାଇଥିଲେ। ୧୯୭୧ରେ 'ରେଶମା ଆଣ୍ଡ ଶେରା'ରେ ଅଭିନୟ ପାଇଁ ୱାହିଦାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଦିଆଯାଇଥିଲା। ୧୯୭୨ରେ ପଦ୍ମଶ୍ରୀ ଓ ୨୦୧୧ରେ ପଦ୍ମ ବିଭୂଷଣ ଉପାଧିପ୍ରାପ୍ତ ୱାହିଦାଙ୍କୁ ୨୦୨୧ରେ ମୁକ୍ତିଲାଭ କରିଥିବା ଫିଲ୍ମ 'ସ୍କାଟେର ଗର୍ଲ'ରେ ଶେଷ ଥର ପାଇଁ ଦେଖାଯାଇଥିଲା।

### ଆପାର୍ଟମେଣ୍ଟ କ୍ରେତା...

ଆପାର୍ଟମେଣ୍ଟ କାନ୍ଥ କିମ୍ବା ସାଧାରଣ ସ୍ଥାନରେ ପୋଷ୍ଟର, ହୋର୍ଡିଂ ଲଗାଇପାରିବେ ନାହିଁ। ଆପାର୍ଟମେଣ୍ଟରେ କୌଣସି ଅଦଳ ବଦଳ କରି ପାରିବେ ନାହିଁ କିମ୍ବା ଯୋଗ କରିପାରିବେ ନାହିଁ। ମାଲିକ ସଂଘର ଲିଖିତ ଅନୁମତି ନ ନେଇ ବାହାର ପଟ ଝରକା କିମ୍ବା କାନ୍ଥର ରଙ୍ଗ ବଦଳାଇ ପାରିବେ ନାହିଁ। ଶିଡି କିମ୍ବା ସାଧାରଣ ଯାତାୟାତ ସ୍ଥାନରେ ଓଜନିଆ ଜିନିଷ ରଖିପାରିବେ ନାହିଁ। ଆପାର୍ଟମେଣ୍ଟ ମାଲିକ ଭଡାଟିଆମାନଙ୍କର କୌଣସି କାର୍ଯ୍ୟ ଓ ତ୍ରୁଟି ପାଇଁ ଦାୟୀ ରହିବେ। ଆପାର୍ଟମେଣ୍ଟ ବ୍ୟବହାର ନ କଲେ ମଧ୍ୟ ସାଧାରଣ ବ୍ୟୟ ବାବଦକୁ ନିଜର ଅଂଶ ଦେବାକୁ ବାଧ୍ୟ। ଆପାର୍ଟମେଣ୍ଟ ବିକ୍ରି ପରେ ବକେୟା ଥିବା ସମସ୍ତ ସାଧାରଣ ଦେୟ ଦେବାକୁ ପଡ଼ିବ। ଜଣେ କ୍ରେତା ଯେତୋଟି ଆପାର୍ଟମେଣ୍ଟ କ୍ରୟ କଲେ ମଧ୍ୟ ସଂଘର ଜଣେ ସଦସ୍ୟ ରୂପେ ବିବେଚିତ ହେବା ସହ ଗୋଟିଏ ଭୋଟ ଦେବା ଅଧିକାର ପାଇବେ। ଯଦି ଆପାର୍ଟମେଣ୍ଟ କ୍ରେତାଙ୍କ ନାମରେ ଦଲିଲ ହୋଇ ନ ଥିବ ତେବେ ସେ ସଂଘର ସଦସ୍ୟ ହୋଇପାରିବେ ନାହିଁ। ଆପାର୍ଟମେଣ୍ଟ ମାଲିକ ସଂଘ ଗଠନ କରିବା ସହ ବିଧେୟକ କାର୍ଯ୍ୟକାରୀ ହେବାର ୬ ମାସ ଭିତରେ ପଞ୍ଜୀକରଣ କରିବାକୁ ହେବ। ପୂର୍ବରୁ ଥିବା ସଂଘଗୁଡ଼ିକ ମଧ୍ୟ ଏହି ବିଧେୟକ ଅନୁଯାୟୀ ପରିଚାଳିତ ହେବେ। ଉକ୍ତ ବିଧେୟକ କାର୍ଯ୍ୟକାରୀ ହେବା ପରେ ପୂର୍ବ ପ୍ରଚଳିତ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଅଧିନିୟମ -୧୯୮୨ ଅକାମୀ ହୋଇଯିବ।

ଗୃହୀତ ହୋଇଥିବା ବିଲ୍‌ରେ ଆପାର୍ଟମେଣ୍ଟଗୁଡ଼ିକର ବୀମା, ୩୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ଢାଞ୍ଚାଗୁଡ଼ିକର ଗୁଣବତ୍ତା ପରୀକ୍ଷା, କ୍ଷମତାପ୍ରାପ୍ତ ପ୍ରାଧିକାରୀଙ୍କ ନିର୍ଦ୍ଦେଶ ବିରୋଧରେ ଅପିଲ ଆଦି ବ୍ୟବସ୍ଥା କରାଯାଇଛି। ଯଦି ସଂଘର ବାଇ-ଲକୁ କୌଣସି ଆପାର୍ଟମେଣ୍ଟ ମାଲିକ ଅମାନ୍ୟ କରିବେ କିମ୍ବା ମୌଳିକ ଖର୍ଚ୍ଚ ଦେଉ ନ ଥିବେ କିମ୍ବା ଏହି ବିଧେୟକରେ ଥିବା ବ୍ୟବସ୍ଥାକୁ ଉଲ୍ଲଂଘନ କରିବାକୁ ଧମକ ଦେବେ ସଂଘ ସମ୍ପୃକ୍ତ ମାଲିକଙ୍କୁ ଅତ୍ୟାବଶ୍ୟକ ସେବା ଯୋଗାଣ ବନ୍ଦ କରିପାରିବେ। ତେବେ ବିନା ୧୫ ଦିନିଆ ନୋଟିସରେ ସଂଘ ଉଲ୍ଲଂଘନକାରୀ ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ। ଯଦି ଆପାର୍ଟମେଣ୍ଟ ୩୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବ ତେବେ ସଂଘ ଆପାର୍ଟମେଣ୍ଟର ସ୍ଥାୟିତ୍ୱ ନେଇ ପଞ୍ଜୀକୃତ ଇଞ୍ଜିନିୟରଙ୍କ ଦ୍ୱାରା ଯାଞ୍ଚ କରାଇପାରିବେ। ଏହି ନୂତନ ବିଧେୟକରେ ଆପାର୍ଟମେଣ୍ଟ ନିର୍ମାତାଙ୍କ ପାଇଁ ଦଣ୍ଡବିଧିର ବ୍ୟବସ୍ଥା ରହିଛି। ଯଦି କ୍ରେତାମାନଙ୍କ ସଂଘ ଗଠନ କରିବାରେ ପ୍ରମୋଟର ବିଫଳ ହେବେ କିମ୍ବା ବିନା ଅକୁପାନ୍ସି ସାର୍ଟିଫିକେଟରେ ଗୃହ ଆବଣ୍ଟନ କରିବେ ତେବେ ତାଙ୍କୁ ୫ ଲକ୍ଷ ଟଙ୍କା ଜରିମାନା ଭରିବାକୁ ପଡ଼ିବ। ଯଦି ଜରିମାନା ଦାଖଲ କରିବାରେ ବିଳମ୍ବ ହେବ ପ୍ରତ୍ୟେକ ଦିନ ୨ ହଜାର ଟଙ୍କା ଅତିରିକ୍ତ ଜରିମାନା ଦାଖଲ ବ୍ୟବସ୍ଥା କରାଯାଇଛି।

### ଅଶ୍ୱଚାଳନାରେ ଭାରତକୁ...

୧୯୮୬ରେ ଯଦିଓ ଭାରତ ଡ୍ରେସେଜରେ ବ୍ରୋଞ୍ଜ ପଦକ ଜିତିଥିଲା ତେବେ ୧୯୮୨ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଗେମ୍ସରେ ଯାଇ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲା। ସେତେବେଳେ ଏହା ଇଭେଣ୍ଟିଂ ଓ ଟେଣ୍ଟ ପେଗିଙ୍ଗ୍ ଇଭେଣ୍ଟରୁ ଆସିଥିଲା। ରଘୁବୀର ସିଂ ବ୍ୟକ୍ତିଗତ ଇଭେଣ୍ଟିଂରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିବର୍ଷ ରଘୁବୀର, ଗୁଲାମ ମହମ୍ମଦ ଖାଁ, ବିଶାଲ ସିଂ ଓ ମିଲଖା ସିଂ ଟିମ୍ ଇଭେଣ୍ଟିଂରେ ମଧ୍ୟ ସ୍ୱର୍ଣ୍ଣ ପଦକ ପାଇଥିଲେ। ରୂପିନ୍ଦର ସିଂ ବ୍ରାର ବ୍ୟକ୍ତିଗତ ଟେଣ୍ଟ ପେଗିଙ୍ଗରେ ଭାରତ ପକ୍ଷରୁ ତୃତୀୟ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ।

ଡ୍ରେସେଜ ଇଭେଣ୍ଟରେ ଘୋଡ଼ା ଏବଂ ରାଇଡରଙ୍କ କ୍ରମାଗତ ମୁଭମେଣ୍ଟର ପ୍ରଦର୍ଶନକୁ ନେଇ ପଏଣ୍ଟ ପ୍ରଦାନ କରାଯାଇଥାଏ। ପ୍ରତି ମୁଭମେଣ୍ଟ ପାଇଁ ୦ରୁ ୧୦ ପଏଣ୍ଟ ପର୍ଯ୍ୟନ୍ତ ପ୍ରଦାନର ବ୍ୟବସ୍ଥା ଥାଏ। ପ୍ରତି ରାଇଡର ଓଭରଅଲ୍ ଯେତେ ସ୍କୋର କରିଥାନ୍ତି ତା' ମଧ୍ୟରୁ ପର୍ସେଣ୍ଟେଜ ବାହାର କରାଯାଇଥାଏ। ସର୍ବାଧିକ ପର୍ସେଣ୍ଟେଜ ପାଇଥିବା ରାଇଡର ନିଜ ଶ୍ରେଣୀରେ ବିଜୟୀ ହୋଇଥାନ୍ତି। ଟପ୍-୩ ସ୍କୋରରଙ୍କ ପଏଣ୍ଟକୁ ବିଚାରକୁ ନିଆଯାଇ ବିଜେତା ଘୋଷଣା କରାଯାଇଥାଏ।

ଭାରତୀୟ ଦଳରେ ସ୍ଥାନ ପାଇଥିବା ରାଇଡରଙ୍କ ମଧ୍ୟରୁ ୨୧ ବର୍ଷୀୟା ସୁଦୀପ୍ତି ଥିଲେ ସର୍ବକନିଷ୍ଠ। ଇନ୍ଦୋରରେ ଜନ୍ମିତ ସୁଦୀପ୍ତି ଫ୍ରାନ୍ସର ପାମ୍ପେଫୋଉରେ ଟ୍ରେନିଂ ନେଇଥାନ୍ତି। ସେ ୬ ବର୍ଷରୁ ହର୍ସ ରାଇଡିଂ ଆରମ୍ଭ କରିଥିଲେ। ୨୩ ବର୍ଷୀୟା ଦିବ୍ୟାକ୍ରିତିଙ୍କ ଘର ଜୟପୁର। ଆଜମେରର ପ୍ରସିଦ୍ଧ ମାୟୋ କଲେଜ ଗର୍ଲ୍ସ ସ୍କୁଲରେ ୭ମ ଗ୍ରେଡ୍‌ରେ ଥିବାବେଳେ ସେ ହର୍ସ ରାଇଡିଂ ଆରମ୍ଭ କରିଥିଲେ। ସେ ନିଜ ସ୍କୁଲରେ ଇକ୍ୱେଷ୍ଟ୍ରିନ କ୍ୟାପ୍‌ଟେନ ଥିଲେ। ଭାରତରେ ଅଶ୍ୱଚାଳନାର ଭିତ୍ତିଭୂମି ଭଲ ନ ଥିବାରୁ ସେ ୨୦୨୦ରେ ୟୁରୋପ ଯାଇ ଜର୍ମାନୀରେ ଟ୍ରେନିଂ ନେଇଥିଲେ। ସେହିପରି ମୁମ୍ବାଇର ୨୫ ବର୍ଷୀୟ ବିପୁଲ ଲଣ୍ଡନ ୟୁନିଭର୍ସିଟିରେ ଜଣେ ବିଜ୍‌ନେସ୍ ମ୍ୟାନେଜମେଣ୍ଟ ଡିଗ୍ରୀଧାରୀ। ପିଲାବେଳରୁ ହର୍ସ ରାଇଡିଂ ଆରମ୍ଭ କରିଥିବା ବିପୁଲ ୟୁରୋପରେ ଶୀର୍ଷସ୍ଥାନୀୟ ବିଦେଶୀ ଖେଳାଳିଙ୍କ ସହ ଟ୍ରେନିଂ କରିଥାନ୍ତି। ୨୩ ବର୍ଷୀୟ ଅନୁଶଙ୍କ ଘର କୋଲକାତା। ୮ ବର୍ଷରୁ ହର୍ସ ରାଇଡିଂ ଆରମ୍ଭ କରିଥିବା ଅନୁଶ ଜଣେ ଭଲ କୋଚ୍ ନ ପାଇବାରୁ ୨୦୧୭ରେ ଜର୍ମାନୀ ପଳାଇଥିଲେ। ଭାରତର ପ୍ରଥମ ପୁରୁଷ ଡ୍ରେସେଜ ରାଇଡର ଭାବେ ସେ ଡେନ୍‌ମାର୍କର ହେର୍ନିଙ୍ଗଠାରେ ୨୦୨୨ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ।

### ପ୍ରଭାତ ବିଶ୍ୱାଳଙ୍କ...

ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶ, ପ୍ରଭାତ କୁମାର ଦାଶ ଓ ଅନ୍ୟ ୩ଜଣଙ୍କ ବିରୋଧରେ ମଧ୍ୟ ଏହି ଚାର୍ଜଶିଟ୍ ଦାଖଲ କରାଯାଇଛି। ଏନେଇ ଇଡି ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ସିବିଆଇର ଚାର୍ଜଫ୍ରେମ୍ ପରେ ଏବେ ଇଡିର ଚାର୍ଜଶିଟ୍‌କୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ସିଶୋର କମ୍ପାନୀ ଏକ ଅଣବ୍ୟାଙ୍କିଙ୍ଗ୍ ସଂସ୍ଥା ହୋଇ ମଧ୍ୟ ଲୋକଙ୍କଠାରୁ ବହୁ କୋଟି ଟଙ୍କା ସଂଗ୍ରହ କରି ଠକେଇ କରିଥିଲା। ଏହି ସ୍କାମ୍‌ରେ ଓଡିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ପ୍ରଥମେ ତଦନ୍ତ ଆରମ୍ଭ କରିଥିଲା। ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ୨୦୧୪ରୁ ଏହାର ତଦନ୍ତ ଆରମ୍ଭ କରିଥିଲା। ଏଥିସହ ଇଓଡବ୍ଲୁର ଏଫ୍ଆଇଆର୍ ଆଧାରରେ ଇଡି ମଧ୍ୟ ତଦନ୍ତ କରିଥିଲା। ପୂର୍ବରୁ ଇଡି ଏହି ମାମଲାରେ ୨୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତିକୁ ଆଟାଚ୍ ମଧ୍ୟ କରିଥିଲା। ତେବେ ସିଶୋର ଚିଟ୍‌ଫଣ୍ଡ ଠକେଇ ମାମଲାରେ ୨୦୧୬ରେ ପ୍ରଥମ ଚାର୍ଜଶିଟ୍ ଏବଂ ୨୦୧୭ରେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରାଯାଇଥିଲା ବୋଲି ଇଡି ପକ୍ଷରୁ କୁହାଯାଇଛି।

ପ୍ରଭାତ ଏହି ଚିଟ୍‌ଫଣ୍ଡ ସ୍କାମ୍‌ରେ ଅଭିଯୁକ୍ତଙ୍କ ସହ ସନ୍ଦେହଜନକ ଜମି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ବିଳାସିନୀ ଏବଂ ସିଶୋର ମୁଖ୍ୟ ପ୍ରଶାନ୍ତଙ୍କ ମଧ୍ୟରେ ଯାଜପୁର ଜିଲା ବେଣ୍ଟପୁର ଅଞ୍ଚଳରେ ଏକ ଜମି କାରବାର ଚୁକ୍ତି ହୋଇଥିବାରୁ ସେ ସିବିଆଇ ସ୍କାନରରେ ରହିଥିଲେ। ତାଙ୍କ ନାମରେ ଥିବା ଉକ୍ତ ଜମି ସିଶୋର ଗ୍ରୁପ୍‌କୁ ୨୮ ଲକ୍ଷରେ ବିକ୍ରି ପାଇଁ ୨୦୧୧ରେ ଡିଲ୍ ହୋଇଥିଲା। ୨୦୧୨ରେ ଜମି ବାବଦକୁ ପ୍ରଭାତ ଅଗ୍ରୀମ ୨୫ ଲକ୍ଷ ଟଙ୍କା ଆଣିବା ପରେ କୌଣସି କାରଣ ପାଇଁ ଉକ୍ତ ଜମି ବିକ୍ରି ହୋଇପାରି ନ ଥିଲା। ତେଣୁ ଉକ୍ତ ଟଙ୍କା ସିଶୋର ମୁଖ୍ୟଙ୍କୁ ଫେରାଇ ଦିଆଯାଇଥିବା ପ୍ରଭାତ କହିଥିଲେ। ହେଲେ ଉକ୍ତ ଟଙ୍କା ଫେରସ୍ତ ହୋଇ ନ ଥିବା ସିବିଆଇ ପ୍ରମାଣ ପାଇବା ପରେ ପ୍ରଭାତଙ୍କୁ ଏକାଧିକ ଥର ଜେରା କରିଥିଲା। ପରେ ୨୦୧୭ ସେପ୍ଟେମ୍ବର ୧୯ରେ ସିବିଆଇ ପ୍ରଭାତଙ୍କୁ ଗିରଫ କରି ଜେଲ ପଠାଇଥିଲା। ୨୦୧୮ ଜୁନ ୨୬ରେ ପ୍ରଭାତ ଜାମିନରେ ମୁକୁଳିଥିଲେ। ସେପଟେ ତଦନ୍ତବେଳେ ଇଡି ପକ୍ଷରୁ ପ୍ରଭାତଙ୍କ କଟକ ଏସ୍‌ବିଆଇ ଶାଖାରେ ଥିବା ୨୫ ଲକ୍ଷ ଟଙ୍କା ଆଟାଚ୍ କରାଯାଇଥିବା ଗତବର୍ଷ ଜୁଲାଇରେ ସୂଚନା ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ, ସିଶୋର ଚିଟ୍‌ଫଣ୍ଡ ଠକେଇ ମାମଲାରେ ୯ବର୍ଷ ପରେ ଭୁବନେଶ୍ୱର ସିବିଆଇ-୧ କୋର୍ଟରେ ଶନିବାର ପ୍ରଭାତ ଏବଂ ତାଙ୍କ ସ୍ତ୍ରୀଙ୍କ ନାଁରେ ଚାର୍ଜଫ୍ରେମ ହୋଇଥିବାବେଳେ ମାମଲାର ଶୁଣାଣି ଆସନ୍ତା ନଭେମ୍ବରରେ ଆରମ୍ଭ ହେବ ବୋଲି ସୂଚନା ରହିଛି।

### ଗୁଣି ସନ୍ଦେହରୁ...


ମୃତ ଦମ୍ପତିଙ୍କ ଫାଇଲ ଫଟୋ

କରିବା ସହ ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଓ ୨ଟି ଛୁରି ଜବତ କରିଛି। ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଛି। ଏ ନେଇ କେସ୍ ନଂ ୧୪୨/୨୩ରେ ମାମଲା ରୁଜୁ କରି ୮ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ କେତେଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡ଼ିଛି। ପୂର୍ବ ଶତ୍ରୁତା ତଥା ଗୁଣିଗାରେଡିକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ କରିଛି।

### 'ପୁଅ କହିଲେ...

ତେବେ ଫଟୋ ଉଠାଇଲା ବେଳେ ଶିଶୁଟି ପୁଅ ନୁହେଁ ଝିଅ ବୋଲି ସେ ଜାଣିବାକୁ ପାଇଥିଲେ। ଏନେଇ ତୁରନ୍ତ ସେ ନର୍ସଙ୍କୁ ଏହି ବିଷୟରେ ପ୍ରଶ୍ନ କରିଥିଲେ। ପ୍ରଥମେ ପୁଅ ହୋଇଥିବା କହିଥିଲ, ଏବେ କିନ୍ତୁ ଝିଅ କ'ଣ ଦେଇଛନ୍ତି ବୋଲି କହି ପଚାରିଥିଲେ। ହେଲେ ଉକ୍ତ ନର୍ସ କିଛି ନ କହି ପଳାଇ ଯାଇଥିଲେ। କିଛି ସମୟ ପରେ ଡାକ୍ତର ଆସି ତାଙ୍କର ଝିଅ ହୋଇଥିବା ଜଣାଇଥିଲେ। ଅନ୍ୟ ଜଣଙ୍କର ପୁଅ ହୋଇଥିବାବେଳେ ନର୍ସ ଭୁଲରେ ତାଙ୍କର ପୁଅ ହୋଇଥିବା କହିଦେଇଥିଲେ ବୋଲି ଡାକ୍ତର ତାଙ୍କୁ କହିଥିଲେ ବୋଲି ପ୍ରାଣକୃଷ୍ଣ କହିଛନ୍ତି। ଏ ସଂକ୍ରାନ୍ତରେ କ୍ୟାପିଟାଲ ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ପ୍ରାଣକୃଷ୍ଣଙ୍କ ଏତଲାକୁ ଆଧାର କରି ଆମ ପକ୍ଷରୁ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି। ପୋଲିସ୍ ଟିମ୍ ମେଡିକାଲ କର୍ମଚାରୀଙ୍କ ସମେତ ଅନ୍ୟ କେତେଜଣଙ୍କୁ ପଚରାଉଚରା କରିଛି। ଏଥିସହ ପ୍ରମାଣପତ୍ର ମଧ୍ୟ ଯାଞ୍ଚ କରାଯାଇଛି। ଯାଞ୍ଚ ଓ ପଚରାଉଚରାରୁ ପ୍ରାଣକୃଷ୍ଣଙ୍କ ଝିଅ ହୋଇଥିବା ଜଣାପଡ଼ିଥିବା ସେ କହିଛନ୍ତି। ସେପଟେ ଏ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି, ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ, ସ୍ତ୍ରୀ ଓ ପ୍ରସୂତିକାଳୀନ ବିଭାଗ ମୁଖ୍ୟଙ୍କୁ ନେଇ ଏକ ୩ଜଣିଆ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ଆବଶ୍ୟକ ପଡ଼ିଲେ ଶିଶୁର ଡିଏନ୍ଏ ଟେଷ୍ଟ ମଧ୍ୟ କରାଯିବ ବୋଲି ନିର୍ଦ୍ଦେଶକ ସାହୁ କହିଛନ୍ତି।

# ୨ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ଘୋଷଣାକଲେ ମୁଖ୍ୟମନ୍ତ୍ରୀ

## ବିଦ୍ୟୁତ୍ ଆଘାତରେ ବାସନ୍ତୀଙ୍କ ମୃତ୍ୟୁ ଘଟଣା

ଭୁବନେଶ୍ୱର, ୨୬।୯(ସୁନିତ୍ ମିଶ୍ର)

ବିଧାନସଭା ଅଧିବେଶନ ମଙ୍ଗଳବାର ଅପରାହ୍ନରେ ଆରମ୍ଭ ହେବାପରେ ସଂସଦୀୟ ବ୍ୟାପାର ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ବାସନ୍ତୀ ଦାସଙ୍କ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ ଶୋକ ପ୍ରସ୍ତାବ ଆଗତ କରିଥିଲେ। ପୂଜାରୀ ଗୃହରେ କହିଛନ୍ତି, ସୋନପୁର ୱାର୍ଡ ନମ୍ବର ୧ର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ସୋନପୁର ମ୍ୟୁନିସିପାଲିଟି ସ୍ମାର୍ଟ ପାର୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଛି। ସୋମବାର ସକାଳ ୭ଟା ସମୟରେ ବୃନ୍ଦିମନ୍ତ ଦାସଙ୍କ ସ୍ତ୍ରୀ ବାସନ୍ତୀ ଦାସ ପାର୍କର ଲନ୍‌ର ଘାସ କାଟୁଥିଲେ। ଏହି ସମୟରେ ଦୁର୍ଭାଗ୍ୟବଶତଃ ଘାସକଟା ଯନ୍ତ୍ରର ବିଦ୍ୟୁତ୍ ଆଘାତରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସେଠାରୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କ ଜୀବନ ବଞ୍ଚାଯାଇପାରି ନ ଥିଲା। ବାସନ୍ତୀ ତାଙ୍କ ପରିବାରର ମୁଖ୍ୟ ଉପାର୍ଜନକାରୀ ଥିଲେ। ସେ ତାଙ୍କ ସ୍ୱାମୀ ଏବଂ ୧୮ ଓ ୧୪ ବର୍ଷର ୨ ଝିଅ ଓ ୧୧ ବର୍ଷର ପୁଅକୁ ଛାଡ଼ିଯାଇଛନ୍ତି। ସେମାନେ ଏକ ଗରିବ ପରିବାର ହୋଇଥିବା ବେଳେ ସେମାନଙ୍କର ସେପରି କିଛି ସ୍ଥାୟୀ ରୋଜଗାର ନାହିଁ। ଏହି ଦୁର୍ଘଟଣା ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ବାସନ୍ତୀ ଦାସଙ୍କ ନିକଟତମ ଆତ୍ମୀୟଙ୍କ ଲାଗି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

# ସଂଶୋଧନ ହେଲା ଓଇଏସ୍ ନିଯୁକ୍ତି ନିୟାମକ

## ଖୁବ୍‌ଶୀଘ୍ର ନିଯୁକ୍ତି ବିଜ୍ଞପ୍ତି

ଭୁବନେଶ୍ୱର, ୨୬।୯(ଅସମାପିକା ସାହୁ)

ସ୍ୱଚ୍ଛ ନିଯୁକ୍ତି ପଦ୍ଧତି ମାଧ୍ୟମରେ ମେଧାବୀଙ୍କୁ ଓଡ଼ିଶା ଯାନ୍ତ୍ରିକ ସେବା (ଓଇଏସ୍)ରେ ଯୋଗ ଦେବା ଏବଂ ଯାନ୍ତ୍ରିକ ସେବାର ଗୁଣାତ୍ମକମାନ ବୃଦ୍ଧି କରିବା ପାଇଁ ଗତ ୧୫ ତାରିଖରେ ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଯାନ୍ତ୍ରିକ ସେବା (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟାମକ, ୨୦୧୨ର ନିୟମ ୭ ଅଧୀନ ଉପନିୟମ (୩) ଓ (୪)କୁ ସଂଶୋଧନ କରାଯାଇଛି। ଫଳରେ ଇଞ୍ଜିନିୟରିଂ ଡିଗ୍ରୀଧାରୀ ମେଧାବୀ ଆଶାୟୀଙ୍କୁ ଯାନ୍ତ୍ରିକ ସେବାର ମୂଳ ପଦବୀରେ ସିଧାସଳଖ ନିଯୁକ୍ତି ଦେବା ନିମନ୍ତେ ଚୟନ ପ୍ରକ୍ରିୟାରେ 'ଗ୍ରାଜୁଏଟ୍ ଆପ୍ଟିଚ୍ୟୁଡ୍ ଟେଷ୍ଟ ଇନ୍ ଇଞ୍ଜିନିୟରିଂ' ବା ଗେଟ୍ ସ୍କୋର୍‌କୁ ୯୦ ପ୍ରତିଶତ ଅଗ୍ରାଧିକାର ଏବଂ ଓଡ଼ିଶା ଲୋକସେବା ଆୟୋଗ ମାଧ୍ୟମରେ ସାକ୍ଷାତ୍କାରକୁ ୧୦ ପ୍ରତିଶତ ଭାବେ ବିଚାରକୁ ନିଆଯିବା ପାଇଁ ସ୍ଥିର କରାଯାଇଛି। ଏହାଦ୍ୱାରା ସ୍ୱଚ୍ଛ ନିଯୁକ୍ତି ପଦ୍ଧତି ମାଧ୍ୟମରେ ଇଞ୍ଜିନିୟରିଂ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ମେଧାବୀଙ୍କ ମଧ୍ୟରୁ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରାଯାଇ ସ୍ୱଳ୍ପ ସମୟ ମଧ୍ୟରେ ଓଇଏସ୍‌ରେ ନିଯୁକ୍ତି କରାଯାଇପାରିବ। ଏ ନେଇ ମଙ୍ଗଳବାର ଜଳ ସମ୍ପଦ ବିଭାଗ ତରଫରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯିବା ସହ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କୁ ଏଥିପାଇଁ ଆଗୁଆ ପ୍ରସ୍ତୁତ ହେବାକୁ ଅବଗତ କରାଯାଇଛି। ଆଗାମୀ ଦିନରେ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ଯାନ୍ତ୍ରିକ ସେବା ପଦବୀ ପୂରଣ ପାଇଁ ଖୁବ୍‌ଶୀଘ୍ର ଓଡ଼ିଶା ଲୋକ ସେବା ଆୟୋଗଙ୍କୁ ବିଜ୍ଞପ୍ତି ପ୍ରକାଶ ପାଇଁ ସୁପାରିସ୍ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ମେଡିକାଲ କଲେଜରେ ଚିକିତ୍ସା ନାହିଁ

- ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କ ଭିଡ଼
- ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଉନି ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ

କେନ୍ଦୁଝର, ୨୬।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ନିକଟ କବିତ୍ରା ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗତ ଫେବୃୟାରୀ ୧୩ରେ ଉଦ୍‌ଘାଟିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ମେଡିକାଲ କ୍ୟାମ୍ପସ୍‌ରେ କେବଳ ପାଠପଢ଼ା ଚାଲିଥିବା ବେଳେ ହସ୍ପିଟାଲ ଏବେ ମଧ୍ୟ ଜିଲା ମୁଖ୍ୟ ଡାକ୍ତରଖାନାରେ ଚାଲିଛି। ପାଖାପାଖି ୪୦୦ କୋଟି ଟଙ୍କା ବ୍ୟୟରେ ୪୪.୪୦ ଏକର ଜମିରେ ନିର୍ମିତ ୩୮୫ ଶଯ୍ୟା ବିଶିଷ୍ଟ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ରୋଗୀ ସେବାରେ ଲାଗିପାରୁନାହିଁ।

ପ୍ରକାଶ ଯେ, କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ଉପରେ ଜିଲା ତଥା ପଡ଼ୋଶୀ ମୟୂରଭଞ୍ଜ, ଦେବଗଡ଼, ଭଦ୍ରକ ଆଦି ଜିଲା ବ୍ୟତୀତ ଝାଡ଼ଖଣ୍ଡ ରାଜ୍ୟର ରୋଗୀମାନେ ନିର୍ଭର କରିଥାନ୍ତି। କେନ୍ଦୁଝରରେ ମେଡିକାଲ କଲେଜ ପ୍ରତିଷ୍ଠା ହେବା ପରେ ଏହାର ଚାହିଦା ବଢ଼ିଯାଇଛି। କିନ୍ତୁ ମେଡିକାଲ କଲେଜ କ୍ୟାମ୍ପସ୍‌ରେ ଡାକ୍ତରଖାନା ଚାଲି ନ ଥିବାରୁ ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କ ଭିଡ଼ ଜମୁଛି। ଫଳରେ ସ୍ଥାନ ଅଭାବରୁ ରୋଗୀମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ବିଶେଷକରି ବାହାରୁ ଆସୁଥିବା ରୋଗୀ ବହୁ ହୀନସ୍ତା ହେଉଛନ୍ତି। ଏପରିକି ସୁପର ସ୍ପେଶାଲିଷ୍ଟ ଡାକ୍ତରଙ୍କୁ ଦେଖାଇବା ପାଇଁ ପୂର୍ବଦିନରୁ ରୋଗୀ ଆସି ରାତିରୁ ଲାଇନରେ ଟିକେଟକରି ଅପେକ୍ଷା କରୁଛନ୍ତି। ତେବେ ଯେଉଁଠି ଚାଲିଛି ଟିକେଟ, ସେହି ସ୍ଥାନରେ ନିରାମୟ ଯୋଜନାରେ ମେଡିସିନ କାଉଣ୍ଟର ରହିଛି। ଫଳରେ ମେଡିକାଲ ପ୍ରବେଶ ପଥରେ ରୋଗୀଙ୍କ ପ୍ରବଳ ଭିଡ଼ ଜମୁଥିବାରୁ ଅନ୍ୟ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ଜିଲା ମୁଖ୍ୟ ଚିକିତ୍ସାଳୟରେ ଭିଡ଼ ଜମାଇଥିବା ରୋଗୀ।

ସୂଚନାଯୋଗ୍ୟ, ଜିଲା ମୁଖ୍ୟ ଚିକିତ୍ସାଳୟ ଆଉଟଡୋରକୁ ଦୈନିକ ପ୍ରାୟ ୨୦୦୦ ରୋଗୀ ଆସୁଥିବା ବେଳେ ପାଖାପାଖି ୨୫୦ ଇନ୍‌ଡୋର ରୋଗୀ ଆସିଥାନ୍ତି। ମେଡିକାଲରେ ୨୧ଟି କ୍ଲିନିକାଲ ଓ ନନ୍ କ୍ଲିନିକାଲ ବିଭାଗ ରହିଛି। ଜିଲା ମୁଖ୍ୟ ଡାକ୍ତରଖାନାର ଡାକ୍ତର, ମେଡିକାଲ କଲେଜର ଡାକ୍ତରଙ୍କ ସମେତ ଡିଏମ୍‌ଏଫ୍ ଅର୍ଥରେ ନିୟୋଜିତ ସୁପରସ୍ପେଶାଲିଷ୍ଟ ଡାକ୍ତରମାନେ ରୋଗୀ ଚିକିତ୍ସା କରୁଥିଲେ ମଧ୍ୟ ଅନେକ ସମୟରେ ସ୍ଥାନ ଅଭାବରୁ ଏବଂ ରୋଗୀଙ୍କ ପାଇଁ ବିଶ୍ରାମ କକ୍ଷ ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ତଥା ଭୂଇଁରେ ବସି ବା ଶୋଇ ରୋଗୀଙ୍କୁ ଅପେକ୍ଷା କରିବାକୁ ପଡୁଛି। ଫଳରେ ରୋଗ ଦେଖାଇବାକୁ ଆସୁଥିବା ରୋଗୀଙ୍କୁ ସଂକ୍ରମଣ ଆଶଙ୍କା ରହୁଛି। ଏଣୁ ଅଧିକ ଟିକେଟ ଓ ମେଡିସିନ କାଉଣ୍ଟର ଖୋଲିବା ସହିତ ତୁରନ୍ତ ଧରଣୀଧର ମେଡିକାଲ କଲେଜ ଖୋଲିବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହେଉଛି। ଅନେକ ସମୟରେ ନିରାମୟ ଯୋଜନାରେ ମାଗଣା ମେଡିସିନ ମିଳୁନାହିଁ କିମ୍ବା ବିଭିନ୍ନ ପ୍ରକାର ପରୀକ୍ଷା ହୋଇପାରୁ ନ ଥିବାରୁ ଗରିବ ଲୋକେ ବାହାରୁ ମେଡିସିନ କିଣି ଓ ପରୀକ୍ଷା କରି ଖର୍ଚ୍ଚାନ୍ତ ହେଉଛନ୍ତି। ଏହାଦ୍ୱାରା ବାହାର ମେଡିସିନ ଦୋକାନୀ, ଘରୋଇ କ୍ଲିନିକ ବା ନର୍ସିଂହୋମ ମାଲିକମାନେ ଲାଭବାନ ହେଉଥିବା ବେଳେ ରୋଗୀ ଶୋଷଣର ଶିକାର ହେଉଛନ୍ତି ବୋଲି ସାମାଜିକ କର୍ମୀ ଦିଲୀପ ସାହୁ କହିଛନ୍ତି। ଆପାତକାଳୀନ ରୋଗୀଙ୍କ ପାଇଁ ଆଇସିୟୁ ସୁବିଧା ନାହିଁ। ଏଣୁ ଡିଏମ୍‌ଏଫ୍ ଅନୁଦାନରେ ନିର୍ମାଣ ହୋଇଥିବା ମେଡିକାଲ କଲେଜ ଓ ଡାକ୍ତରଖାନାର କୋଠା ବ୍ୟବହାର ନ ହେଲେ ନଷ୍ଟ ହୋଇଯିବ ବୋଲି ମତ ପ୍ରକାଶ ପାଉଛି।

କେନ୍ଦୁଝର ସହରାଞ୍ଚଳ ଗମ୍ଭାରିଆର ବରିଷ୍ଠ ନାଗରିକ ଅଲେଖ ଚନ୍ଦ୍ର ପାତ୍ର କୁହନ୍ତି, ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିଲେ। କିନ୍ତୁ ଭିଡ଼ ଦେଖି ଫେରି ଆସିଲେ। ମେଡିକାଲ କଲେଜ ପରିସରରେ ଚିକିତ୍ସା ବ୍ୟବସ୍ଥା କରାଗଲେ ଅସୁବିଧା ରହିବ ନାହିଁ। ସଦର ବ୍ଲକ ଅଧୀନ ସେଣ୍ଡକାପ୍ ଅଞ୍ଚଳର ରୋଗୀଙ୍କ ସମ୍ପର୍କୀୟ ନବୀନ ପଲେଇ କହିଛନ୍ତି, ମଙ୍ଗଳବାର ଜଣେ ସମ୍ପର୍କୀୟଙ୍କୁ ଧରି ମେଡ଼ିକାଲ ଯାଇଥିଲେ। ସେଠାରେ ପ୍ରବଳ ଭିଡ଼ ଦେଖି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ସମସ୍ୟା ବିଷୟରେ ଜଣାଇଥିଲେ। ଛୁଆ ପିଲା, ବୃଦ୍ଧା ବୃଦ୍ଧ ଏବଂ ରୋଗୀଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିବାରୁ ତୁରନ୍ତ ମେଡିକାଲ କଲେଜ ପରିସରକୁ ଡାକ୍ତରଖାନା ସ୍ଥାନାନ୍ତର କରିବା ଆବଶ୍ୟକ।

ଏନେଇ ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ଡା. ମହେନ୍ଦ୍ର ନାୟକଙ୍କୁ ପଚାରିବାରୁ ଟିକେଟ କାଉଣ୍ଟର ଓ ମେଡିସିନ ବଣ୍ଟନ କେନ୍ଦ୍ର ଗୋଟିଏ ସ୍ଥାନରେ ରହିଥିବାରୁ ରୋଗୀଙ୍କ ଭିଡ଼ ଜମୁଛି। ମେଡିକାଲ କଲେଜକୁ ସ୍ଥାନାନ୍ତରିତ ହେଲେ ଏହାର ସମାଧାନ ହେବ। ଡିସେମ୍ବର ସୁଦ୍ଧା ହସ୍ପିଟାଲ ମେଡିକାଲ କଲେଜ କ୍ୟାମ୍ପସକୁ ଉଠିବା କଥା। କିନ୍ତୁ ବିଳମ୍ବ ହୋଇପାରେ। ଅଦ୍ୟାବଧି ବିଭିନ୍ନ କର୍ମଚାରୀ ନିଯୁକ୍ତି, ବ୍ୟବହାର ସରଞ୍ଜାମ ଓ ଯନ୍ତ୍ରପାତି ଆଦି ବସିବାକୁ ବାକି ରହିଛି ବୋଲି ସେ କହିଛନ୍ତି।

# ଓୟୁଏଟି-ଫକୀର ମୋହନ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

ଭୁବନେଶ୍ୱର, ୨୬।୯
(ଅସମାପିକା ସାହୁ)

ବୈଷୟିକ ଜ୍ଞାନକୌଶଳର ଆଦାନପ୍ରଦାନ ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟ ମଧ୍ୟରେ ମଙ୍ଗଳବାର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଫଳରେ ଆଗାମୀ ଦିନରେ ଉଭୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ନୂଆ ଗବେଷଣା ଦିଗରେ ଛାତ୍ରୀଛାତ୍ରଙ୍କୁ ନୂତନ ଦିଗ୍‌ଦର୍ଶନ ମିଳିପାରିବ ବୋଲି ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। ଉଭୟ ବିଶ୍ୱବିଦ୍ୟାଳୟ ଅଧୀନରେ ଅନେକ କଲେଜ ପରିଚାଳିତ ହେଉଥିବାବେଳେ ବହୁ ଅନୁଷ୍ଠାନରେ ବିଭିନ୍ନ ଗବେଷଣାମୂଳକ କାର୍ଯ୍ୟ ସମ୍ପାଦନ ହେଉଛି। ବିଶେଷକରି ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଆଗାମୀ ଦିନରେ ଜଳବାୟୁ, ଧାନ ଗବେଷଣା ସହ ଅନ୍ୟାନ୍ୟ ଗବେଷଣା ଦିଗରେ ଏହି ବୁଝାମଣାପତ୍ର ସହାୟକ ହେବ ବୋଲି ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି। ଓୟୁଏଟିର ଯୋଜନା ଓ ତଦାରଖ ନିର୍ଦ୍ଦେଶକ ଡ. ଦୟାନିଧି ମିଶ୍ର ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର କୁଙ୍କୁମିନା ଦାସ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଓୟୁଏଟିର ନିର୍ଦ୍ଦେଶକ, ଅଧ୍ୟକ୍ଷ, ବୈଜ୍ଞାନିକ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟର ସଦସ୍ୟମାନେ ଉପସ୍ଥିତ ଥିଲେ।



# ଓଡ଼ିଶା ସବୁଜ ପର୍ଯ୍ୟଟନର ଗନ୍ତାଘର

ପର୍ଯ୍ୟଟନ ନିର୍ଦ୍ଦିଷ୍ଟ ସ୍ଥାନର ପରିଚୟଠାରୁ ଆଗକୁ ଗଲାଣି। ଅନ୍ତର୍ଜାତୀୟ ଚାହିଦା ପୂରଣ ସକାଶେ ଘରୋଇ ଓ ସରକାରୀ ସ୍ତରରେ ବିଭିନ୍ନ ପ୍ରକାର ଉଦ୍ୟମ ହେଉଛି। ପ୍ରକୃତିକୁ କୌଣସି କ୍ଷତି ନ ପହଞ୍ଚାଇ ଉନ୍ନତି ଦିଗରେ ଅଗ୍ରସର ହେବାକୁ କୁହାଯାଉଛି 'ନିରନ୍ତର ବିକାଶ'। ଚଳିତବର୍ଷର ବିଶ୍ୱ ପର୍ଯ୍ୟଟନ ଦିବସର ଥିମ୍ ରହିଛି-'ପର୍ଯ୍ୟଟନ ଓ ସବୁଜ ପୁଞ୍ଜିବିନିଯୋଗ'। ଏବେ ପର୍ଯ୍ୟଟନ ଶିଳ୍ପ ନିର୍ଦ୍ଦିଷ୍ଟ ଭୂଖଣ୍ଡର ଆର୍ଥିକ ଦିଗକୁ ସମୃଦ୍ଧ କରିବାରେ ଲାଗିଛି। ଏହା ଯୁବପିଢ଼ିଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କଲାଣି। ଓଡ଼ିଶା ପର୍ଯ୍ୟଟନର 'ବେଷ୍ଟ କେପ୍ଟ ସିକ୍ରେଟ'କୁ ଦେଖି ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକମାନେ ଏହି ରାଇଜ ପ୍ରତି ହେଉଛନ୍ତି ଆକର୍ଷିତ। ଚଳିତବର୍ଷ ଜାନୁୟାରୀରୁ ଜୁନ୍ ମଧ୍ୟରେ ୪୪ ଲକ୍ଷ ବାହାର ପର୍ଯ୍ୟଟକଙ୍କ ଓଡ଼ିଶାରେ ପଦଚିହ୍ନ ଛାଡ଼ିଯିବା ନିଶ୍ଚିତ ଭାବେ ରାଜ୍ୟ ପର୍ଯ୍ୟଟନ ପାଇଁ ଏକ ସୁବାର୍ତ୍ତା ଦେଇଛି।

ଉପସ୍ଥାପନା : ଶର୍ମିଷ୍ଠା ପାଣିଗ୍ରାହୀ



## ଏକ୍ସପ୍ଲୋର୍ ହେଉଛି ଓଡ଼ିଶା, ପାଲଟିଛି ଯୁବପିଢ଼ିଙ୍କ ନିଶା

ଓଡ଼ିଶାର ପର୍ଯ୍ୟଟନ ସ୍ଥାନଗୁଡ଼ିକ ଦିନକୁ ଦିନ ଅଧିକ ମାତ୍ରାରେ ଏକ୍ସପ୍ଲୋର ହେବାକୁ ଲାଗିଲାଣି। ଏଥିରେ କେବଳ ପର୍ଯ୍ୟଟନ ବିଭାଗ ନୁହେଁ, ଯୁବପିଢ଼ିଙ୍କର ଏକ ମୁଖ୍ୟ ଭୂମିକା ରହିଛି। ସାମାଜିକ ଗଣମାଧ୍ୟମ ଜରିଆରେ ଓଡ଼ିଶାର ସୁନ୍ଦରତାକୁ ନିଜେ ଉପଭୋଗ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନକୁ ବୁଲିଯିବା ପାଇଁ ଖୋରାକ ଯୋଗାଉଛନ୍ତି। ବିଶେଷକରି ଇନ୍‌ଷ୍ଟାଗ୍ରାମ ଓ ୟୁଟ୍ୟୁବ ସର୍ଫ୍ସ ମାଧ୍ୟମରେ ସୁନ୍ଦର ସୁନ୍ଦର ଭିଡିଓ, ଫଟୋ ଉତ୍ତୋଳନ କରି ଅପଲୋଡ୍ କରୁଛନ୍ତି। ଯୁବପିଢ଼ିଙ୍କ ପାଇଁ ଏହା ଏବେ ଏକ ନିଶା ପାଲଟିଛି। ଏଥିରେ ଅନେକେ ଏବେ ସାମିଲ ହୋଇ ଓଡ଼ିଶାକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ଚେଷ୍ଟା କରୁଛନ୍ତି। ସୋସିଆଲ ମିଡିଆରେ ଭଲ ଫଲୋୟର୍ସ ସହ ବିଭାଗ ସାହାଯ୍ୟରେ ମଧ୍ୟ ନିଜ ପାଇଁ ରୋଜଗାରର ଏକ ମାଧ୍ୟମ ସୃଷ୍ଟି କରିପାରିଛନ୍ତି। ଏ ନେଇ ସେମାନେ କୁହନ୍ତି–

### ଓଡ଼ିଶାକୁ ବିଶ୍ୱସ୍ତରରେ ପହଞ୍ଚାଇବାର ପ୍ରୟାସ



'ଚଲୋ ଓଡ଼ିଶା' ଆରମ୍ଭ ହୋଇଥିଲା ୨୦୧୫ରୁ। ମୁଁ ଓ ମୋର ସାଙ୍ଗ ସୁରଜ ବଳ ମିଶି ଏହାକୁ ଆରମ୍ଭ କରିଥିଲୁ। ମାତ୍ର ଏହା ମଝିରେ ବନ୍ଦ ହୋଇଯାଇଥିଲା। କୋଭିଡ ସମୟରେ ଏହା ପୁଣି ଥରେ ଆରମ୍ଭ ହେଲା। ଘରେ ବସିରହିଥିବା ଲୋକଙ୍କୁ ଆମେ ଓଡ଼ିଶାର ଭର୍ଚୁଆଲ ଟୁର୍ କରାଇଥିଲୁ। ଆମର ଟାର୍ଗେଟ୍ ଓଡ଼ିଶାକୁ କିଭଳି ବିଶ୍ୱସ୍ତରରେ ପହଞ୍ଚାଇପାରିବୁ। ଏପରିକି ଅନେକଙ୍କଠାରେ ପହଞ୍ଚିପାରି ନ ଥିବା ସ୍ଥାନ, ଖାଦ୍ୟ, ସଂସ୍କୃତି, ପରମ୍ପରା ସବୁକିଛି ମାଧ୍ୟମରେ। ଓଡ଼ିଶା ରଥଯାତ୍ରାକୁ ଯେମିତି ସମସ୍ତେ ଜାଣୁଛନ୍ତି ସେମିତି ସବୁକିଛିକୁ ବାହାରେ ପହଞ୍ଚାଇବାର ଲକ୍ଷ୍ୟ ରହିଛି। ବିଭାଗ ମଧ୍ୟ ଆମକୁ ଅନେକ ସାହାଯ୍ୟ କରୁଛି।

**– ବିକ୍ରମ କିଶୋର ବେହେରା, ଟ୍ରାଭେଲ ବ୍ଲଗର୍**

### ଭଲ ରେସପନ୍ସ ମିଳୁଛି



ପ୍ରାୟ ୨ବର୍ଷ ହେବ ମୁଁ ଏହା ଆରମ୍ଭ କଲିଣି। ଦେଢ଼ ବର୍ଷ ହେବ ପ୍ରପର୍ଲି ଇନ୍‌ଷ୍ଟାଗ୍ରାମରେ ଭିଡିଓ ଅପଲୋଡ୍ କରୁଛି। ଆଉ ଏବେ ଏହା ମୋର ପ୍ୟାଶନ୍, ପ୍ରଫେଶନ୍ ସବୁକିଛି ପାଲଟିଯାଇଛି। ଭୁବନେଶ୍ୱର, କଟକ, ପୁରୀ ସହିତ ଆହୁରି ଅନେକ ସ୍ଥାନ ଅଛି, ଯାହାକୁ ସମସ୍ତେ ବୁଲିବା ଆବଶ୍ୟକ। କୁହାଯାଏ ଓଡ଼ିଶା ଇଣ୍ଡିଆର 'ବେଷ୍ଟ କେପ୍ଟ ସିକ୍ରେଟ୍'। ତାହା ମୁଁ ମୋ ଭିଡିଓ ମାଧ୍ୟମରେ ଦେଖାଇବାକୁ ଚାହିଁଥାଏ। ମୁଁ କେବଳ ଓଡ଼ିଶା ଉପରେ ହିଁ ଫୋକସ୍ କରୁଛି। ଏହାଛଡ଼ା ବି ବାହାରୁ ଭଲ ରେସପନ୍ସ ମିଳୁଛି। ଏଥିରୁ ଇନକମ୍ ବି କରି ହେଉଛି। ସରକାରୀ ଓ ବେସରକାରୀ ଉଭୟ ସ୍ତରରେ।

**– ଅନିମେଶ ପ୍ରଧାନ, ଟ୍ରାଭେଲ ବ୍ଲଗର୍**

## ସମସ୍ତଙ୍କ ଉଦ୍ୟମ ଲୋଡ଼ା



ବିଶ୍ୱ ପର୍ଯ୍ୟଟନ ଦିବସର ଶୁଭେଚ୍ଛା ଜଣାଇ ଓଟିଡିସି ଅଧ୍ୟକ୍ଷ ଲେନିନ ମହାନ୍ତି କହିଛନ୍ତି, ଏହି ଦିବସ ଉପଲକ୍ଷେ ସକାଳ ୬ରୁ ସାଣ୍ଡି ଟାୱାର୍ସ ପାଖରୁ କଟକ ଯାଏ ଏକ ବାଇକ୍ ରାଲି କରାଯିବ। ଏହା 'ପର୍ଯ୍ୟଟନ ଓ ସବୁଜ ପୁଞ୍ଜିବିନିଯୋଗ'ର ମୂଳ ଲକ୍ଷ୍ୟର ବାର୍ତ୍ତା ବାଣ୍ଟିବ। ଉଚ୍ଚକୋଟୀର ଆତିଥେୟତା ସହ ସମସ୍ତଙ୍କ ଉଦ୍ୟମରେ ଆମ ପର୍ଯ୍ୟଟନକୁ ସବୁଜ ସୁନ୍ଦର କରିବାକୁ ଆମେ ଚେଷ୍ଟା କରିବୁ।

**– ଲେନିନ ମହାନ୍ତି, ଓଟିଡିସି ଅଧ୍ୟକ୍ଷ**

## ଆମ ପର୍ଯ୍ୟଟନ ଏବେ ଟ୍ରାକ୍‌କୁ ଆସିଲାଣି



ମୁଁ ଏନ୍‌ଆଇଟି ରାଉରକେଲାରେ ବିଟେକ୍ ପଢ଼ିବା ସମୟରୁ ହିଁ ଭିଡିଓ ବନାଇବା ଆରମ୍ଭ କରିଦେଇଥିଲି। ଆଜିକୁ ୮ରୁ ୯ବର୍ଷ ହେବ ଏହା ମୋର ଏକ ହବି ହୋଇ ରହିଛି। ଓଡ଼ିଶା ସହ ଭାରତରେ ମଧ୍ୟ ବିଭିନ୍ନ ସ୍ଥାନକୁ ଯାଇ ମୁଁ ଭିଡିଓ କରେ। ଗୋଟେ ସସ୍‌ଟେନେବଲ୍ ଟୁରିଜମ୍ ପାଇଁ ମୋ ଆଡୁ ଚେଷ୍ଟା ଜାରି ରହିଛି। ପର୍ଯ୍ୟଟନ ଉପରେ ମୁଁ ଆଗକୁ ଏକ ଉଦ୍ୟୋଗ ମଧ୍ୟ ଆରମ୍ଭ କରିବାକୁ ଯୋଜନା କରୁଛି। ପର୍ଯ୍ୟଟକମାନେ କିଭଳି ପ୍ରକୃତି କୋଳରେ ରହି ସୁନ୍ଦରତାକୁ ଉପଭୋଗ କରିପାରିବେ, ତାହା ଉପରେ ପ୍ରାଧାନ୍ୟ ଦେବି। ଭିଡିଓ ହେବା ଦ୍ୱାରା ଗୋଟେ ଗୋଟେ ସ୍ଥାନ ଖୁବ୍ ଭାଇରାଲ୍ ହେଉଛି, ଯାହାକୁ ସମସ୍ତେ ବୁଲି ଯାଉଛନ୍ତି। ଆଗ ଅପେକ୍ଷା ଏବେ ପର୍ଯ୍ୟଟନ ବିଭାଗ ଅଧିକ ଆଗ୍ରହ ଦେଖାଉଛି। ଆମ ଟୁରିଜିମ୍ ଏବେ ତା'ର ଟ୍ରାକ୍‌କୁ ଆସୁଛି।

**– ଆଦିତ୍ୟ ପ୍ରକାଶ ସାହୁ, ଟ୍ରାଭେଲ ବ୍ଲଗର୍**

## ଅକ୍ଟୋବରରୁ ଇକୋ ରିଟ୍ରିଟ୍

ପର୍ଯ୍ୟଟନ ଋତୁକୁ ଏକ ଭିନ୍ନ ମୋଡ଼ ଦେଇଛି ଇକୋ ରିଟ୍ରିଟ୍। ମଉଜ, ମସ୍ତି ସହ ପର୍ଯ୍ୟଟକମାନେ ଉପଭୋଗ କରନ୍ତି ପ୍ରକୃତିକୁ। ପ୍ରକୃତି କୋଳରେ ସମୟ ବିତାଇ ସାଉଁଟିଥାନ୍ତି ବିଭିନ୍ନ ପ୍ରକାରର ଅଭିଜ୍ଞତା। ଚଳିତବର୍ଷ ଆରମ୍ଭ ହେବାକୁ ଯାଉଛି ଇକୋ ରିଟ୍ରିଟ୍‌ର ୩ମାସିଆ ଯାତ୍ରା। ଏଥର ମଧ୍ୟ ୭ ସ୍ଥାନ କୋଣାର୍କ, ସାତକୋଶିଆ, ଭିତରକନିକା, ଦାରିଙ୍ଗବାଡ଼ି, ହୀରାକୁଦ, ସୁନାପୁର ଓ ପୁଟସିଲ୍‌ରେ ଇକୋ ରିଟ୍ରିଟ୍ ଅନୁଷ୍ଠିତ ହେବ। ଜଙ୍ଗଲ, ମନ୍ଦିର, ଖାଦ୍ୟ, ବେଳାଭୂମିକୁ ମନ ଭରି ଉପଭୋଗ କରିବେ। ସେପ୍ଟେମ୍ବର ୧୫ରୁ ଏ ନେଇ ବୁକିଂ ମଧ୍ୟ ଆରମ୍ଭ ହୋଇଛି। ଏଥର ସମାନ ସମୟରେ ଇକୋ ରିଟ୍ରିଟ୍ ନ ହୋଇ ଭିନ୍ନ ଭିନ୍ନ ସମୟରେ ସ୍ଥାନଗୁଡିକରେ ଏହା ହେବ। ପ୍ରଥମ ପର୍ଯ୍ୟାୟରେ ସାତକୋଶିଆ, ଦାରିଙ୍ଗବାଡ଼ି, ହୀରାକୁଦ, ପୁଟସିଲ୍‌ରେ ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ହେବାକୁ ଥିବା ବେଳେ କୋଣାର୍କ, ଭିତରକନିକା ଓ ସୁନାପୁରରେ ଜାନୁୟାରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ଏହା ଚାଲିବ। ଆବଶ୍ୟକସ୍ଥଳେ ସମୟସୀମା ବୃଦ୍ଧି ହେବାର ମଧ୍ୟ ସୂଚନା ରହିଛି।















## ଅନଶନରେ ଉପକାରାଗାର କର୍ମଚାରୀ

ଜି.ଉଦୟଗିରି(ଶିଶିର ପଟ୍ଟନାୟକ): ୫ ଦଫା ଦାବି ନେଇ ଜି.ଉଦୟଗିରି ଉପକାରାଗାରର କର୍ମଚାରୀ ସୋମବାରଠାରୁ କଳା ବ୍ୟାଜ ପରିଧାନ କରିବା ସହିତ କାରାଗାର ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଆମରଣ ଅନଶନ ସମୟରେ ଯଦି କୌଣସି କର୍ମଚାରୀ ଅସୁସ୍ଥ କିମ୍ବା ମୃତାହତ ହୁଅନ୍ତି ତେବେ କାରାଗାର ପ୍ରଶାସନ ଏବଂ ସରକାର ଏଥି ନିମନ୍ତେ ସମ୍ପୂର୍ଣ୍ଣ ରୂପେ ଦାୟୀ ରହିବେ ବୋଲି ସମ୍ପାଦକ ସାଗର ଗୁମାନ ସିଂ କହିଛନ୍ତି। ଜି.ଉଦୟଗିରି ଉପକାରାଗାର ସଭାପତି ଲିଙ୍ଗରାଜ ସାହୁ, କୋଷାଧ୍ୟକ୍ଷ ସଂଯୁକ୍ତା ବେହେରା, ଭାଗିରଥି ସେଠୀ, ମୁରଲୀ ସେଠୀ, ଦେବରାଜ ଡାକୁଆ, ଯୋଗେନ୍ଦ୍ର ମହାକୁଡ଼, ବିକ୍ରମଦେବ ପ୍ରଧାନ, ପ୍ରଭାସିନୀ ମହାପାତ୍ର, ହିନ୍ନ ସେଠୀ ପ୍ରମୁଖ ଅନଶନରେ ବସିରହିଛନ୍ତି।

# ସଂକ୍ଷେପରେ

## ଷ୍ଟାଣ୍ଡ ପୋଷ୍ଟରୁ ଟ୍ୟାପ ଚୋରି

ଗଞ୍ଜାମ,୨୬।୯(ବିଦ୍ୟାଧର ସାହୁ)

ରାସ୍ତାରେ ଯିବା ଆସିବା କରୁଥିବା ପଥଚାରୀ ଓ ଜନସାଧାରଣ ପିଇବା ପାଇଁ ଏନ୍‌ଏସି ପ୍ରଶାସନ ପକ୍ଷରୁ ଗଞ୍ଜାମ ସହର ତ୍ରିବେଣୀ ମଠ ଛକ ଠାରେ ସୁଜଳ ଷ୍ଟାଣ୍ଡ ପାଇପ ଲଗାଯାଇଥିଲା। ସୋମବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଷ୍ଟାଣ୍ଡ ପାଇପରୁ ଦୁଇଟି ଟ୍ୟାପ ଚୋରି କରି ନେଇଯାଇଥିବା ଦେଖିବାକୁ ମିଳିଛି। ଯାହା ଫଳରେ ସେଠାରୁ ଅନବରତ ପାଣି ବାହାରୁଥିଲା। ପୋଲିସ ସିସିଟିଭି ଯାଞ୍ଚ କଲେ ଚୋରି ଧାରା ପଡ଼ିଯିବ ବୋଲି କାଉନସିଲର ପ୍ରତିନିଧି ଅରୁଣ ମହାନ୍ତି କହିଛନ୍ତି।

## ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ବୁଗୁଡ଼ା,୨୬।୯(କାଳି ଚରଣ ଦାଶ)

ବୁଗୁଡା ପିପୁଲ୍ସ କଲେଜର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ନିକଟସ୍ଥ କୁବେରେଶ୍ୱର ମନ୍ଦିର ପରିସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ମନୋଜ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ହରିକୃଷ୍ଣ ନାୟକ ଏବଂ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ପ୍ରଦୀପ କୁମାର ଦାଶ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା ରକ୍ଷା ଦିଗରେ ମାର୍ଗ ଦର୍ଶନ କରିବା ସହ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ବିଜେନ୍ଦ୍ର ଆଚାର୍ଯ୍ୟ, ଅଧ୍ୟାପିକା ଶୁଭସ୍ମିତା ମହାପାତ୍ର ଓ କର୍ମଚାରୀ ଅନିଲ୍ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ଦିବ୍ୟାଙ୍ଗ ଶିଶୁଙ୍କ ଅଭିଭାବକଙ୍କ ତାଲିମ ଶିବିର

ଆସିକା,୨୬।୯ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଦିବ୍ୟାଙ୍ଗ ଶିଶୁଙ୍କ ଅଭିଭାବକଙ୍କ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଆସିକା ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୁ ନନ୍ଦନ ପଣ୍ଡା ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଆସିକା ବ୍ଲକର ହରିଡ଼ାପଦର, ନଳବଣ୍ଟା, କାଳ ଷଣ୍ଢପୁର ଓ ଆସିକା ଏନ୍‌ଏସି କ୍ଲଷ୍ଟରର ୪୮ ଜଣ ଅଭିଭାବକ ଯୋଗଦେଇଥିଲେ। ଏହି ବୈଠକରେ ଭିନ୍ନକ୍ଷମ ଶିଶୁମାନଙ୍କ ନିମନ୍ତେ ବିଦ୍ୟାଳୟ ସ୍ତରରେ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାର ସୁପରିଚାଳନା ନିମନ୍ତେ ଅଭିଭାବକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଧନକର୍ମୀ ସନ୍ତୋଷିନୀ ମୁନି ଓ ଅର୍ଚ୍ଚନା ବେହେରା ବୈଠକରେ ତାଲିମ ପ୍ରଦାନ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ହେମନ୍ତ କୁମାର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱଚ୍ଛ ଚର୍ଚ୍ଚା ଦିବସ

କବିସୂର୍ଯ୍ୟନଗର,୨୬।୯(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକ ଆଠଗଡ଼ପାଟଣା ନାରାୟଣୀପୀଠରେ ଓଡ଼ିଶା ସରକାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କବିସୂର୍ଯ୍ୟନଗର ଏନ୍‌ଏସି ସହଯୋଗରେ ସ୍ୱଚ୍ଛ ଚର୍ଚ୍ଚା ଦିବସ ପାଳିତ ହୋଇଛି। ଏହି ଅବସରରେ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବଡାଖାନା କାର୍ଯ୍ୟକ୍ରମରେ ସ୍ଥାନୀୟ ଏନ୍‌ଏସି ଅଧକ୍ଷା ଏସ. ଲକ୍ଷ୍ମୀ ସେଠୀ, ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, ସୁରଜ କୁମାର ରେଡ଼ି, ଲକ୍ଷ୍ମୀପ୍ରିୟା ସାହୁ ଓ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ଅନୁଧ୍ୟାନପୂର୍ବକ ସମସ୍ତ ଏନ୍‌ଏସି କର୍ମଚାରୀ ଓ କାଉନ୍‌ସିଲର ଉପସ୍ଥିତ ଥିଲେ।

# ଉନ୍ନତୀକରଣ ନାମରେ ଶ୍ରେଣୀଗୃହ ଭାଙ୍ଗି ଦିଆଗଲା

## କାମ ହେଉନି, ଶିକ୍ଷାଦାନ ବାଧାପ୍ରାପ୍ତ

ପାରଳାଖେମୁଣ୍ଡି,୨୬।୯(ଗିରିଧାରୀ ପରିଛା):

ଗଜପତି ଜିଲା ଗୋଷାଣି ବ୍ଲକ ସରଧାପୁର ପଞ୍ଚାୟତ ସଦରସ୍ଥିତ ଉଚ୍ଚ ବିଦ୍ୟାଳୟର ଉନ୍ନତୀକରଣ ନିମନ୍ତେ ଶ୍ରେଣୀଗୃହଗୁଡ଼ିକୁ ପ୍ରାୟ ଏକମାସ ହେଲା ଭାଙ୍ଗି ଦିଆଯାଇଛି। ଏହି କକ୍ଷଗୁଡ଼ିକୁ ମରାମତି କିମ୍ବା ପୁନଃନିର୍ମାଣ କରାଯାଉନାହିଁ। ଏପରି ସ୍ଥଳେ ବିଦ୍ୟାଳୟରେ ପଢୁଥିବା ଶତାଧିକ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ବ୍ୟବସ୍ଥାରେ ବାଧା ଉପୁଜୁଥିବା ଅଭିଭାବକ ଓ ଛାତ୍ରଛାତ୍ରୀଗଣ କହିଛନ୍ତି। ସରଧାପୁର ଗ୍ରାମଠାରେ ଥିବା ଉଚ୍ଚ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶହେରୁ ଉର୍ଦ୍ଧ ଛାତ୍ରାଛାତ୍ରୀ ପାଠ ପଢୁଛନ୍ତି। ଏହି ବିଦ୍ୟାଳୟ ଉପରେ ସରଧାପୁର, ଜଙ୍ଗଲପାଡୁ, ଏସ୍‌ଏନ୍‌ଡି ପେଣ୍ଟ, ଉତ୍ତରସେଲ୍ଲୀ ସମେତ ଆଖପାଖ ଗ୍ରାମାଞ୍ଚଳ ଏବଂ ସୀମାନ୍ତବର୍ତ୍ତୀ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲା ଅନ୍ତର୍ଗତ ଗଙ୍ଗରାଜପୁରମ ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳର ପିଲାମାନେ ପଢୁଛନ୍ତି। ଗତ ଅଗଷ୍ଟ ମାସରେ ବିଦ୍ୟାଳୟର ଉନ୍ନତୀକରଣ ନିମନ୍ତେ ଶ୍ରେଣୀକକ୍ଷଗୁଡ଼ିକୁ ଭାଙ୍ଗି ପୁନଃ ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ପୂର୍ବତନ ସରପଞ୍ଚ ତଥା ସ୍ଥାନୀୟ ବାସିନ୍ଦା ବାବୁ ରାଓ ପ୍ରକାଶ କରିଛନ୍ତି। ବ୍ଲକ ପ୍ରଶାସନର ନିର୍ଦ୍ଦେଶ ପ୍ରକାରେ ବିଦ୍ୟାଳୟର ୫ଟି ଶ୍ରେଣୀ କକ୍ଷରୁ ୪ଟି ଭାଙ୍ଗି ଦିଆଯାଇଥିଲା। ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପିଲାମାନେ ଗୋଟିଏ କକ୍ଷରେ ବସୁଛନ୍ତି। ଫଳରେ ଶିକ୍ଷାଦାନ ବ୍ୟବସ୍ଥାରେ ବାଧା ଉପୁଜିବା ସହ ପିଲାମାନେ କେଉଁ ବିଷୟ କିଏ ପଢୁଛି ଓ କିଏ ପଢାଉଛି ସେ ନେଇ ଦ୍ୱନ୍ଦରେ ରହୁଥିବା ପ୍ରକାଶ କରିଛନ୍ତି। ପୂର୍ବତନ ସରପଞ୍ଚ ଶ୍ରୀ ରାଓଙ୍କ ସମେତ ଗ୍ରାମବାସୀ ଓ ଅଭିଭାବକମାନେ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇନଥିବା ଅବିଭାବକମାନେ ଜଣାଇଛନ୍ତି। ଯଦି ଏବେ ଶ୍ରେଣୀ କକ୍ଷଗୁଡିକର ନବୀକରଣ କରିବାର ନ ଥିଲା ତେବେ କାହିଁକି ଭାଙ୍ଗିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ? ବର୍ଷା ଦିନ ଜାଣି ଶୁଣି କେମିତି ଭାଙ୍ଗିବାକୁ ଓ କିଏ ନିର୍ଦ୍ଦେଶ ଦେଇଛି ଏ ନେଇ ପ୍ରଶ୍ନ ଉଠାଇଛନ୍ତି ଅଭିଭାବକ। ସେହିପରି ବିଦ୍ୟାଳୟର ଛାତ୍ରୀଛାତ୍ରୀମାନେ ଜଣାଇଛନ୍ତି ଯେ, ଗୋଟିଏ କକ୍ଷରେ ସମସ୍ତଙ୍କୁ ପାଠ ପଢାଯାଉଥିବା ଯୋଗୁଁ ଘୋର ଅସୁବିଧା ଉପୁଜୁଛି। କିଏ କାହାକୁ ପାଠ ପଢାଉଛନ୍ତି ତାହା ବୁଝା ପଡୁନି। ତେଣୁ ସ୍କୁଲର ଶ୍ରେଣୀ କକ୍ଷଗୁଡିକୁ ତୁରନ୍ତ ନିର୍ମାଣ କରାଯାଉ ବୋଲି ଜଣାଇଛନ୍ତି। ଏନେଇ ଗୋଷାଣି ବ୍ଲକ ସହକାରୀ ନିର୍ବାହୀ ଅଧିକାରୀ ନିହାର ନାଇକଙ୍କୁ ପଚରାଯିବାରୁ ଅତି ଶିଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା କଥା କହିଛନ୍ତି।



ଭାଙ୍ଗି ଦିଆଯାଇଥିବା ଶ୍ରେଣୀ ଗୃହ।

# ପ୍ରସ୍ତାବରେ ଛତ୍ରପୁରକୁ ମ୍ୟୁନିସିପାଲିଟି ମାନ୍ୟତା

## ବିଧାନସଭାରେ ପ୍ରଶ୍ନ କରିଥିଲେ ବିଧାୟକ

ଛତ୍ରପୁର,୨୬।୯(ସନ୍ତୋଷ ପାଢ଼ୀ):

ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦକୁ ମୁନିସିପାଲିଟି ମାନ୍ୟତା ଘୋଷଣା କରିବା ପାଇଁ ବିଭାଗ ତରଫରୁ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଥିବା ନେଇ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ବିଧାନସଭାରେ ପ୍ରଶ୍ନ କରିଛନ୍ତି। ଏହା କେବେ ଘୋଷିତ ହେବ ବୋଲି ପ୍ରଶ୍ନରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଉତ୍ତରରେ କହିଛନ୍ତି ଯେ, ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦକୁ ସଂଲଗ୍ନ ଥିବା କେତେକ ଗ୍ରାମକୁ ମିଶାଯାଇ ମ୍ୟୁନିସିପାଲିଟିର ମାନ୍ୟତା ପ୍ରଦାନ ନିମନ୍ତେ ଏକ ପ୍ରସ୍ତାବ ଏହି ବିଭାଗରେ ହସ୍ତଗତ ହୋଇଅଛି। ଇତ୍ୟବସରରେ ରାଜ୍ୟ ସରକାର ଗ୍ରାମୀଣ ସହରୀ ପରିବର୍ତ୍ତନ ନୀତି ସଂକ୍ରାନ୍ତୀୟ ଅଧିସୂଚନା ପ୍ରକାଶ କରିଛନ୍ତି। ଅଧିସୂଚିତ ନୀତିର ବ୍ୟବସ୍ଥା ଅନୁଯାୟୀ ଉପରୋକ୍ତ ପ୍ରସ୍ତାବରେ ସୂଚିତ ଗ୍ରାମାଞ୍ଚଳକୁ ସହରାଞ୍ଚଳ ଘୋଷଣା ନିମନ୍ତେ ତର୍ଜ୍ଜମା କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ରଣ୍ଡିବାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ




ସଫେଇ କାର୍ଯ୍ୟକ୍ରମରେ ମହିଳାମାନେ।

ଆର.ଉଦୟଗିରି,୨୬।୯(ମନୋଜ କୁମାର ପାଢୀ)

ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ରଣ୍ଡିବା ପଞ୍ଚାୟତରେ ସୋମବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ନାଇବ ସରପଞ୍ଚ ରୁକୁଣୀ ଶବରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପିଇଓ ଲଳିତ ମୋହନ ଗୌଡ ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋଚନା କରିବା ସହ ପଞ୍ଚାୟତକୁ ସ୍ୱଚ୍ଛ ରଖିବା ପ୍ରତି ଦୃଷ୍ଟିଦେବା ପାଇଁ ସଚେତନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସିଆର୍‌ପି, ଏମ୍‌ବିକେ, ଏସ୍‌ଏଚ୍‌ଜି ମହିଳା ଗୋଷ୍ଠୀ ଏବଂ ଗ୍ରାମବାସୀ ଯୋଗଦେଇଥିଲେ। ଏହି ଅବସରେ ନାଏବ ସରପଞ୍ଚ ତତ୍ତ୍ୱାବଧାନରେ ଗ୍ରାମ, ମନ୍ଦିର, ପୋଖରୀ ତୁଠ ଓ ବିଦ୍ୟାଳୟ ଆଦି ବିଭିନ୍ନ ସ୍ଥାନ ସଫେଇ କରାଯାଇଥିଲା।

# ମିଳୁନି ସରକାରୀ ଆବାସ, ପଲିଥିନ ତଳେ ପରିବାର

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨୬।୯
(ରାକେଶ କୁମାର ରାଉତ/ (ବିକ୍ରମ ଦିଗାଲ)

ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ଅସହାୟଙ୍କ ପାଖରେ ପହଞ୍ଚି ପାରୁନାହିଁ ସରକାରଙ୍କ ଯୋଜନା। ଫଳରେ ପରିବାର ପଲିଥିନ ତଳେ ଦିନ କାଟୁଥିବା ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ କେଳାପଡା ପଞ୍ଚାୟତ ବୈରିକୁମ୍ପା ଗାଁରେ।

ବୈରିକୁମ୍ପା ଗାଁର ସୁବଳ ବେହେରାଙ୍କ ପରିବାର ଦୀର୍ଘବର୍ଷ ହେଲା ପଲିଥିନ ତଳେ ଜୀବନ ଅତିବାହିତ କରୁଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡିଏ ତାଙ୍କୁ ଯୋଗାଇବାରେ ପ୍ରଶାସନ ବିଫଳ ହୋଇଥିବାରୁ ସେ ପିଲା ଛୁଆଙ୍କୁ ଧରି ଅସହାୟ ଅବସ୍ଥାରେ ରହୁଛନ୍ତି। ସୁବଳ ବାରମ୍ବାର ଘର ଖଣ୍ଡିଏ ପାଇଁ ଗୁହାରି କରିଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ହେଉ କି ନେତା କେହି ଶୁଣୁନାହାନ୍ତି। ଏବେ ଲଗାଣ ବର୍ଷାରେ ପରିବାର ସହ ପଲିଥିନ ତଳେ ଦିନ କାଟୁଥିବା ବେଳେ ସରକାରଙ୍କ ଆବାସ ଘର ଖଣ୍ଡିଏ ପାଇଁ ଚାହିଁ ବସିଛନ୍ତି ବୋଲି ସୁବଳ ପ୍ରକାଶ କରିଛନ୍ତି। ଦିନ ମଜୁରି ଯାଇ ଯେତିକି ମିଳୁଛି ସେତିକିରେ ପରିବାର ଚଳିବା କଷ୍ଟ ହୋଇଥିବା ବେଳେ ଭଲ ଘର ଖଣ୍ଡିଏ ତିଆରି କରିବା ଅସମ୍ଭବ ହୋଇ ପଡିଛି ବୋଲି ମଧ୍ୟ କହିଛନ୍ତି। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଅସହାୟ ପରିବାରକୁ ତୁରନ୍ତ ଘର ଖଣ୍ଡିଏ ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।



ସୁବଳ ବେହେରାଙ୍କ ସହ ତାଙ୍କ ପରିବାର।

## ଆଇନଜୀବୀଙ୍କ ଶେଷକୃତ୍ୟ, ଶୋକସଭା

ଦାରିଙ୍ଗବାଡି,୨୬।୯(ଅରୁଣ ସାହୁ)

ଦାରିଙ୍ଗବାଡିପ୍ରଥମଶ୍ରେଣୀ ବିଚାର ବିଭାଗରେ କାର୍ଯ୍ୟରତ ବରିଷ୍ଠ ସରକାରୀ ଆଇନଜୀବୀ ଦିଲୀପ ବଲିୟାରସିଂଙ୍କ ବିୟୋଗରେ ମଙ୍ଗଳବାର ସ୍ଥାନୀୟ ଆଇନଜୀବୀ ସଂଘ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଚାରପତି ମଧୁସ୍ମିତା ନାୟକଙ୍କ ଉପସ୍ଥିତିରେ ସରକାରୀ ଓକିଲ ପ୍ରବୀର ସାହୁ, ଉମେଶ କର, ସୁରେଶ ପାତ୍ର, ସଂଘ ସମ୍ପାଦକ ଇନ୍ଦ୍ରମଣୀ ପ୍ରଧାନ, ସଭାପତି ପ୍ରଦୀପ ସାହୁ, ଜ୍ୟୋତି ପରିଚ୍ଛା, ଏଲିୟାସ ମାଝୀ, ରାମ ବେହେରା, ଟିପୁ ସୁଲତାନ ନାୟକ, ଷ୍ଟେନୋ ପୁଷ୍ପାଞ୍ଜଳି ଜେନା, ନାଜେରି ଇତିଶ୍ରୀ ମହାପାତ୍ର, ବରିଷ୍ଠ କିରାଣି ଦେବରାଜ ଯାନୀ, ଶୁଭେନ୍ଦୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଦିଲୀପଙ୍କ ସୋମବାର ଭଞ୍ଜନଗରଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ମଙ୍ଗଳବାର ତାଙ୍କ ମରଶରୀର ଦାରିଙ୍ଗବାଡି ଅଣାଯାଇଥିଲା। ଚର୍ଚ୍ଚରେ ସାମୂହିକ ପ୍ରାର୍ଥନା ପରେ ନିକଟସ୍ଥ ମଶାଣିରେ ଖ୍ରୀଷ୍ଟ ରୀତିନୀତି ଅନୁସାରେ ସମାଧି(କବର) ଦିଆଯାଇଥିଲା।

# ପାଟନଈରେ ଥିବା ପୁରୁଣା ବ୍ରିଜ ହଟାଇବାକୁ ଦାବିପତ୍ର

ଗୋପାଳପୁର,୨୬।୯(ନବୀନ ରାଜ ଆଚାରୀ):

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକର ଚାଷୀକୁଳଙ୍କ ଦୁଃଖ ଭାବେ ପରିଚିତ ପାଟନଈର ପୁନରୁଦ୍ଧାର ସହ ପୁରୁଣା ବ୍ରିଜକୁ ହଟାଇବା ପାଇଁ ଅନେକ ଚାଷୀ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିବା ସହ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ ଦୀର୍ଘ ବର୍ଷ ଧରି ବାହାନା ନାଳ ଓ ସାପୁଆ ନାଳରେ ପ୍ରବାହିତ ହେଉଥିବା ବର୍ଷା ଜଳ ମାର୍କଣ୍ଡି ମୁହାଣ ଦେଇ ସମୁଦ୍ରରେ ମିଶିଥାଏ। କିନ୍ତୁ ଏହି ଦୁଇ ନାଳର ଜଳ ପ୍ରବାହିତ ହେଉଥିବା କେନାଲ ଗୁଡ଼ିକର ଉଚିତ ରକ୍ଷଣାବେକ୍ଷଣ ଅଭାବରୁ ବର୍ଷା ଦିନ ମାନଙ୍କରେ ତଳିଆ ଅଞ୍ଚଳରେ ରହିଥିବା ଚାଷ ଜମିରେ ପାଣି ପଶି ଫସଲ ନଷ୍ଟ ହେଉଥିଲା। ବିଭିନ୍ନ ସମୟରେ ଦାବି ପରେ ସରକାରଙ୍କ ପକ୍ଷରୁ ମାର୍କଣ୍ଡିକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ପୁରୁଣା ବ୍ରିଜ ସ୍ଥାନରେ ନୂଆ ବ୍ରିଜ ନିର୍ମାଣ ସହ ଦେଢବର୍ଷ ହେଲା କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ପୁରୁଣା ବ୍ରିଜକୁ ସେହି ସ୍ଥାନରୁ ହଟାଯାଇ ନଥିବାରୁ ବର୍ଷା ଦିନେ କେନାଲର ଦଳ ଗୁଡିକ ସେଠାରେ ଜମି ରହିଥିବାରୁ ବର୍ଷା ଜଳ ସଠିକ ଭାବେ ନିଷ୍କାସନ ହୋଇ ନ ପାରି ଜମିବା, କୋଳଥିଗାଁ ସମେତ ଅନ୍ୟାନ୍ୟ ଅଞ୍ଚଳର ଚାଷ ଜମିରେ ବର୍ଷା ଜଳ ମାଡ଼ିଯାଇ ଫସଲ ନଷ୍ଟ ହେଉଥିବା ଚାଷୀ ବିଜୟ ଚନ୍ଦ୍ର ଦଳାଇ, ଶ୍ରୀକାନ୍ତ ଦଳାଇ, ବାବାନାଥ ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି।

# କେ. ନୂଆଗାଁରେ ପୋଷଣ ମାସ କାର୍ଯ୍ୟକ୍ରମ

ଚିକିଟି,୨୬।୯(ପ୍ରକାଶ ଚନ୍ଦ୍ର ସାହୁ):

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ କେ ନୂଆଗାଁ ସେକ୍ଟରରେ ମଙ୍ଗଳବାର ପୋଷଣ ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ସହ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିକିଟି ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀ ଯୋଗଦେଇ ଉଦଘାଟନ କରିବା ସହିତ ଉପସ୍ଥିତ ଥିବା ମହିଳା, କିଶୋର ବାଳକ, ବାଳିକା ଓ ଶିଶୁଙ୍କୁ ପୋଷଣ ଯୁକ୍ତ ଖାଦ୍ୟର ବ୍ୟବହାର ଓ ଉପକାରିତା ସମ୍ପର୍କରେ ବୁଝାଇଥିଲେ। ବାଡ଼ି ବଗିଚାରେ ମିଳୁଥିବା ସବୁଜ ପରିବା, ଶାଗ, ମାଣ୍ଡିଆ ଆଦି ପୋଷଣ ଯୁକ୍ତ ଖାଦ୍ୟର ଆହାର ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ସେହିଭଳି ସରପଞ୍ଚ ଟୁନା ପ୍ରଧାନ, ଅଞ୍ଚଳ ପରିଦର୍ଶିକା ଶ୍ୱେତାରାଣୀ ବେହେରା, ଜେ. ଲକ୍ଷ୍ମୀ, ସରୋଜିନୀ ରେଡ୍ଡୀ, ସୁଲୋଚନା ପ୍ରଧାନ ୧୦୦୦ ଦିନର ଗୁରୁତ୍ୱ ଏବଂ ପୋଷଣର ୫ଟି ସୂତ୍ର ଉପରେ ଆଲୋଚନା କରିଥିଲେ। ସୁନ୍ଦର ସୁଷମ ଖାଦ୍ୟ ପ୍ରସ୍ତୁତି ପାଇଁ ସିଡିପିଓ, ସୁପରଭାଇଜର ଏବଂ ସରୋଜ କୁମାର ଗୌଡ଼ ବିସି ପୋଷଣ, ପରିଯୋଜନା ସହାୟକ ଅନୁପ କୁମାର ପାଣିଗ୍ରାହି, ମହେଶ୍ୱର ନାୟକ, ମନ୍ମଥ କୁମାର ମାଣ୍ଡିଆ, ସଞ୍ଜୟ କୁମାର ପଣ୍ଡା ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ

ଆସିକା,୨୬।୯(ସୁରେନ୍ଦ୍ର ନାଥ ସାହୁ)

ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ପରିସ୍ଥିତିରେ ଜନସାଧାରଣଙ୍କୁ ଆବଶ୍ୟକ ସହାୟତା ପ୍ରଦାନ ଦିଗରେ ବିଭିନ୍ନ ବିଭାଗର ଦାୟିତ୍ୱ ସମ୍ପର୍କରେ ଆଲୋଚନା ଲାଗି ମଙ୍ଗଳବାର ବ୍ଲକ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ବ୍ଲକ ସଭା ଗୃହରେ ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଡିଓ ଫକୀର ଚରଣ ପରିଡ଼ା, ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ, ଜିଲା ବିପର୍ଯ୍ୟୟ ପରିଚାଳନା ପ୍ରକଳ୍ପ ଅଧିକାରୀ ଦେବେନ୍ଦ୍ର ନାୟକ, ଜିଲା ସଂଯୋଜକ ପ୍ରଶାନ୍ତ କୁମାର ପଣ୍ଡା, ବ୍ଲକ ନୋଡାଲ ଅଧିକାରୀ ସୁକାନ୍ତ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଆସିକା ବ୍ଲକର ଜଗଦଳପୁର ଓ ମହାରାଜପୁର ଗ୍ରାମରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ସାଙ୍ଗକୁ ଦୁର୍ବଳ ନଦୀ ବନ୍ଧର ମରାମତି, ବିଭିନ୍ନ ବିଦ୍ୟାଳୟକୁ ଆଶ୍ରୟ ସ୍ଥଳୀ କରିବା, ବିପନ୍ନଙ୍କ ଲାଗି ଖାଦ୍ୟ ପେୟ, ମହିଳା ଶିଶୁଙ୍କ ପରିସ୍ଥିତିରେ ତଦାରଖ, ସାମାଜିକ ସୁରକ୍ଷା, ପଶୁ ପକ୍ଷୀଙ୍କ ନିରାପତ୍ତା, ବିଦ୍ୟୁତ ଓ ଜଳ ଯୋଗାଣ ଏବଂ ଆଇନ ଶୃଙ୍ଖଳା ରକ୍ଷା ଭଳି ପରିସ୍ଥିତିରେ ସୁଚାରୁ ପରିଚାଳନା ଲାଗି ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ବିଭିନ୍ନ ଅଧିକାରୀଙ୍କ ସମେତ ଆସିକା ବ୍ଲକର ତଳିଆ ଅଞ୍ଚଳ ଗୁଣ୍ଠପଡା, ମଙ୍ଗଳପୁର ବାଲିଛାଇ, ହରିଡ଼ା ପଦର, ଜୟପୁର, ବରଗାଁ, ଖାଗିଆ, ନାଳବଣ୍ଟା, କାଳ ଷଣ୍ଢପୁର, ଖଣ୍ଡ ଦେଉଳି, ନିମିନା, ମୁନିଗା କେନ୍ଦୁପଦର ଓ ବେଣାପାଟ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ସାମିଲ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ୧୪ ନୂଆ ଭୋଟ୍‌ଗ୍ରହଣ କେନ୍ଦ୍ର ପ୍ରସ୍ତାବ

ଛତ୍ରପୁର୨୬।୯(ସନ୍ତୋଷ ପାଢ଼ୀ)

ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ନିର୍ବାଚନ କମିଶନରଙ୍କ ଦ୍ୱାରା ସ୍ୱୀକୃତ ରାଜନୈତିକ ଦଳର ବୈଠକ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୩୦୬୩ଟି ଭୋଟଗ୍ରହଣ କେନ୍ଦ୍ର କରାଯାଇଛି। ପୂର୍ବରୁ ଜିଲାରେ ୧୨ଟି ନୂଆ ପୋଲିଂ ଷ୍ଟେସନ କରାଯିବା ପାଇଁ ପ୍ରସ୍ତାବ ଆସିଥିବା ବେଳେ ଏବେ ହିଞ୍ଜିଳିକାଟୁ ଓ ଦିଗପହଣ୍ଡିରେ ଆଉ ଦୁଇଟି ପୋଲିଂ ଷ୍ଟେସନ କରାଯିବା ନିମନ୍ତେ ପ୍ରସ୍ତାବ ଆସିଛି। ମୋଟ ୧୪ଟି ନୂଆ ଭୋଟ ଗ୍ରହଣ କେନ୍ଦ୍ରକୁ ନିର୍ବାଚନ କମିଶନରଙ୍କ ପାଖକୁ ପଠାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଯେଉଁଠି ଗୋଟିଏ ସ୍କୁଲ ରେ ଦୁଇଟି ବୁଥ ରହିଛି। ଭୋଟର ସଂଖ୍ୟା କେଉଁଠି ଅଧିକ ଓ କେଉଁଠି କମ ରହିଛି ତାହାକୁ ସମାନ ସମାନ କରାଯିବ ବୋଲି କୁହାଯାଇଛି। ଏହି ବୈଠକ ପରେ ରାଜନୈତିକ ଦଳର ନେତୃବୃନ୍ଦ ଭି ଭି ପାଟ ଗୁଡିକ ଷ୍ଟ୍ରଙ୍ଗ ରୁମ ରେ ବୁଲିଦେଖିବା ସ୍ଥିତି ଦେଇଖିଥିଲେ। ଉପଜିଲ୍ଲାପାଳ ଛତ୍ରପୁର ପ୍ରସନ କୁମାର ପାତ୍ର ଉପସ୍ଥିତ ଥିଲେ। ଉକ୍ତ ବୈଠକ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଛତ୍ରପୁର ଉପଜିଲ୍ଲାପାଳ ପ୍ରସନ କୁମାର ପାତ୍ର ବ୍ରହ୍ମପୁର ଉପଜିଲ୍ଲାପାଳ, ଜିଲ୍ଲା ଛାତ୍ର ବିଜେଡି ସଭାପତି ପ୍ରଶାନ୍ତ କୁମାର ପଣ୍ଡା, କଂଗ୍ରେସ ରୁ ଭାଗିରଥି ବେହେରା, ସିପିଆଇଏମ ର ପି. ହରିକୃଷ୍ଣ ରେଡି ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଆଲୋଚନା ଚାଲିଛି। (ଫଟୋ– ଦିଲୀପ କୁମାର ସାମଲ)

## ପଣ୍ଡିତ ଦିନ ଦୟାଲଙ୍କ ଜନ୍ମଦିନ

ଖଜୁରିପଡ଼ା,୨୬।୯(ବିଦୁର ବେହେରା)

ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ଖଜୁରୀପଡା ବ୍ଲକର ବଲସକୁମ୍ପା ସରକାରୀ ହାଇସ୍କୁଲଠାରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ପଣ୍ଡିତ ଦିନ ଦୟାଲଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଲସକୁମ୍ପା ହାଇସ୍କୁଲର ଶିକ୍ଷୟିତ୍ରୀ ଅନିତା ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସହାୟକ ଶିକ୍ଷକ ପ୍ରଭାସିନୀ ମହାରଣା, ଜୟନ୍ତି ଦିଗାଲ, ବିମଳା କୁମାର୍ ଓଝା, ଶୈଳ ବେହେରା, ତାପସ କୁମାର୍ ଦିଗାଲ, ରଶ୍ମି ବାଲା ପାଢ଼ୀ ଏବଂ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀର ସହ କର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଓ ଉପସ୍ଥିତ ଛାତ୍ରୀଛାତ୍ର ମାନଙ୍କୁ ସ୍ୱାଗତ କରିଥିବା ବେଳେ ସ୍ୱେଚ୍ଛାସେବୀ ଚନ୍ଦ୍ରମଣି ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସମସ୍ୟା ନେଇ ଏସ୍‌ୟୁସିଆଇର ଗଣବିକ୍ଷୋଭ

ହିଞ୍ଜିଳିକାଟୁ,୨୬।୯(ଦ୍ୱିତୀକୃଷ୍ଣ ପଣ୍ଡା)

ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ହିଞ୍ଜିଳିକାଟୁ ଆଞ୍ଚଳିକ କମିଟି ପକ୍ଷରୁ ବ୍ଲକର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ପାଇଁ ମଙ୍ଗଳବାର ଗଣବିକ୍ଷୋଭ କରାଯାଇଛି। ଆଞ୍ଚଳିକ କମିଟି ସଭ୍ୟ ନାରାୟଣ ସାହୁଙ୍କ ନେତୃତ୍ୱରେ କମିଟିର ସଦସ୍ୟମାନେ ପୂର୍ବାହ୍ନରେ ବଇଁଚବଣିଆ ପୁର୍ବ ଡାକ ବଙ୍ଗଳାଠାରୁ ରାଲିରେ ବାହାରି ଥିଲେ। ହିଞ୍ଜିଳିକାଟୁ ଅଞ୍ଚଳରେ ଦେଖାଯାଇଥିବା ବିଭିନ୍ନ ପ୍ରକାରର ସମସ୍ୟା ସମ୍ପର୍କରେ ଜନସଚେତନତା କରିଥିଲେ। ପରେ ରାଲି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚି ଥିଲା। ସେଠାରେ ପଥପ୍ରାନ୍ତ ସଭାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ହିଞ୍ଜିଳିକାଟୁ ଆଞ୍ଚଳିକ କମିଟି ସମ୍ପାଦକ ନିମାଇଁ ଚରଣ ସାହୁ, ନାରାୟଣ ସାହୁ, ପପୁନ ସାହୁ, କାମରାଜ ସାହୁ, କିସାନ ସାହୁ, ଅନିଲ ସାହୁ, ସନ୍ତୋଷ ପଣ୍ଡା, ଶୁଭସ୍ମିତା ପାଣିଗ୍ରାହୀ ପ୍ରମୁଖ ସ୍ୱାସ୍ଥ୍ୟ, କୃଷି, ଗରିବ କଲ୍ୟାଣ, ଶିକ୍ଷା ଶିକ୍ଷକ ନିଯୁକ୍ତି ଆଦି ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। କରୋନା ସମୟରୁ ବହୁ ଜନସାଧାରଣଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବଜାରରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ବୃଦ୍ଧି ପାଉଛି। ଲୋକଙ୍କୁ ଆର୍ଥିକ ସହାୟତା ଯୋଗାଇବା ପାଇଁ ଦାବି ହୋଇଛି। ଡାକ୍ତରଖାନାକୁ ଆବଶ୍ୟକ ସଂଖ୍ୟକ ଡାକ୍ତର, ନର୍ସ, ଡାକ୍ତରୀ ଉପକରଣ ଯୋଗାଇଦେବା ସହ ନିରାମୟରେ ୨୪ ଘଣ୍ଟିଆ ଔଷଧ ବିତରଣ ସେବା ଯୋଗାଇଦେବା ଆଦି ଦାବି ନେଇ ଏକ ଦାବିପତ୍ର ବିଡିଓ ସୁବ୍ରତ କୁମାର ଜେନାଙ୍କୁ ପ୍ରଦାନ କରାଯାଇଥିଲା।




ଏସ୍‌ୟୁସିଆଇ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ନିର୍ମାଣାଧୀନ ଘରୁ ଚୋରି, ୩ ଗିରଫ

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ):ଏକ ନିର୍ମାଣାଧୀନ ଘରୁ ଚୋରି ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନ ହେଲେ ଆଙ୍କୁଲି ଅଞ୍ଚଳର ଜିତୁ ଦାସ, ଭିକି ଦାସ ଏବଂ ବିଜୁ ଦାସ। ମଙ୍ଗଳବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତ ୧୯ତାରିଖ ରାତିରେ ଶ୍ରୀକ୍ଷେତ୍ର ବିହାର ଅଞ୍ଚଳରେ ଥିବା ନିର୍ମାଣାଧୀନ ଘରୁ ପାଣି ପମ୍ପ, ଲୁହା ଛଡ ଆଦି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ୍ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ୩ ଲୁଟିଆଙ୍କୁ ଧରି ପଚରାଉଚୁରା କରିବା ବେଳେ ସେମାନେ ସବୁ ସତ କଥା ମାନିଥିଲେ। ପାଣି ପମ୍ପ ଓଜନ ଥିବାରୁ ତାହାକୁ ନେଇ ନପାରି ସେହି ଘର ନିକଟସ୍ଥ ଏକ ଲଟା ବୁଦାରେ ଲୁଚାଇ ରଖିଥିଲେ ଏବଂ ଅନ୍ୟାନ୍ୟ ଚୋରା ସାମଗ୍ରୀ ବିକି ଦେଇଥିଲେ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଅବସରପ୍ରାପ୍ତ କର୍ମଚାରୀ ମହା ସଂଘର ଅଧିବେଶନ। ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ। ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ପର୍ଯ୍ୟଟନ ମହୋତ୍ସବ। ସ୍ଥାନ: ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା।

# ରାତିରେ ଆସିଲେନି ନିଶ୍ଚେତକ ଡାକ୍ତର, ଅସ୍ତ୍ରୋପଚାର ବନ୍ଦ

ବ୍ରହ୍ମପୁର,୨୬।୯(ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ୍‌କୁ ସୋମବାର ରାତିରେ ନିଶ୍ଚେତକ ବିଭାଗ ଡାକ୍ତର ନ ଆସିବାରୁ ଜଣେ ରୋଗୀଙ୍କ ଜରୁରୀକାଳୀନ ଅସ୍ତ୍ରୋପଚାର ହୋଇପାରିନାହିଁ। ଯାହାଫଳରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇଥିଲା। ଅଧୀକ୍ଷକ ଓ ରେଜିଷ୍ଟ୍ରାରଙ୍କ ଦୃଷ୍ଟି ଆକର୍ଷଣ ପରେ ମଙ୍ଗଳବାର ସଂପୃକ୍ତ ରୋଗୀଙ୍କ ଅସ୍ତ୍ରୋପଚାର ହୋଇଛି। ନିଶ୍ଚେତକ ବିଭାଗ ଡାକ୍ତରଙ୍କ ଅବହେଳା ଅଭିଯୋଗ ଆସିବା ପରେ ସର୍ଜରୀ ବିଭାଗ ମୁଖ୍ୟଙ୍କୁ ରିପୋର୍ଟ ମଗାଯାଇଥିବା ଅଧୀକ୍ଷକ ପ୍ରଫେସର ଡା.ସୁଚିତ୍ରା ଦାଶ କହିଛନ୍ତି। ଯେଉଁମାନେ କାର୍ଯ୍ୟରେ ଅବହେଳା କରିଛନ୍ତି, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ମଧ୍ୟ ସେ କହିଛନ୍ତି। ରାତିରେ ଯଦି କୌଣସି ରୋଗୀର କିଛି ଅସୁବିଧା ହୁଏ କିମ୍ବା ନିଶ୍ଚେତକ ଡାକ୍ତରଙ୍କ ପାଇଁ ଅସ୍ତ୍ରୋପଚାର ଅଟକିଯାଏ, ତାହେଲେ ତାଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସେ ରୋଗୀ ସମ୍ପର୍କୀୟମାନଙ୍କୁ ପରାମର୍ଶ ଦେଇଛନ୍ତି। ଜରୁରୀକାଳୀନ ରୋଗୀଙ୍କ କୌଣସି ପ୍ରକାରେ ଅସ୍ତ୍ରୋପଚାର ବନ୍ଦ ହେବନାହିଁ ବୋଲି ଅଧୀକ୍ଷକ କହିଛନ୍ତି।

ସୂଚନା ପ୍ରକାରେ ସୋମବାର ଦିଗପହଣ୍ଡି ଗୁହାଳପୁର ଅଞ୍ଚଳର ବିପ୍ର ପ୍ରଧାନ ଏମକେସିଜିରେ ଭର୍ତ୍ତି ହୋଇଥିଲେ। କିଛିଦିନ ହେଲା ତାଙ୍କର ଝାଡ଼ା ବନ୍ଦ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ସେ ସର୍ଜରୀ ବିଭାଗରେ ଭର୍ତ୍ତି ହେବାପରେ ସମସ୍ତ ପରୀକ୍ଷା କରାଯାଇଥିଲା। ସନ୍ଧ୍ୟା ୫ଟାରେ ରିପୋର୍ଟ ଆସିବା ପରେ ତାଙ୍କର ଅବକୃଦ୍ ହାର୍ଡିଆ ହୋଇଥିବା ଡାକ୍ତର କହିଥିଲେ। ରୋଗୀର ସର୍ଜରୀ କରିବା ନିତାନ୍ତ ଆବଶ୍ୟକ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ଅସ୍ତ୍ରୋପଚାର ପାଇଁ ରୋଗୀ ସମ୍ପର୍କୀୟମାନେ ସହମତି ପ୍ରକାଶ କରିବା ସହ ସମସ୍ତ କାଗଜରେ ଦସ୍ତଖତ କରିଥିଲେ। ଅସ୍ତ୍ରୋପଚାର କରିବାକୁ ସର୍ଜରୀ ଡାକ୍ତର ପ୍ରସ୍ତୁତ ହେବା ସହ ନିଶ୍ଚେତକ ବିଭାଗ ଡାକ୍ତରଙ୍କୁ ହସ୍ପିଟାଲ ଆସିବାକୁ ଫୋନରେ କୁହାଯାଇଥିଲା। କିନ୍ତୁ ସେ ନ ଆସିବାରୁ ପୁଣିଥରେ ରାତି ୧୦ଟାରେ ତାଙ୍କୁ କଲ୍ କରାଯାଇଥିଲା। ନିଶ୍ଚେତକ ବିଭାଗରୁ ଏଥିପ୍ରତି ଦୃଷ୍ଟି ଦିଆଯାଇ ନ ଥିଲା। ସର୍ଜରୀ ଡାକ୍ତରମାନେ ବାରମ୍ବାର ନିଶ୍ଚେତକ ବିଭାଗ ଡାକ୍ତରଙ୍କୁ ଫୋନ୍ କରି ଜଣାଇଥିଲେ। ତଥାପି ନିଶ୍ଚେତକ ବିଭାଗ ଡାକ୍ତର ମାନେ ଆସିନଥିଲେ ବୋଲି ରୋଗୀ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ଖବରଦାତାମାନେ ଅଧୀକ୍ଷକ ଓ ରେଜିଷ୍ଟ୍ରାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ନିଶ୍ଚେତକ ବିଭାଗ ଡାକ୍ତରମାନେ ଆସି ରୋଗୀଙ୍କୁ ଦେଖିଥିଲେ। ଏହା ପ୍ରଥମ ଘଟଣା ନୁହେଁ, ରାତିରେ ସର୍ଜରୀ ଆବଶ୍ୟକ ହେଲେ ନିଶ୍ଚେତକ ବିଭାଗ ଡାକ୍ତର ମାନେ ଆସୁନଥିବା ପୂର୍ବରୁ ମଧ୍ୟ ଅଭିଯୋଗ ରହିଛି। ଯାହାଫଳରେ ରାତିରେ କୌଣସି ସାଧାରଣ ଅସ୍ତ୍ରୋପଚାର ମଧ୍ୟ ଏମକେସିଜିରେ ହୋଇପାରୁ ନାହିଁ। ସେପଟେ ୨୪ଘଣ୍ଟିଆ ସର୍ଜରୀ ସେବା ଯୋଗାଇବାକୁ ଏମକେସିଜିରେ ରକ୍ତ ପରୀକ୍ଷା, ଇସିଜି ଓ ଅନ୍ୟାନ୍ୟ ବ୍ୟବସ୍ଥା ଉପଲବ୍ଧ ରହିଛି। ତଥାପି ନିଶ୍ଚେତକ ବିଭାଗ ଡାକ୍ତରମାନେ ଆସୁନାହାନ୍ତି । ନେଇ ଏମକେସିଜି ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡାଙ୍କୁ ପଚରାଯିବାରୁ ସେ କହିଛନ୍ତି, ଘଟଣାକୁ ନେଇ ତଦନ୍ତ ଆରମ୍ଭ ହୋଇସାରିଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ବ୍ରହ୍ମପୁର,୨୬।୯(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର କରିଥିବା ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ବ୍ରହ୍ମପୁର ବଡ଼ବଜାର ଥାନା ପୋଲିସ ଗିରଫ କରିଛି। ସେ ହେଲେ ବ୍ରହ୍ମପୁର ମଙ୍ଗଲୱାରମପେଟା ସାହିର ଭି.ଦିଲୀପ କୁମାର। ତାଙ୍କ ନାମରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି। ସେ ଅପହରଣ କରି ନେଇଥିବା ନାବାଳିକାଙ୍କ ଜନ୍ମ ସାର୍ଟିଫିକେଟରେ ଜନ୍ମ ତାରିଖ ଜାଲିଆତି କରିଥିବା ପୋଲିସର ତଦନ୍ତରୁ ଜଣାପଡିଛି। ଅଭିଯୁକ୍ତ ଦିଲୀପଙ୍କୁ କୋର୍ଟ ଚାଲାଣ କରାଯାଇଛି। କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

ବଡବଜାର ଥାନା ଅଞ୍ଚଳର ନାବାଳିକା ଛାତ୍ରୀ ଜଣଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ମା' ଅଭିଯୋଗ କରିଥିଲେ। ପୋଲିସ୍ ନଂ.୩୪୯/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଦିଲୀପ ସଂପୃକ୍ତା ନାବାଳିକାକୁ ଅପହରଣ କରି ଭୁବନେଶ୍ୱର ଆମୋଫୋଇକୁ ନେଇଥିଲେ। ନାବାଳିକାଙ୍କ ମିଥ୍ୟା ପ୍ରମାଣପତ୍ର ଯୋଗାଡ କରି ସେଠାରେ ବିବାହ କରିବା ସହ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଦିଲୀପ ଅପହୃତା ନାବାଳିକାଙ୍କୁ ବ୍ରହ୍ମପୁରରେ ରଖିଥିବା ଖବରପାଇ ପୋଲିସ୍ ତାଙ୍କୁ ଉଦ୍ଧାର କରିଥିଲା। ଉକ୍ତ ଘରୁ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା।

## ଅଷ୍ଟ ପ୍ରହର ନାମଯଜ୍ଞ

ବ୍ରହ୍ମପୁର,୨୬।୯(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ,୨୬।୯(ବିଦ୍ୟାଧର ସାହୁ)- ଗଞ୍ଜାମ ଏନଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ହୋଇଯାଇଛି। ଗ୍ରାମ ସଂକୀର୍ତ୍ତନ ମଣ୍ଡଳୀର ପୁରୋହିତ ରାଜେନ୍ଦ୍ର ରଥ ଦେବଶର୍ମା, ସୁଦର୍ଶନ ରାଉଳ, ବିଦେଶୀ ବିଶ୍ୱାଳ, ଚରଣ ସାହୁ, କାଶୀନାଥ ତରାଇ, ସୁବାଷ ମହାରଣା, ମୃଦଙ୍ଗ ବାଦକ ସନ୍ୟାସୀ ସାହୁ, ନୀଳ ରାଉଳ, ସୁବାସ ତରାଇ ପ୍ରମୁଖ ଯୋଗଦେଇଥିଲେ।

## ଅଟୋ ସହ ଗଞ୍ଜେଇ ଜବତ,୨ ଗିରଫ

ବ୍ରହ୍ମପୁର,୨୬।୯(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ପୋଲିସ ଏକ ଗଞ୍ଜେଇ ଭର୍ତ୍ତି ଅଟୋ ଜବତ କରିଛି। ଉକ୍ତ ଗଞ୍ଜେଇ ଚାଲାଣ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲାଞ୍ଜିପଲ୍ଲୀ ଦୁର୍ଗାନଗରର ଶିବ ଗୌଡ଼ ଓ ଅଟୋ ଚାଳକ ଚନ୍ଦନ ନଗରର ପ୍ରଶାନ୍ତ କୁମାର ଗୌଡ଼। ପୋଲିସ ଜାତୀୟ ରାଜପଥ ଲାଞ୍ଜିପଲ୍ଲୀ ବାଇପାସରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଅଟୋ ( ଓଡ଼ି ୦୭କେ-୧୮୬୩)କୁ ଅଟକାଇ ଯାଞ୍ଚ କରିଥିଲା। ଅଟୋ ଭିତରେ ୨ଟି ପ୍ୟାକେଟରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଦେଖାଯାଇଥିଲା। ପୋଲିସ ଉକ୍ତ ୩୧କେଜି ୭୧୦ ଗ୍ରାମର ଗଞ୍ଜେଇ ସହ ୨ଟି ମୋବାଇଲ ଫୋନ ଓ ଏଟିଏମ କାର୍ଡ ଜବତ କରିଛି। ଏ ନେଇ ୪୮୧/୨୩ରେ ମାମଲା ରୁଜୁ ହୋଇଛି।

## ବିଦେଶରେ ସନ୍ଦର୍ଭ ଉପସ୍ଥାପନ କଲେ ଶକ୍ତି

ବ୍ରହ୍ମପୁର,୨୬।୯(ସୁବାସ ଚନ୍ଦ୍ର ପାଢ଼ୀ)



ବେଙ୍ଗାଲୁରୁର ଏକ କମ୍ପାନୀରେ ବିଜନେସ ଅନାଲିଷ୍ଟ ଭାବେ କାମ କରୁଥିବା କବିସୂର୍ଯ୍ୟନଗର ନିମୁଣ୍ଡିଆ ଗ୍ରାମର ଯୁବକ ତଥା ଆଇଟି ପ୍ରଫେସନାଲ ଶକ୍ତି ତ୍ରିପାଠୀ ବିଦେଶରେ ନିଜର ସନ୍ଦର୍ଭ ଉପସ୍ଥାପନ କରିଛନ୍ତି। ଶକ୍ତି ଭୋଲଭୋ କମ୍ପାନୀ ପକ୍ଷରୁ ନିମନ୍ତ୍ରଣ ପାଇ ସ୍ୱିଡେନର ଗୋଥେନବର୍ଗ ଠାରେ ଅନୁଷ୍ଠିତ କର୍ମଶାଳାରେ ଯୋଗଦେଇ ଆଇଟି ଓ ବିଜନେସ ଟିମ୍ କିଭଳି ଏକାଠି କାମ କରିପାରିବେ ଏବଂ ଏହାଦ୍ୱାରା କିଭଳି ଅଧିକ ସେବା ଓ ଲାଭ ମିଳିପାରିବ ନିଜ ସନ୍ଦର୍ଭରେ ଉପସ୍ଥାପନ କରିଥିଲେ। ଆସିକା ସମବାୟ ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ପୁଅ ଶକ୍ତି ଆଇଟିଗ୍ରାଜୁଏଟ ହେବାପରେ ପ୍ରଥମେ ଏକ ଘରୋଇ ବ୍ୟାଙ୍କର ଜୀବନବୀମା କ୍ଷେତ୍ରରେ କାମ କରୁଥିଲେ। କଠିନ ପରିଶ୍ରମ ଓ ନିଷ୍ଠା ପାଇଁ ସେ ଶିଖରରେ ପହଞ୍ଚିପାରିଛନ୍ତି। ଶକ୍ତି ତାଙ୍କ ବାପା ଓ ମା'ଙ୍କୁ ସମସ୍ତ ଶ୍ରେୟ ପ୍ରଦାନ କରିଛନ୍ତି।

## 'କବିସମ୍ରାଟଙ୍କ କାବ୍ୟାବଳୀ ଆକଳନ କରିବା ସହଜ ନୁହେଁ'



ଗବେଷକ ଡ. କମ୍ବୁପାଣି ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ରହ୍ମପୁର,୨୬।୯(ସ୍ମୃତି ରଞ୍ଜନ ମହାଲିକ)

### ବ୍ରହ୍ମପୁରରେ ଭଞ୍ଜ ଜୟନ୍ତୀ ସମାରୋହ

କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟରେ ଲୋକ ଜୀବନ ଓ ଲୋକଜ୍ଞାନର ସାର୍ଥକ ପରିପ୍ରକାଶ ଘଟିଛି। ଶବ୍ଦ ସମୁଦ୍ର ପାର କରିଥିବା ଉପେନ୍ଦ୍ର ଭଞ୍ଜ କାବ୍ୟାବଳୀକୁ ଆକଳନ କରିବା ଏତେ ସହଜ ନୁହେଁ। ଏଥି ନିମନ୍ତେ ଅମାପ ପାଣ୍ଡିତ୍ୟ ଓ ଅଧ୍ୟବସାୟର ଆବଶ୍ୟକତା ରହିଛି ବୋଲି ଭଞ୍ଜ ସାହିତ୍ୟର ବିଶିଷ୍ଟ ଗବେଷକ ଡ. କମ୍ବୁପାଣି ସାମନ୍ତ କହିଛନ୍ତି। କଳିଙ୍ଗ ସାହିତ୍ୟ ସମାଜ ଆନୁକୂଲ୍ୟରେ ଉତ୍କଳ ଆଶ୍ରମଠାରେ ଆୟୋଜିତ ଭଞ୍ଜ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏପରି କହିଛନ୍ତି। ଏହି ଅବସରରେ ଡ. ସାମନ୍ତଙ୍କୁ ଭଞ୍ଜ ଭାରତୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। କଳିଙ୍ଗ ସାହିତ୍ୟ ସମାଜର ସଭାପତି ଡ ସିଦ୍ଧାର୍ଥ ଶଙ୍କର ପାଢ଼ୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ ସମଗ୍ର ବିଶ୍ୱରେ ଅଦ୍ୱିତୀୟ ବୋଲି କହିଥିଲେ। ଭଞ୍ଜ ସାହିତ୍ୟର ଯୁବ ଗବେଷକ ଡ ଅନୁପ କୁମାର ମାର୍ଥା ମୁଖ୍ୟବକ୍ତା ରୂପେ ଯୋଗଦେଇ କବିସମ୍ରାଟଙ୍କ କାବ୍ୟାବଳୀର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସାହିତ୍ୟ ସମାଜର ସାଧାରଣ ସଂପାଦକ ଡ. ଶରତ କୁମାର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକାରୀ ସମିତି ସଦସ୍ୟ ଡ. କୁଳମଣି ଓଝା ଭଞ୍ଜ ସଂଗୀତ ଗାନ ଓ ପ୍ରଶସ୍ତିପତ୍ର ପାଠ କରିଥିବା ବେଳେ ଡ ହୃଷୀକେଶ ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟ ସମାଜର ଉପସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପାଢ଼ୀ ସମାରୋହର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟ ସମାଜର କାର୍ଯ୍ୟକାରୀ ସମିତି ସଦସ୍ୟ ଅନୁପ କୁମାର ମିଶ୍ର, ସାଂସ୍କୃତିକ ସମ୍ପାଦକ ଡ ମନୋରଞ୍ଜନ ବିଷୋୟୀ ଓ କାର୍ଯ୍ୟାଳୟ ସଂପାଦକ ନଳିନୀକାନ୍ତ ଗୌଡ଼ ପରିଚାଳନାରେ ସହଯୋଗ କରିଥିଲେ।

## କମେଣ୍ଟମରାକୁ ନେଇ ଛାତ୍ର-ଅଣଛାତ୍ର ମୁହାଁମୁହିଁ

ବ୍ରହ୍ମପୁର,୨୬।୯(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ କଲେଜ ଛାତ୍ରୀଙ୍କୁ କମେଣ୍ଟମରାକୁ ନେଇ ଛାତ୍ର ଓ ଅଣଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ବେଳେ ଟାଉନ୍ ଥାନା ପୋଲିସ୍ ସେମାନଙ୍କୁ ଥାନାକୁ ଆଣିଥିଲା।ଏ ସଂକ୍ରାନ୍ତରେ ପୋଲିସ ପକ୍ଷରୁ ଅଭିଯୋଗରେ ଥାନାରେ ମାମଲା ରୁଜୁ କରାଯାଇ ଉଭୟ ଗୋଷ୍ଠୀର ଛାତ୍ରଙ୍କୁ ଥାନାକୁ ଅଣାଯାଇଥିଲା। ସେମାନଙ୍କୁ ପୋଲିସ ଭବିଷ୍ୟତରେ ଏପରି ଗଣ୍ଡଗୋଳ ନ କରିବାକୁ ତାଗିଦ କରି ୪୧ ସିଆରପିସି ଧାରାରେ ଥାନାରୁ ଛାଡି ଦେଇଛି। ମିଳିଥିବା ସୂଚନା ଅନୁସାରେ, ସୋମବାର ସନ୍ଧ୍ୟାରେ ପୋଲିସ୍ ପାଟ୍ରୋଲିଂ କରୁଥିବା ବେଳେ ବ୍ରହ୍ମପୁର ଖଲ୍ଲିକୋଟ କଲେଜ ଛକରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିବା ଖବରପାଇ ସେଠାରେ ପହଞ୍ଚିଥିଲା। ସେତେବେଳକୁ ୩ ଯୁବକଙ୍କ ମଧ୍ୟରେ ହତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। କେତେକ ଲୋକ ଦେଖଣାହାରୀ ସାଜିଥିବାରୁ ଘଟଣାସ୍ଥଳରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ତେଣୁ ଉଭୟ ପକ୍ଷଙ୍କୁ ଥାନାକୁ ନେଇ ପୋଲିସ୍ ପଚରା ଉଚୁରା କରିବାରୁ ଜଣେ ଛାତ୍ରୀଙ୍କୁ କମେଣ୍ଟ ମରାକୁ ନେଇ ଏହି ବିବାଦ ଉପୁଜିଥିବା ଜଣାପଡ଼ିଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ସାନୁ



@ ପ୍ରସନ୍ନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଓଡ଼ିଶା ନାଟ୍ୟ ସଂଘ ଦିବସ ପାଳିତ





କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର,୨୬।୯(ସ୍ମୃତି ରଞ୍ଜନ ମହାଲିକ)

ଓଡିଶା ନାଟ୍ୟ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ମଙ୍ଗଳବାର ଗଞ୍ଜାମ କଳା ପରିଷଦଠାରେ ଓଡିଶା ନାଟ୍ୟ ସଂଘ ଦିବସ ପାଳିତ ହୋଇଯାଇଛି। ଏଥିରେ ସଂଘର ଦକ୍ଷିଣାଞ୍ଚଳ ଉପସଭାପତି ଇଂ ମନୋଜ ଦଣ୍ଡପାଟ ଅଧ୍ୟକ୍ଷତା କରିଥିଲେ। ସଂଘର ଉପଦେଷ୍ଟା ନାଟ୍ୟକାର ରମେଶ ମହାରଣା, ସହ ସଂପାଦକ ରାମଚନ୍ଦ୍ର ସାସମଲ, ଗଞ୍ଜାମ କଳା ପରିଷଦ ସଂପାଦକ ଅପୂର୍ବ ପଟ୍ଟନାୟକ, ସାଂସ୍କୃତିକ ସଂପାଦକ ସୁବୋଧ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ସଂଘ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା ଓ କଳା ପ୍ରେମୀମାନେ ଯୋଗ ଦେଇ ବର୍ତ୍ତମାନ ନାଟକର ସ୍ଥିତି ଓ କଳାକାର ସଂପର୍କରେ ନିଜ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସଂଘ ସଂଯୋଜକ ଡ ମିହିର କୁମାର ତ୍ରିପାଠୀ ସଂଯୋଜନା କରିଥିଲେ। ରାଜୁ ପାଢି, ଅନୀଲ ପାତ୍ର, ବିପିନ ମହାପାତ୍ର, ଏନ ରାମ ବାବୁ, ରାଜ ଗୋପାଳ ପାଢି, ଗଗନ ପଟ୍ଟନାୟକ, ତ୍ରିପତି ନାୟକ ଓ ଗିରିଜା ଦାସଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଭାଷା ଆଇନକୁ କଡ଼ାକଡ଼ି ପାଳନ କରିବାକୁ ଦାବି

ବ୍ରହ୍ମପୁର,୨୬।୯(ସ୍ମୃତି ରଞ୍ଜନ ମହାଲିକ)





ବୈଠକରେ ଉପସ୍ଥିତ ଭାଷା ଆନ୍ଦୋଳନର ସଦସ୍ୟ ବୃନ୍ଦ।

ଓଡିଆ ଭାଷା ଆନ୍ଦୋଳନ ପକ୍ଷରୁ ମଙ୍ଗଳବାର ବିଜିପୁରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ତ୍ରିନାଥ ମହାରଣା ଅଧ୍ୟକ୍ଷତା କରିଥିଲେ। ଦୀର୍ଘ ମାସ ଧରି ରାଜ୍ୟ ସରକାରଙ୍କ ପକ୍ଷରୁ ଭାଷା ଆଇନକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ସରକାରୀ କାର୍ଯ୍ୟାଳୟ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡିକ ନିୟମକୁ ମାନୁ ନ ଥିବା ସଂଘ ଅଭିଯୋଗ କରିଛି। ନିୟମକୁ ଖିଲାପ କରୁଥିବା ପ୍ରତିଷ୍ଠାନ ଓ କାର୍ଯ୍ୟାଳୟ ସମ୍ମୁଖରେ ଭାଷା ଆନ୍ଦୋଳନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହ ଆସନ୍ତା ୩ ତାରିଖରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କ ସହ ଓଡିଶା ଭାଷାର ବିକାଶ ସଂପର୍କରେ ଆଲୋଚନା କରାଯିବ ବୋଲି ସ୍ଥିର କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଭଗବାନ ସାହୁଙ୍କ ସମେତ ରବି ରଥ, ହିମାଂଶୁ କୁମାର ପଟ୍ଟନାୟକ, ସଞ୍ଜୟ କୁମାର ମାଝି, ରାଜେନ୍ଦ୍ର କୁମାର ପଣ୍ଡାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଗଣେଶ ମେଢ଼ ବିସର୍ଜନ ଗଣ୍ଡଗୋଳ, ୨ ଅଟକ

ବ୍ରହ୍ମପୁର, ୨୬।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବଡ଼ ବଜାର ଥାନା ଅଞ୍ଚଳରେ ସୋମବାର ରାତିରେ ଗଣେଶ ପୂଜା ମେଢ଼ ବିସର୍ଜନ ସମୟରେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗୋଟିଏ ସାହିର ଯୁବକ ପରସ୍ପର ଆକ୍ରମଣ ଓ ପ୍ରତିଆକ୍ରମଣ କରିଥିଲେ। ପୋଲିସ ଉଭୟ ଗୋଷ୍ଠୀର ୨ ଜଣଙ୍କୁ ଥାନାରେ ଅଟକ ରଖିଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ସୋମବାର ହରିଡ଼ାଖଣ୍ଡି ଛକ ନିକଟ ଆନନ୍ଦ ନଗରରେ ଗଣେଶ ମେଢ଼ ଭସାଣ ପାଇଁ ରାତି ୮ଟାରେ ପଟୁଆର ବାହାରିଥିଲା। ଫାଷ୍ଟଗେଟ୍ ଛକରେ ହୋଇଥିବା ଅସ୍ଥାୟୀ ପୋଖରିକୁ ମେଢ଼ ଭସାଣି ପାଇଁ ଆୟୋଜକମାନେ ଯାଇଥିଲେ। ରାତି ପ୍ରାୟ ୯ଟାରେ ଏଠାରେ ଦୁଇ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସଙ୍ଗେ ସଙ୍ଗେ କିଛି ଯୁବକ ଏଠାରେ ଖଣ୍ଡା ଓ କାତି ବୁଲାଇବା ସହ ଅନ୍ୟମାନଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ସ୍ଥାନୀୟ କିଛି ଲୋକ ପୋଲିସକୁ ଏନେଇ ଖବର ଦେଇଥିଲେ। ଆତଙ୍କ ସୃଷ୍ଟି କରୁଥିବା ଯୁବକମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଉଭୟ ପକ୍ଷଙ୍କ ଅଭିଯୋଗକୁ ଆଧାର କରି ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସିଟି କଲେଜରେ ଏନ୍‌ଏସ୍‌ଏସ୍ ଦିବସ ପାଳିତ





କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱେଚ୍ଛାସେବୀମାନେ।

ବ୍ରହ୍ମପୁର,୨୬।୯(ତନୁଶ୍ରୀ ନାହାକ)

ବ୍ରହ୍ମପୁର ସହର ଉପକଣ୍ଠସ୍ଥ ସିଟି ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଦିବସ ପାଳନ କରାଯିବା ସହ ନୂଆ ସ୍ୱେଚ୍ଛାସେବୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼.ଅନୀତା କୁମାରୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ଼. ସସ୍ମିତା କୁମାରୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ଷେତ୍ରମୋହନ ବିଜ୍ଞାନ ଉଚ୍ଚ ବିଦ୍ୟାଳୟ ପ୍ରଧାପକ ଡ଼.ସତୀଶ ପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସଏସର ଜିଲା କାର୍ଯ୍ୟକ୍ରମ ଅଧିକାରୀ ସୁଦାମ ଚରଣ ବିଶୋୟୀ ଉପସ୍ଥିତ ରହିଥିଲେ। ଅଧ୍ୟକ୍ଷା ଡ଼.ପଣ୍ଡା ଏନଏସଏସ ଉଦ୍ଦେଶ୍ୟ ଓ ଆଚରଣ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଉତ୍ତମ ଆଚରଣ, ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠାର ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ନୂଆ ସ୍ୱେଚ୍ଛାସେବୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଦ୍ୱିତୀୟ ଦିନରେ କାରାଗାର କର୍ମଚାରୀଙ୍କ ଅନଶନ

ବ୍ରହ୍ମପୁର,୨୬।୯(ସୁବାସ ଚନ୍ଦ୍ର ପାଢ଼ୀ)

କାରାଗାର କର୍ମଚାରୀମାନଙ୍କ ଆମରଣ ଅନଶନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଗ୍ରେଡ ପେ' ୧୯୦୦ରୁ ୨୦୦୦ଟଙ୍କା ଏବଂ ମୁଖ୍ୟ କାରାଗାର କର୍ମଚାରୀଙ୍କ ଗ୍ରେଡ ପେ' ୨୦୦୦ଟଙ୍କାରୁ ୨୪୦୦ ଟଙ୍କାକୁ ବୃଦ୍ଧି କରିବା, ପୁରୁଣା ପଦୋନ୍ନତି ନିୟମ-୨୦୧୨କୁ ଲାଗୁ କରିବା, ଉପଖଣ୍ଡ ସ୍ତରକୁ ବଦଳି ନିୟମ କୋହଳ କରିବା, ଖାଦ୍ୟ ଭତ୍ତା ୪୦୦ରୁ ୧୪୦୦ ଟଙ୍କାକୁ ବୃଦ୍ଧି ଏବଂ ୧୩ ମାସିଆ ଦରମା ବୃଦ୍ଧି ଆଦି ୫ଦଫା ଦାବି ନେଇ ବ୍ରହ୍ମପୁର ମଣ୍ଡଳ କାରାଗାରର କାରାରକ୍ଷୀମାନେ ଗତ ୨୫ତାରିଖ ଠାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ମଙ୍ଗଳବାର ଅନଶନର ଦ୍ୱିତୀୟ ଦିନରେ ଶଶାଙ୍କ ଶେଖର ବେହେରା ନାମକ ଜଣେ କର୍ମଚାରୀ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ତୁରନ୍ତ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏବେ ତାଙ୍କ ଅବସ୍ଥା ସ୍ଥିର ଜଣାପଡିଛି। ଦାବି ପୂରଣ ହେବା ଯାଏଁ ଏହି ଆନ୍ଦୋଳନ ଜାରି ରହିବ ବୋଲି କାରାଗାର କର୍ମଚାରୀମାନେ କହିଛନ୍ତି। ୫ଦଫା ଦାବିକୁ ନେଇ ସଂଘ ବାରମ୍ବାର ଆନ୍ଦୋଳନ କରିଛି। କିନ୍ତୁ ସରକାର ସବୁ ବେଳେ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ତେଣୁ ଗତ ୧୩ତାରିଖରୁ ରାଜ୍ୟର ସମସ୍ତ କର୍ମଚାରୀ କଳାବ୍ୟାଜ ପରିଧାନ କରୁଥିଲେ। ଏବେ ସରକାର ଅଣଦେଖା କରିବା ପରେ ବର୍ତ୍ତମାନ ଆମରଣ ଅନଶନ କରାଯାଉଥିବା ସେମାନେ କହିଛନ୍ତି।

### ଗୁରୁତରଙ୍କୁ ହସ୍ପିଟାଲ ସ୍ଥାନାନ୍ତର



ଗୁରୁତରଙ୍କୁ ହସ୍ପିଟାଲ ସ୍ଥାନାନ୍ତର କରାଯାଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ବୈଶାଖୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୱାହିଦାଙ୍କୁ ଗୁରୁ ଦତ୍ତ ଦେଇଥିଲେ ସୁଯୋଗ



**ମୁମ୍ବାଇ:** ଅଭିନେତ୍ରୀ ତଥା ନୃତ୍ୟଶିଳ୍ପୀ ୱାହିଦା ରେହମାନ ୧୯୫୫ ମସିହାରେ ହାଇଦ୍ରାବାଦରେ ରାସ୍ତାରେ ଯାଉଥିବା ବେଳେ ଭାରତୀୟ ଫିଲ୍ମ ନିର୍ମାତା ଗୁରୁ ଦତ୍ତଙ୍କ ନଜର ତାଙ୍କ ଉପରେ ପଡ଼ିଥିଲା। ସେ କିଏ ବୋଲି ପ୍ରଶ୍ନ କରିବାରୁ ଜଣେ ବିତରକ ତେଲୁଗୁ ଚଳଚ୍ଚିତ୍ର 'ରୋଜୁଲୁ ମାରାଇ'ର ନୃତ୍ୟଶିଳ୍ପୀ ବୋଲି କହିଥିଲେ। ପରେ ଦତ୍ତ ତାଙ୍କୁ ଦେଖା କରିବାକୁ ଆଗ୍ରହ ଜଣାଇ ତାଙ୍କ ଅଫିସକୁ ରେହମାନଙ୍କୁ ଡାକିଥିଲେ। ୱାହିଦା ଅତି ସାଧାରଣ ପୋଷାକ ପିନ୍ଧିଥିଲେ। ଏପରିକି ଓଠରେ ଲିପ୍‌ଷ୍ଟିକ ମଧ୍ୟ ଲଗାଇ ନ ଥିଲେ। ସେତେବେଳେ ଦତ୍ତ ତାଙ୍କ ସହ ୩ ବର୍ଷର ଚୁକ୍ତି କରିଥିଲେ। ୱାହିଦା ୧୯୫୫ରେ ୨ଟି ତେଲୁଗୁ ସିନେମା 'ରୋଜୁଲୁ ମାରାଇ' ଏବଂ 'ଜୟସିମା'ରେ ଅଭିନୟ କରିଥିଲେ। ପରେ ୨ ତାମିଲ ଚଳଚ୍ଚିତ୍ରରେ ମଧ୍ୟ ନୃତ୍ୟଶିଳ୍ପୀର ଅଭିନୟ କରିଥିଲେ। ଏହାପରେ ୧୯୫୬ରେ ଗୁରୁ ଦତ୍ତଙ୍କ ନିର୍ମିତ ତଥା ରାଜ ଖୋସ୍‌ଲାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ସିଆଇଡି' ମାଧ୍ୟମରେ ଦତ୍ତ ୱାହିଦାଙ୍କୁ ହିନ୍ଦୀ ଦର୍ଶକଙ୍କ ସହ ପରିଚିତ କରାଇଥିଲେ। ଫିଲ୍ମରେ ପ୍ରସିଦ୍ଧ ଅଭିନେତା ଦେବ ଆନନ୍ଦଙ୍କ ସହ ୱାହିଦା ଏକାଠି ନଜରକୁ ଆସିଥିଲେ। ଏଥିରେ ଦେବ ଆନନ୍ଦ ପୋଲିସ ଭୂମିକାରେ ଅଭିନୟ କରିଥିଲେ। ୱାହିଦା ନୃତ୍ୟ କରୁଥିବାରୁ ସେ ଅଭିନୟ ବାବଦରେ ବେଶି ଜାଣି ନ ଥିଲେ। ପରେ ସେ ଦତ୍ତଙ୍କ ନିର୍ଦ୍ଦେଶିତ ସିନେମା 'ପ୍ୟାସା'ରେ ମୁଖ୍ୟ ଚରିତ୍ରରେ ନଜରକୁ ଆସିଥିଲେ। ୱାହିଦା ହିନ୍ଦୀ ସିନେମାରେ କାମ କରିବାକୁ ଚାହୁଁଥିଲେ। ଏହାପରେ ସେ ଅନେକ ହିନ୍ଦୀ ଫିଲ୍ମ, କିଛି ବଙ୍ଗାଳି, ମାଲାୟଲମ୍, ତେଲୁଗୁ ଏବଂ ଇଂଲିଶ ଫିଲ୍ମରେ ମଧ୍ୟ କାମ କରିଛନ୍ତି।


**20th Birthday**



**BAISAKHI SETHY**

Wishing you a many many happy returns of the day. Stay blessed, stay happy always.

ଧ-୧୪୧୧


# ପ୍ଲାଷ୍ଟିକ୍ ବୋତଲର ଭାସମାନ ଦ୍ୱୀପ



**ମେକ୍ସିକୋ ସିଟି:** ପୃଥିବୀର ଅନେକ ସ୍ଥାନରେ ଦ୍ୱୀପ ଅବସ୍ଥିତ, ଯାହାକି ପ୍ରାକୃତିକ। ହେଲେ ନିକଟରେ ଜଣେ ବ୍ୟକ୍ତି ଏକ ଦ୍ୱୀପ ତିଆରି କରିଛନ୍ତି। ଏବେ ତାଙ୍କ ତିଆରି ଦ୍ୱୀପକୁ ଆସୁଥିବା ପର୍ଯ୍ୟଟକଙ୍କ ମାଧ୍ୟମରେ ଟଙ୍କା ରୋଜଗାର କରୁଛନ୍ତି। ରିପୋର୍ଟ ମୁତାବକ, ମେକ୍ସିକୋର ବାସିନ୍ଦା ରିଚାର୍ଡ ସୋୱା ପୂର୍ବରୁ ଜଣେ କାର୍ପେଣ୍ଟର ଥିଲେ। ସେ ୧୩ ବର୍ଷ ବିଲ୍ଡର କାମ କରିବା ପରେ ପରିବେଶ ସମ୍ବନ୍ଧୀୟ କିଛି ତିଆରି କରିବାକୁ ନିଷ୍ପତ୍ତି ନେଲେ। ସେ ତାଙ୍କର ଭାସମାନ ଦ୍ୱୀପକୁ ସାହାରା ଦେବାକୁ ଦେଢ଼ ଲକ୍ଷ ପ୍ଲାଷ୍ଟିକ ବୋତଲକୁ ବ୍ୟବହାର କରିଛନ୍ତି, ଯେଉଁ ବୋତଲକୁ ଲୋକେ ଅଳିଆ ଭାବେ ଫିଙ୍ଗି ଦେଇଥିଲେ। ରିଚାର୍ଡ କହିଛନ୍ତି, ସେ ୬ ବର୍ଷ ପୂର୍ବେ ମେକ୍ସିକୋରେ ଏକ ଦ୍ୱୀପ ତିଆରି କରିଥିଲେ। ଏହାକୁ ମେରିଟାଇମ୍ ଅଫିସରଙ୍କ ସହିତ ଏକ ଇକୋଲୋଜିକାଲ ବୋଟ୍ ଭାବେ ରେଜିଷ୍ଟର ମଧ୍ୟ କରିଛନ୍ତି। ଏହି ଦ୍ୱୀପକୁ ଅନେକ ସାମୁଦ୍ରିକ ଜୀବ ତାଙ୍କ ବାସସ୍ଥାନ ବୋଲି ମାନନ୍ତି। ଏଥିସହ ସେଠାରେ ଅନେକ ପ୍ରକାର ଫୁଲଗଛ ମଧ୍ୟ ଲଗାଇଛନ୍ତି। ଧୀରେ ଧୀରେ ଏହି ଦ୍ୱୀପ ଆତ୍ମନିର୍ଭରଶୀଳ ହେବାକୁ ଲାଗିଛି। ଏଠାକୁ ଆସୁଥିବା ଅନେକ ପର୍ଯ୍ୟଟକଙ୍କଠାରୁ ସେ ରୋଜଗାର କରୁଛନ୍ତି। ସେହି ଟଙ୍କାରେ ସେ ନିଜର ଖର୍ଚ୍ଚ ତୁଲାଉଛନ୍ତି। ଏହି ଦ୍ୱୀପରେ ମନୁଷ୍ୟ ବ୍ୟବହୃତ କରୁଥିବା ସମସ୍ତ ଜିନିଷ ମହଜୁଦ ରହିଛି। ଏଠାରେ ରିଚାର୍ଡଙ୍କ ଏକ ଘର ମଧ୍ୟ ରହିଛି। ତା' ଛାତରେ ସେ ଏକ ସୋଲାର ପ୍ୟାନେଲ ମଧ୍ୟ ଲଗାଇଛନ୍ତି, ଯାହା ଫ୍ରିଜ୍ ଏବଂ ଷ୍ଟୋଭ ଭଳି ଉପକରଣକୁ ବିଦ୍ୟୁତ୍ ଦେଇଥାଏ। ବର୍ଷା ପାଣି ଚାଲୁଥିବା ଏକ ସିଙ୍କ୍, କମ୍ପୋଷ୍ଟ ପାଇଖାନା ଏବଂ ଏକ ସାୱାର ମଧ୍ୟ କରିଛନ୍ତି। ସେ ଦ୍ୱୀପରେ ଅନେକ ଜିନିଷର ଆବିଷ୍କାର କରିଛନ୍ତି। ତାଙ୍କ ପାଖରେ ଏକ ଡଙ୍ଗା ଅଛି, ଯାହା ବୋତଲରେ ପ୍ରସ୍ତୁତ ହୋଇଛି।

# ପୂଜା ହେଗ୍‌ଡେଙ୍କ ବିବାହ ଚର୍ଚ୍ଚା



**ମୁମ୍ବାଇ:** ସାଉଥ୍ ଅଭିନେତ୍ରୀ ପୂଜା ହେଗ୍‌ଡେ ତାଙ୍କ ଅଭିନୟର ଯାଦୁ ବଳରେ ମନୋରଞ୍ଜନ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀଙ୍କ ମଧ୍ୟରୁ ଜଣେ ହୋଇପାରିଛନ୍ତି। ତାଙ୍କ ସୋସିଆଲ ଏବଂ ବ୍ୟକ୍ତିଗତ ଜୀବନୀକୁ ନେଇ ସେ ଅନେକ ସମୟରେ ଚର୍ଚ୍ଚାର ପରିସରକୁ ଆସିଥାନ୍ତି। ତେବେ ନିକଟରେ ସେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। କୁହାଯାଉଛି, ସେ ଖୁବ୍‌ଶୀଘ୍ର ବିବାହ କରିବେ। ଏକ ରିପୋର୍ଟରେ ଦର୍ଶାଯାଇଛି, ପୂଜା ମୁମ୍ବାଇର ଜଣେ କ୍ରିକେଟରଙ୍କୁ ବିବାହ କରିବାକୁ ଯାଉଛନ୍ତି। ହେଲେ ଏହାର କୌଣସି ତାରିଖ ଘୋଷଣା ହୋଇନାହିଁ। ପୂର୍ବରୁ ମଧ୍ୟ ପୂଜାଙ୍କ ନାମ କର୍ଣ୍ଣାଟକର ଜଣେ କ୍ରିକେଟରଙ୍କ ସହ ଯୋଡାଯାଇଥିଲା। ପରେ ତାହା ଗୁଜବ ବୋଲି ପୂଜା କହିଥିଲେ। ସେ ୨୦୧୨ରେ ତାମିଲ ମୁଭି 'ମୁଗାମୋଡ଼ି'ରେ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ୩ଟି ଫିଲ୍ମ କରିବା ପରେ ୨୦୧୬ରେ ଅଭିନେତା ହ୍ରିତିକ ରୋଶନଙ୍କ ସହ ସେ ଫିଲ୍ମ 'ମହେଞ୍ଜୋଦାରୋ'ରେ ବଲିଉଡ୍ ଡେବ୍ୟୁ କରିଥିଲେ। ଏହା ପରେ ସେ ଅନେକ ତେଲୁଗୁ ଫିଲ୍ମରେ କାମ କରିଛନ୍ତି। ପରେ ହିନ୍ଦୀ ସିନେମା ୨୦୧୯ରେ ହାଉସଫୁଲ ୪, ୨୦୨୨ରେ ସର୍କସରେ ନଜରକୁ ଆସିଛନ୍ତି। ଶେଷଥର ପାଇଁ ତାଙ୍କୁ ୨୦୨୩ରେ ବଲିଉଡ୍ ଭାଇଜାନ୍ ସଲମାନ ଖାନ୍‌ଙ୍କ 'କିସି କା ଭାଇ କିସି କି ଜାନ୍'ରେ ଦେଖିବାକୁ ମିଳିଥିଲା। ସେତେବେଳେ ମଧ୍ୟ ସଲମାନ ଏବଂ ପୂଜା ପରସ୍ପରଙ୍କୁ ଡେଟ୍ କରୁଥିବା ଖବର ସାମ୍ନାକୁ ଆସିଥିଲା।

# ୨୧ ବର୍ଷ ହେଲା ପାର୍କ ବନ୍ଦ



**ବର୍ଲିନ୍:** ବିଭିନ୍ନ ଅଞ୍ଚଳରେ ଲୋକଙ୍କ ପାଇଁ ଅନେକ ପାର୍କ ରହିଥାଏ। ହେଲେ ବର୍ଲିନ୍‌ରେ ଏପରି ଏକ ପାର୍କ ରହିଛି, ଯାହା ଦୀର୍ଘ ୨୧ ବର୍ଷ ଧରି ବନ୍ଦ ପଡ଼ିଛି। ପାର୍କର ନାମ ସ୍ପ୍ରି ପାର୍କ ଏବଂ ଏହା ଏକ ମନୋରଞ୍ଜନଭିତ୍ତିକ ପାର୍କ। ପାର୍କଟି ଖାଲି ପଡ଼ିବାରୁ ଏବେ ଏହାର ଥିମ୍ ବହୁ ଆତଙ୍କଜନକ ଭଳି ଲାଗୁଛି। ଏଠାରେ ଥିବା ବଡ଼ ବଡ଼ ଜିନିଷରେ କଳଙ୍କି ଲାଗି ଗଲାଣି। ରିପୋର୍ଟ ମୁତାବକ, ଏହି ପାର୍କ ୧୯୬୯ରେ ନିର୍ମାଣ କରାଯାଇଥିଲା। ପୂର୍ବରୁ ଏଠାକୁ ଅନେକ ଲୋକ ବୁଲିବାକୁ ଆସୁଥିଲେ। ହେଲେ ଥରେ ସେଠାରେ ଏକ ବଡ଼ ଧରଣର ଡ୍ରଗ୍ସ କାରବାର ଧରାପଡ଼ିବାରୁ ପାର୍କକୁ ସେପରି ଛାଡ଼ି ଦିଆଗଲା। ବର୍ଲିନର ସ୍ପ୍ରି ନଦୀ ପାଖରେ ଥିବା ଏହି ପାର୍କରେ ଏବେ ବି ଅନେକ ପ୍ରକାର ଖେଳନା ଥିବା ଦେଖିବାକୁ ମିଳିବ। ପୂର୍ବରୁ ଏହାର ନାମ କୁଲଟୁର୍ ପାର୍କ ପ୍ଲାଣ୍ଟରୱାର୍ଲ୍ଡ ରଖାଯାଇଥିଲା। ୭୦ ଦଶକରେ ଏହି ପାର୍କ ଅଧିକ ଜଣାଶୁଣା ଥିଲା। ବହୁସଂଖ୍ୟାରେ ଲୋକ ଏଠାକୁ ବୁଲିବାକୁ ଆସୁଥିଲେ। ସେତେବେଳେ ପାର୍କକୁ ପୂର୍ବ ଜର୍ମାନୀର କମ୍ୟୁନିଷ୍ଟ ସରକାର ଦେଖାଶୁଣା କରୁଥିଲା। ୧୯୯୧ରେ ପାର୍କର ସଞ୍ଚାଳକ ନୋର୍ବେର୍ଟ ୱିଟେ ଏହାକୁ ତାଙ୍କ ଅଧୀନକୁ ନେଇଗଲେ। ପରେ ସେ ଏହି ପାର୍କର ନାମ ବଦଳାଇ ସ୍ପ୍ରି ପାର୍କ ରଖିଦେଲେ। ଏହାପରେ ଅନେକ ମନୋରଞ୍ଜନଭିତ୍ତିକ ପାର୍କ ତିଆରି ହେବାରୁ ସରକାର ମଧ୍ୟ ଏହାର ଦେଖାଶୁଣା କରିବା ବନ୍ଦ କରିଦେଲେ। ଧୀରେ ଧୀରେ ପାର୍କରେ ଲୋକଙ୍କ ସଂଖ୍ୟା ମଧ୍ୟ କମିବାକୁ ଲାଗିଲା। ପରେ ୱିଟେ ଡ୍ରଗ୍ସ ମାମଲାରେ ଧରାପଡ଼ିଲେ। ଏହାପରେ ୨୦୦୨ରେ ଏହି ପାର୍କକୁ ବନ୍ଦ କରିଦିଆଗଲା।


# Classified Everyday
0674-2580101, 2549949



MATRIMONIAL

GROOM WANTED

Age-34, Govt. ଚାକିରିଆ ବିଧବା ବ୍ରାହ୍ମଣ ଝିଅଙ୍କ ପାଇଁ ଯେ କୌଣସି ଜାତିର ପୁଅ ଦରକାର। 7787907421. D-1410

47 ବର୍ଷର ମହିଳା, P.N.B Bankରେ କାର୍ଯ୍ୟରତ। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ନିମନ୍ତେ ଯୋଗାଯୋଗ କରନ୍ତୁ। 7656973285. D-1413



REAL ESTATE

SALE

Duplex sale at Bhubaneswar @ 57 lakhs only. Contact: 9777433701. D-75223

ଭୁବନେଶ୍ୱର ଗଙ୍ଗପଡ଼ା HP ପେଟ୍ରୋଲ୍‌ପମ୍ପ ନିକଟରେ sqft.-899/-, Adyanta College ପାଖରେ 750/- boundary, road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। 9861319999, 9658891108. D-75220

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

ଭୁବନେଶ୍ୱର ତମାଣ୍ଡୋ ବଜାର ନିକଟରେ 30' road, boundary, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ କିଣନ୍ତୁ। 7894216209. D-75215

ଝିଅ ବିଭାଘର ପାଇଁ ପୁରୀ-ପିପିଲି-ଜଟଣୀ ରୋଡ୍‌ରେ ୩୦ ଫୁଟ ରୋଡ୍‌ଥାଇ ୫ ଗୁଣ୍ଠ ଜମିକୁ 32,00,000/- ବିକ୍ରି କରିବି - 9853150290. D-75217

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 8249422604. D-75222



CONSTRUCTION

Construct your Dream home @ 460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-1384




RCC Godown 1600sqft. near Kesura (Puri Bypass), Bhubaneswar. Contact: 9853093344. D-71693

On Janpath 2300 and 1450sqft. fully furnished AC Commercial Officespace on 3rd floor. Lift available. 8598923231, 9437023231. D-71063




Newly open SPA positively health benefits with expert therapist. 9938843929. D-75150

Full body massage in homely atmosphere in all therapy. Mob: 8114881641. D-73444

Relax, Refresh your body, Mind at Saikrupa Spa with best therapies. 8984068077. D-1358

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75042

Spa Kerala body Massage only best Therapist @699/- Bhubaneswar. 9337672475. D-1364

LOST

Sale Deeds Lost- By virtue of an affidavit sworn before Notary, Dhenkanal, I, Sudhir Kumar Samal, aged 61 years S/o. Late Adhikari Samal, At/PO: Kharagprasad, PS-Motanga, Dist.-Dhenkanal do hereby state that the original copy of RSD No. 10501502493/2015, from Bhaskar Ch. Nath and others, A 7.80 dec., Mouza-Kharagprasad, Tahasil- Odapada, Dist.-Dhenkanal executed my favour at Sub-Registrar, Dhenkanal got misplaced and couldn't be traced out despite repeated search and it is beyond recovery. As such, lodged Dhenkanal Town PS, GD No. 013, dtd. 15.09.23 to that effect. This declaration regarding untraceability of the above mentioned Sale Deeds is required for all official purposes, which I have obtained a certified copy of the Sale Deeds may kindly be treated as original. D-74096

CLASSIFIED DISPLAY

MORE SPACE ' SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BIJAYA FINANCE

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ। ସୁଧ ୨%

Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**ଂ ପ୍ରଦିପ୍ତ କୁମାର ମହାନ୍ତି**
ଦୋଳମଣ୍ଡପ ସାହି, ହଳଦିଆମଠ ଗଳି, ପୁରୀ
ଆବିର୍ଭାବ : ତା.୦୩/୧୦/୧୯୫୯
ତିରୋଧାନ : ତା.୧୧/୦୯/୨୦୧୯
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା, ହେଲେ ତୁମର ଅନୁପସ୍ଥିତି ଆମ ସମସ୍ତଙ୍କ ମନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଭଲପାଇବା ଓ ନିଷ୍ଠାପରତା ଆମ ଜୀବନର ପ୍ରେରଣାର ଉତ୍ସ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରଣତି।
ରାନୁ (ପତ୍ନୀ), ମିଟୁ, ଗଣ୍ଟୁ (ପୁତୁରା), ମାମୁନି (ଝିଅ), ପବନ (ଜ୍ୱାଇଁ), ବବ୍‌ଲୁ (ନାତି), କୁକୁଲି (ନାତୁଣୀ), ନୂଆବୋଉ, ଭଉଣୀମାନେ, ବବି, ବୁଲି (ପୁତୁରା ବୋହୂ) ଓ ଆତ୍ମୀୟସ୍ୱଜନ
ଧ-୧୪୦୬

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ସ୍ମୃତିରଞ୍ଜନ ମିଶ୍ର (ପପୁ)**
ତଡାସ ରାମହଂସପୁର, ଚନ୍ଦନପୁର, ପୁରୀ
ଆବିର୍ଭାବ: ୨୩।୦୭।୧୯୮୭ (ଶ୍ରାବଣ କୃଷ୍ଣ ତ୍ରୟୋଦଶୀ)
ତିରୋଧାନ: ୨୬।୦୯।୨୦୧୫ (ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ)
ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୩୯୮

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଂ ବୃନ୍ଦାବନ ପ୍ରଧାନ**
ଆବିର୍ଭାବ: ୦୧।୦୧।୧୯୩୨
ତିରୋଧାନ: ୧୭।୦୯।୨୦୨୩
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:- ଗୌରୀ ମା, ପ୍ରକାନ୍ତି ପ୍ରଧାନ, ବାବୁଆ -ରୋଜି, ଆବୁଆ- ରାନୁ, ବସନ୍ତ -ବିନ୍ଦୁ, ବାବୁଲି- ଚାରୁ, ଖୋକ-ଚିନା, ସୁବାସ -ଜାପାନି, ରିଙ୍କୁ-ଶ୍ରଦ୍ଧା, ଟିଙ୍କୁ, ବନ୍ଧୁ ଓ ପରିବାରବର୍ଗ।
ଧ-୧୩୯୬

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଂ ନିରଞ୍ଜନ ରାୟ**
ପ୍ରାଚୀବିହାର, ପଳାଶୁଣୀ, ଭୁବନେଶ୍ୱର
ଆବିର୍ଭାବ : ୧୪.୦୫.୧୯୪୯
ତିରୋଧାନ : ୦୪.୦୯.୨୦୧୭ (ଶୁକ୍ଳପକ୍ଷ ତ୍ରୟୋଦଶୀ)
ଆପଣଙ୍କ ଅମର ଆତ୍ମା ସଦ୍‌ଗତି ଲାଭକରୁ, ଏହାହିଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପତ୍ନୀ, ଝିଅ-ଜ୍ୱାଇଁ, ପୁତ୍ର-ପୁତ୍ରବଧୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୧୪୦୭

**ମୁଲାୟମଙ୍କ ପ୍ରତିମୂର୍ତ୍ତି ହଟାଗଲା**

ହାର୍ଦୋଇ: ପୂର୍ବରୁ ଅନୁମତି ନିଆ ନ ଯାଇ ଉତ୍ତରପ୍ରଦେଶର ହାର୍ଦୋଇରେ ଥିବା ସମାଜବାଦୀ ପାର୍ଟି କାର୍ଯ୍ୟାଳୟ ନିକଟରେ ଦଳର ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ନଗରପାଳିକା ପରିଷଦ ନୋଟିସ ଦେଇ ଏହାକୁ ହଟାଇଦେଇଛି। ମୁଲାୟମଙ୍କ ୬ ଫୁଟ୍ ଉଚ୍ଚର ପ୍ରତିମୂର୍ତ୍ତି ନଗରପାଳିକା ପରିଷଦ କାର୍ଯ୍ୟାଳୟ ନିକଟ ପାର୍ଟି ଅଫିସଠାରେ ଏକ ପ୍ଲାଟ୍‌ଫର୍ମରେ ସ୍ଥାପନ ହୋଇଥିଲା। ଦଳର ଜିଲା ସଭାପତି ବୀରେନ୍ଦ୍ର ଯାଦବ ଏହାକୁ ସ୍ଥାପନ କରିଥିଲେ। ଏନେଇ ପୌର ପ୍ରଶାସନ ଗତ ୨୩ ତାରିଖରେ ଯାଦବଙ୍କୁ ନୋଟିସ ଦିଆଯାଇଥିଲା।

### ଦଳ କର୍ମକର୍ତ୍ତାଙ୍କୁ ଚିଠି ଲେଖିଲେ ନବୀନ

# ଅକ୍ଟୋବର ୨ରୁ ବିଜେଡିର ପଦଯାତ୍ରା

**ଭୁବନେଶ୍ୱର,୨୬।୯(ଅନିଲ ଦାସ):** ଚଳିତ ବର୍ଷ ବିଜୁ ଜନତା ଦଳ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଅକ୍ଟୋବର ୧୧ ଜୟପ୍ରକାଶ ନାରାୟଣ ଜୟନ୍ତୀ ଯାଏ 'ଜନସମ୍ପର୍କ ପଦଯାତ୍ରା' ପାଳନ କରିବ। ଅକ୍ଟୋବର ୨ ତାରିଖରେ 'ଗାନ୍ଧୀ ଜୟନ୍ତୀ ଏବଂ ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ', ଅକ୍ଟୋବର ୯ ତାରିଖରେ 'ଉତ୍କଳମଣି ଗୋପବନ୍ଧୁ ଦାସ ଜୟନ୍ତୀ' ଏବଂ ଅକ୍ଟୋବର ୧୧ ତାରିଖରେ 'ଲୋକନାୟକ ଜୟପ୍ରକାଶ ନାରାୟଣ ଜୟନ୍ତୀ' ପାଳନ ସହିତ ଏ ବର୍ଷର 'ଜନସମ୍ପର୍କ ପଦଯାତ୍ରା' ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସ୍ତରରେ ପାଳନ କରାଯିବ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଦଳର ସମସ୍ତ ଛାମୁଆ ସଙ୍ଗଠନର ରାଜ୍ୟ, ଜିଲା ଓ ବ୍ଲକ ସଭାପତିଙ୍କ ସମେତ ବିଧାୟକ, ଏମ୍‌ପି, ପର୍ଯ୍ୟବେକ୍ଷକ ଓ ଦଳୀୟ ରାଜ୍ୟ କର୍ମକର୍ତ୍ତାମାନଙ୍କୁ ଏ ସମ୍ପର୍କରେ ଚିଠି ଲେଖିଛନ୍ତି। ଅକ୍ଟୋବର ୧୨ରୁ ମାସେବ୍ୟାପୀ ଦଳର ସକ୍ରିୟ ସଦସ୍ୟମାନଙ୍କୁ ନେଇ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଜିଲା ପରିଷଦ ଜୋନସ୍ତରୀୟ ଓ ପୌରାଞ୍ଚଳସ୍ତରରେ


ନବୀନ ପଟ୍ଟନାୟକ

ପ୍ରଶିକ୍ଷଣ ଶିବିରମାନ ଆୟୋଜନ କରାଯିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରେ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମକୁ ବୈଠକ ଓ ଜନସଂଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ୱାର୍ଡରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମର ବାର୍ତ୍ତା ପହଞ୍ଚାଯିବ ବୋଲି ନବୀନ କହିଛନ୍ତି। ସେହିପରି ରକ୍ତଦାନ, ବୃକ୍ଷରୋପଣ

**ଅକ୍ଟୋବର ୧୨ରୁ ମାସେବ୍ୟାପୀ ହେବ ପ୍ରଶିକ୍ଷଣ ଶିବିର**

ଭଳି ସାମାଜିକ ଓ ପରିବେଶ ପ୍ରତିବଦ୍ଧତାର କାର୍ଯ୍ୟକ୍ରମ ମଧ୍ୟ କରାଯିବ। ଡିସେମ୍ବର ୨୬ରେ ଦଳର ୨୭ତମ ପ୍ରତିଷ୍ଠା ଦିବସ ନିର୍ବାଚନମଣ୍ଡଳୀସ୍ତରରେ ପାଳନ କରାଯିବ। ଏହି ଅବସରରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଓ ବରପୁତ୍ରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଓଡ଼ିଶାର ବିକାଶକୁ ଶୀର୍ଷ ସ୍ଥାନକୁ ନେବା ପାଇଁ ସଂକଳ୍ପ ନିଆଯିବ। ଏହି ପଦଯାତ୍ରା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକୁ ଜିଲା ପର୍ଯ୍ୟବେକ୍ଷକ ଓ ଜିଲା ସଭାପତିମାନେ ତଦାରଖ କରିବେ। ଏହି ସାଙ୍ଗଠନିକ କାର୍ଯ୍ୟକ୍ରମରେ ଦଳର ସବୁ ଛାମୁଆ ସଙ୍ଗଠନର କର୍ମକର୍ତ୍ତାଙ୍କ ସମେତ ପଞ୍ଚାୟତ ଓ ପୌର ନିର୍ବାଚିତ ଲୋକ ପ୍ରତିନିଧି, ବିଧାୟକ ଓ ଏମ୍‌ପିମାନେ ସାମିଲ ହେବା ପାଇଁ ନବୀନ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମସ୍ତ କାର୍ଯ୍ୟକ୍ରମ କିଭଳି ସୁଚାରୁରୂପେ ପ୍ରତ୍ୟେକ ସ୍ତରରେ ସମ୍ପନ୍ନ ହେବ ତା'ର ସବିଶେଷ ବିବରଣୀ ତାଙ୍କୁ ଜଣାଇବାକୁ ଦଳର ସଭାପତି ପରାମର୍ଶ ଦେଇଛନ୍ତି।

# ବହୁ ଭାଜପା ବିଧାୟକ ବାଡ଼ ଡେଇଁବେ: ଦିଗ୍‌ବିଜୟ

**ଭୋପାଳ,୨୬।୯ :** ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭା ପାଇଁ ନିର୍ବାଚନ ଚଳିତ ବର୍ଷ ଶେଷରେ ଅନୁଷ୍ଠିତ ହେବ। ୭୮ଟି ଆସନରେ ଭାଜପା ଏପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ତେବେ ରାଜ୍ୟରେ ନିର୍ବାଚନ ପୂର୍ବରୁ ଭାଜପାରେ ବୃଦ୍ଧି ପାଉଥିବା ବିଦ୍ରୋହ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ କଂଗ୍ରେସ ରାଜ୍ୟ ସଭା ସଦସ୍ୟ ଦିଗ୍‌ବିଜୟ ସିଂଙ୍କ ଏକ ଦାବି ନେଇ ସେଠାକାର ରାଜନୈତିକ ମହଲ ସରଗରମ ହୋଇଛି। ଦିଗ୍‌ବିଜୟ କହିଛନ୍ତି, ବହୁ ଭାଜପା ନେତା କଂଗ୍ରେସରେ ଯୋଗ ଦେବାକୁ ଚାହୁଁଛନ୍ତି। କାରଣ ବିଧାନସଭା ନିର୍ବାଚନରେ ଭାଜପା ନେତାମାନେ ପରାଜୟ ଆଶଙ୍କାରେ କଂଗ୍ରେସରେ


ଦିଗ୍‌ବିଜୟ ସିଂ

ଯୋଗଦେବାକୁ ଆଗ୍ରହୀ ଅଛନ୍ତି। ଅପରପକ୍ଷରେ ଦୀର୍ଘ ୧୮ ବର୍ଷ ଧରି ମଧ୍ୟପ୍ରଦେଶରେ କ୍ଷମତାରେ ଥିବା ଭାଜପା ସରକାର ଏବଂ ଏହାର ମନ୍ତ୍ରୀମାନେ ପାପ ଧୋଇ ପାରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଶ୍ଚିତ ଅଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଗଣମାଧ୍ୟମ ସହ ଆଲୋଚନା ବେଳେ ଦିଗ୍‌ବିଜୟ କହିଛନ୍ତି, ମଧ୍ୟପ୍ରଦେଶରେ ଭାଜପାକୁ କ୍ଷମତାରୁ ହଟାଇବାକୁ ଲୋକେ ନିଷ୍ପତ୍ତି ନେଇଛନ୍ତି। ନିର୍ବାଚନରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଶାସକ ଦଳର ନେତା ହୃଦୟଙ୍ଗମ କରି ସାରିଲେଣି। ତେଣୁ ଏବେ ଭାଜପା ନେତାଙ୍କ ବାଡ଼ ଡିଆଁ କଂଗ୍ରେସ ଶିବିର ଆଡ଼କୁ ମୁହାଁଇଛି ବୋଲି ସେ କହିଛନ୍ତି।

# ବିଜେଡିରେ ଯାଜପୁରର ଶତାଧିକ ଭାଜପା କର୍ମୀ


ଶଙ୍ଖ ଭବନଠାରେ ମଙ୍ଗଳବାର ବିଜେଡି ନେତୃବୃନ୍ଦଙ୍କ ସହ ଦଳରେ ଯୋଗଦେଇଥିବା ଭାଜପା କର୍ମୀ।

**ଭୁବନେଶ୍ୱର,୨୬।୯(ଅନିଲ ଦାସ)**

ଯାଜପୁର ନିର୍ବାଚନମଣ୍ଡଳୀର ଭାଜପା ଯୁବମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୌମ୍ୟରଞ୍ଜନ ଧଳ ଏବଂ ଯାଜପୁର ଜିଲା ଭାଜପା ଯୁବମୋର୍ଚ୍ଚାର ସାଧାରଣ ସମ୍ପାଦକ ହୃଷୀକେଶ ମେକାପଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମକର୍ତ୍ତା ମଙ୍ଗଳବାର ଶଙ୍ଖଭବନଠାରେ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ଗଣମାଧ୍ୟମ ସଂଯୋଜକ ପ୍ରିୟବ୍ରତ ମାଝି ଉପସ୍ଥିତ ରହି ସମସ୍ତ ଭାଜପା କର୍ମକର୍ତ୍ତାଙ୍କୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଧଳ ଏବଂ ମେକାପ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଓ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି। ଯାଜପୁର ଜିଲାରେ ଭାଜପା ଜିଲା ସଭାପତିଙ୍କ ମନମୁଖି କାର୍ଯ୍ୟ ଏବଂ ଦଳରେ କାମ କରିବାର ସୁଯୋଗ ମିଳୁ ନ ଥିବାରୁ କ୍ଷୋଭପ୍ରକାଶ କରି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ସଦସ୍ୟ ଓ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ଭାଜପା ଛାଡି ବିଜେଡିରେ ମିଶିଥିବା କର୍ମକର୍ତ୍ତାମାନେ ହେଲେ ଯାଜପୁର ନିର୍ବାଚନମଣ୍ଡଳୀର ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚାର ଉପସଭାପତି ମନୋରମା ମିଶ୍ର, ମାଳନ୍ଦାପୁର ଗ୍ରାମପଞ୍ଚାୟତର ୱାର୍ଡମେମ୍ବର ଅଶୋକ ଧଳ, ଶମ୍ଭୁନାଥ ଦାସ, ଭୁବନେଶ୍ୱରପୁର ଗ୍ରାମପଞ୍ଚାୟତର ସମ୍ପାଦକ ରଞ୍ଜନ କୁମାର ସ୍ୱାଇଁ, ବେରୁଡ଼ା ମୋର୍ଚ୍ଚାର ସଦସ୍ୟ କାଞ୍ଚନବାଳା ସାମଲଙ୍କ ସହ ଶତାଧିକ କର୍ମକର୍ତ୍ତା ଓ କର୍ମୀ। ମୁଖପାତ୍ର ପ୍ରିୟବ୍ରତ ମାଝି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ମୁଖପାତ୍ର ଡୁମ୍ବନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ନବୀନଙ୍କୁ ଶୂନ ମାର୍କ ମିଳିବ: ଜୟନାରାୟଣ

**ଭୁବନେଶ୍ୱର, ୨୬।୯(ସୁନିତ୍ ମିଶ୍ର)**

ଏକ ଜାତୀୟ ଗଣମାଧ୍ୟମ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀ କେତେକାଂଶରେ କେନ୍ଦ୍ର ସରକାରଙ୍କୁ ମଧ୍ୟ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆଭିମୁଖ୍ୟ ପୁଣି ଥରେ ରାଜ୍ୟ ରାଜନୀତିରେ ଚର୍ଚ୍ଚା ବଢ଼ାଇଦେଇଛି। ତେବେ ଏହି କାର୍ଯ୍ୟକ୍ରମ ଅବସରରେ ବିକାଶମୂଳକ କାମ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ୧୦ରୁ କେତେ ମାର୍କ ଦେବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରାଯାଇଥିଲା। ମୋଦିଙ୍କୁ ସେ ୮ ମାର୍କ ଦେଇଥିଲେ। ହେଲେ ମୁଖ୍ୟମନ୍ତ୍ରୀଙ୍କ କାମକୁ ଦେଖିଲେ ନବୀନଙ୍କୁ ୧୦ରୁ ୦ ମାର୍କ ମିଳିବ ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମଙ୍ଗଳବାର କହିଛନ୍ତି।

ଜୟନାରାୟଣ କହିଛନ୍ତି, ନବୀନଙ୍କୁ ୧୦ରୁ ଶୂନ ମିଳିବା କଥା। ରାଜ୍ୟରେ ସେମିତି କାମ


ଜୟନାରାୟଣ ମିଶ୍ର

ତ ଦେଖିପାରୁନୁ। ରାଜ୍ୟରେ ବିପିଏଲ୍ ସଂଖ୍ୟା ବଢ଼ିଚାଲିଛି। ସ୍କୁଲ ଏବଂ ଶିକ୍ଷା ଯାହା ରାଜ୍ୟ ସରକାରଙ୍କ ପ୍ରାଥମିକତା ହେବା କଥା ଦୁଇଟି ଯାକ ଏବେ ବିପର୍ଯ୍ୟସ୍ତ ଅବସ୍ଥାରେ ଅଛି। କେନ୍ଦ୍ର ସରକାରଙ୍କ ଟଙ୍କାରେ ଯାହା ସବୁ ହେଉଛି ସେଥିରୁ କେବଳ ନାଁ ନେବାକୁ ସେମାନେ ଚେଷ୍ଟା କରୁଛନ୍ତି। ସବୁ କ୍ଷେତ୍ରରେ ଏମାନେ ବିଫଳ, ଏପରିକି କିଛି କ୍ଷେତ୍ର ଅଛି ଯେଉଁଥିରେ ଏ ସରକାର ସଫଳତା ହାସଲ କରିପାରିଛି। ଦାରିଦ୍ର୍ୟରେ ଝାଡ଼ଖଣ୍ଡ ପରେ ଓଡ଼ିଶା ରହିଛି। ନାରୀ ନିର୍ଯାତନା ଏବଂ ଦୁର୍ନୀତିରେ ଓଡ଼ିଶା ଏବେ ଭାରତବର୍ଷରେ ପ୍ରଥମ ସ୍ଥାନରେ ରହିଛି। ମୋଦି ସରକାର ଲେସ୍ କରପଟେଡ୍ ହେଲେ ନବୀନ ସରକାର ଦୁର୍ନୀତିରେ ବୁଡି ରହିଛନ୍ତି ବୋଲି ସେ କହିଛନ୍ତି।

ଜୟନାରାୟଣଙ୍କ ପ୍ରତିକ୍ରିୟା ଉପରେ ବିଜେଡି ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି, ଭାଜପା ବାଲାଙ୍କ ନିଷ୍ପତ୍ତି କିଭଳି ହେବ ସେକଥା ସେମାନେ ହିଁ ସ୍ପଷ୍ଟୀକରଣ ଦେଇପାରିବେ। ସେମାନେ କହିପାରିବେ ଏ ସରକାର କ'ଣ ସବୁ ଭୁଲ୍ କରିଛନ୍ତି ଯେଉଁଥିଲାଗି ଲୋକମାନେ ରାଜ୍ୟରେ ୫ ଥର ସରକାରରେ ବସାଇଲେଣି। କିନ୍ତୁ ସାଧାରଣରେ ସରକାରଙ୍କ ଭୁଲ୍ ଭ୍ରାନ୍ତି ଦେଖୁଥିଲେ ୨୩ ବର୍ଷର ସରକାର ରାଜ୍ୟରେ ନ ଥାଆନ୍ତା। ତେଣୁ ଭାଜପା ବାଲାଙ୍କ ମାର୍କ ଦରକାର ନାହିଁ କାରଣ ଲୋକମାନେ ବିଜେଡିକୁ ଯାହା ଦେବା କଥା ଦେଉଛନ୍ତି ବୋଲି ଶଶିଭୂଷଣ କହିଛନ୍ତି।

# ବିନା ଆଲୋଚନାରେ ବିଲ୍ ପାରିତ ଅଭିଯୋଗ ଆଣି କଂଗ୍ରେସର ଗୃହତ୍ୟାଗ

**ଭୁବନେଶ୍ୱର, ୨୬।୯(ସୁନିତ୍ ମିଶ୍ର):** ବିଧାନସଭା ଅଧିବେଶନ ମଙ୍ଗଳବାର ଅପରାହ୍ନରେ ଆରମ୍ଭ ହେବା ମାତ୍ରେ ବାଚସ୍ପତି ପ୍ରମିଳା ମଲ୍ଲିକ ମନ୍ତ୍ରୀ ଉଷା ଦେବୀଙ୍କୁ ଓଡ଼ିଶା ମ୍ୟୁନିସିପାଲ ଆଇନ (ଆମେଣ୍ଡମେଣ୍ଟ) ବିଲ୍ ଉପସ୍ଥାପନା କରିବାକୁ କହିଥିଲେ। ମନ୍ତ୍ରୀ ଉଷା ଦେବୀ ବିଲ୍ ଉପସ୍ଥାପିତ କରିଥିବା ବେଳେ ଏନେଇ ବିରୋଧୀଙ୍କ ସହ ବିନା ଆଲୋଚନାରେ ପାସ୍ କରାଯାଇଥିବା କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଅଭିଯୋଗ ଆଣିଥିଲେ। ଯେତେବେଳେ ଗୋଟିଏ ବିଲ୍ ଉପସ୍ଥାପନ କରାଯାଏ ସେ ସମୟରେ ବିରୋଧୀଙ୍କୁ ନେଇ ଗୃହରେ ଆଲୋଚନା ହେବା କଥା। ଏହା କରା ନ ଯିବା କେତେଦୂର ଯୁକ୍ତିଯୁକ୍ତ। ଯଦି ବିରୋଧୀଙ୍କ ସହ ଆଲୋଚନା ନ କରି ବିଲ୍ ଗୃହରେ ପାସ୍ କରାଯିବ ତେବେ ବିରୋଧୀ ଗୃହରେ କାହିଁକି ରହିବେ ବୋଲି କହି କଂଗ୍ରେସ ସଦସ୍ୟମାନେ ଗୃହତ୍ୟାଗ କରିଥିଲେ। ଏହାପରେ ବାଚସ୍ପତି ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲିଙ୍କୁ କଂଗ୍ରେସ ସଦସ୍ୟମାନଙ୍କୁ ବୁଝାଇ ଗୃହକୁ ଆଣିବା ଲାଗି ପଠାଇଥିଲେ। ହେଲେ କଂଗ୍ରେସ ସଦସ୍ୟମାନେ ରାଜିହୋଇ ନ ଥିଲେ। ଶେଷରେ ମନ୍ତ୍ରୀ ଖାଲି ହାତରେ ଫେରିଥିଲେ। ପରବର୍ତ୍ତୀ ସମୟରେ ଭାଜପା ସଦସ୍ୟମାନଙ୍କୁ ନେଇ ଏହି ବିଲ୍ ଉପରେ ଆଲୋଚନା ଚାଲିଥିଲା। ଭାଜପା ସଦସ୍ୟ ସୂର୍ଯ୍ୟବଂଶୀ ସୂରଜ ଏବଂ ମୁକେଶ ମହାଲିଙ୍ଗ ଏହି ବିଲ୍ ଉପରେ ନିଜର କିଛି ମତ ରଖିଥିଲେ। ସୂର୍ଯ୍ୟବଂଶୀ କହିଥିଲେ, ୱାର୍ଡ କମିଟି ଗଠନ କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ହେଲେ ଏହି କମିଟି ସକ୍ରିୟ ଭାବେ କାର୍ଯ୍ୟ କରିବା ଦରକାର। ଇତି ମଧ୍ୟରେ ଅନ୍ୟ ୫ଟି ବିଲ୍ ଗୃହରେ ପାରିତ କରାଯାଇଥିଲା।

**OFFICE OF THE PRINCIPAL SONEPUR COLLEGE, SONEPUR**

**QUOTATION CALL NOTICE**

No. 2401 Date: 23.09.2023

No. N-73: Sealed quotations are invited under IDP (OHEPEE) funds from registered suppliers for the supply of (1) CBCS Science Lab Equipments (5th & 6th Semester), (2) CBCS Books - Text & Reference for 5th & 6th Semester Arts, Science & Commerce to the Principal Sonepur College, Sonepur.

All the tenders should reach to the office of Principal on or before 10.10.2023, 5.00 P.M. by Speed Post. The undersigned reserves the right to accept/reject or cancel any or all quotations without assigning any reason thereof. Interested bidders are requested to visit the College website **www.sonepurcollege.org.in** for further details and specifications.

Sd./- Principal
Sonepur College, Sonepur

OIPR-11119/11/0001/2324

No.A-594

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**ANGUL IRRIGATION CIRCLE, ANGUL, ODISHA**
**Pin- 759143; email: seangulirrigation@gmail.com**
**Government of Odisha "e" PROCUREMENT NOTICE**
**Bid Identification No. ACEAIC-01/2023-24**

No. 1185 Dt. 22.09.2023

**CORRIGENDUM NO.-I**

| Sl. No. | Name of work | Date and Time of availability/ receipt of bid document in the portal |
|---|---|---|
| 01 | Improvement to left Service Road of Right Main Canal in between RD 2.50km. to 14.5km. of Sapua Badjore Irrigation Project.(Working RD 2.5km. to RD 7.46km.) | The date and time of availability of Bid Documents in the portal is **03.10.2023 at 10 AM to 18.10.2023 upto 5.30 PM** instead of 25.09.2023 at 10.00 AM to 11.10.2023 up to 5.30 PM. |
| 02 | Improvement to canal Service Road of Jaripal Minor from RD 00m. to RD 4370m., Jaripal Sub- Minor from RD 00m. to RD 1000m. & Tail distributary from RD 1320m. to 2300m. (Working RD for Tail Distributary from RD 00m. to RD 3400m.) of Aunli Irrigation project. | |

Further details can be seen from the e-Procurement Portal http://tendersodisha.gov.in. Any corrigendum/ addendum/cancellation will be displayed in the Govt.Website only.

Sd./- Additional Chief Engineer, Angul Irrigation Circle, Angul

OIPR-32081/11/0004/2324

**CUTTACK DEVELOPMENT AUTHORITY**

CDA

Arunodaya Bhawan, Link Road, Cuttack - 12
Fax No.: 0671-2312299, email: cda.cuttack@nic.in

Notice No. 10678 Date: 25.09.2023

**EXPRESSION OF INTEREST (EOI) TO RENT OUT PREMISES FOR WORKSHOP ON "AS IS WHERE IS BASIS" AT CUTTACK NETAJI BUS TERMINAL (CNBT), CUTTACK**

**Brief Description of the process:** Cuttack Development Authority (CDA) invites applications from prospective applicants to rent out premises for Workshop on "as is where is basis" at Cuttack Netaji Bus Terminal (CNBT), Cuttack.

No. CAD-2171: The applicants are requested to make themselves aware of the site conditions and eligibility criteria mentioned in the EOI before participating in the process. The EOI can only be downloaded from CDA website **http://www.cdacuttack.nic.in** and the last date of submission of application in prescribed format and required documents by Dt. 04.10.2023 till 15:00 Hrs. C.D.A, Cuttack reserves the right to accept or reject any application(s) and to annul the selection process at any time, without incurring any liability and without assigning any reason thereof.

For any assistance/ clarification in this regard, the prospective applicants may contact the **Scheme Officer on 8249964517** or to reach out to **PMU-9937022079/8050398938** during office hours.

OIPR-13037/11/0139/2324 Sd./- Secretary

**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ. – ୪, ଭୁବନେଶ୍ୱର**
**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO.- IV**
Nirman Soudha, Unit - V, Bhubaneswar
E-mail ID: eernb4bbsr@gmail.com, Tel.: (0674) 2390245

No. 6158 Dt. Bhubaneswar, the 21.09.2023

**1st Corrigendum (Cancellation) to Auction Sale Call Notice No. 2 of 2023-24**

No. B-949: Due to some unavoidable circumstances, the auction sale Notice No. 2 of 2023-24 is hereby cancelled.

Sd./- Executive Engineer
BBSR (R&B) Division No. - IV, BBSR

OIPR-34090/11/0021/2324

**The Odisha Agro Industries Corporation Ltd.**
(A Govt. of Odisha Undertaking)
Regd.: H.O.: 95, Satyanagar, Bhubaneswar - 751007
Tel.: (0674) 2570687, Email: oaicho@orissaagro.com

**E-PROCUREMENT TENDER**

No. CAD-2167: E-procurement tender in conformity with technical specification, term & conditions in tender documents are invited from registered Civi Contractors/ Firms (Class - B & above) for the works "Construction of SFRC Pre-cast Compound Wall in Agricultural Farm at Different Districts". For details please visit website **http://tendersodisha.gov.in.** Bid documents will be available in above website from 26.09.2023 at 10.00 A.M. to 25.10.2023 upto 5.00 P.M. The bid of the work shall be opened on 26.10.2023 at 11.30 A.M. in the Office of the undersigned. The bidder must possess matching class compatible Digital Signature Certificate (DSC). The undersigned reserves the right to accept/reject any/all application(s) without assigning any reasons thereof.

Sd./- Managing Director
OIPR-01047/11/0038/2324

**OFFICE OF THE NOTIFIED AREA COUNCIL, KARANJIA, DIST.: MAYURBHANJ**
E-mail ID; karanjian.hud@ori.nic.in

No. 1727/NAC Date: 25.09.2023

**EXPRESSION OF INTEREST FOR PREPARATION OF STORM WATER DRAINAGE MASTER PLAN & DPR OF KARANJIA NAC**

No. C-1489: Karanjia NAC proposes to undertake preparation of storm water drainage master plan & DPR for Karanjia NAC area.

Proposals are invited to conduct the assignment and submit the deliverables from engineering consultants/Consulting registered architectural firms that have requisite experience in preparation of Drainage/Pipeline/Sewerage network plan.

Details of the bid document can be accessed and the EOI/application forms can be downloaded from the website **http://www.karanjianac.in/** and obtained from the Office of Karanjia NAC by paying the Tender Paper Cost Rs.10,000/- (Rupees Ten Thousand) only Non-refundable by paying though Demand Draft/Banker Cheques in favour of Executive Officer, Karanjia NAC, payable at Karanjia.

The completed applications, as per instructions in the EOI document should reach the following address by Hand/Registered Post/Speed Post/Courier latest by 5 P.M. on Dt.06.10.2023.

Karanjia NAC reserves the sole right to accpet or reject any or all proposals without assigning any reason whatsoever.

Sd./- Executive Officer
Karanjia NAC

OIPR-13119/11/0004/2324

No.H-31

**କଣ୍ଟାବାଞ୍ଜି ନିୟନ୍ତ୍ରିତ ବଜାର କମିଟିର ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, କଣ୍ଟାବାଞ୍ଜି, ବଲାଙ୍ଗିର**

**ନିର୍ବାଚନ ବିଜ୍ଞାପନ**

**ବିଜ୍ଞପ୍ତି ସଂଖ୍ୟା–୭୩୫, ତାରିଖ–୨୨.୦୯.୨୦୨୩**

୧୯୫୬ ମସିହା, ଓଡ଼ିଶା କୃଷିଜାତ ଦ୍ରବ୍ୟ ବିପଣନ ଧାରା–୬ ଓ ୧୯୫୮ ମସିହା ଓଡିଶା କୃଷିଜାତ ଦ୍ରବ୍ୟ ବିପଣନ ନିୟମ ୩ ରୁ ୨୪ ଅନୁସାରେ, ବଲାଙ୍ଗିର ଜିଲାପାଳଙ୍କ ଆଦେଶ ସଂଖ୍ୟା ୫୦୦୨ ତା.୦୮.୦୮.୨୦୨୩ ରିଖ ଅନୁସାରେ, ଆମଠାରେ ନ୍ୟସ୍ତ ହୋଇଥିବା କ୍ଷମତା ଅନୁଯାୟୀ ଆମ୍ଭେ, ଶ୍ରୀରାଧାକୃଷ୍ଣ ମେହେର, ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ବଲାଙ୍ଗିର ତଥା କଣ୍ଟାବାଞ୍ଜି, ନିୟନ୍ତ୍ରିତ ବଜାର କମିଟିର ନିର୍ବାଚନ ଅଧିକାରୀ ଭାବେ, ଏତଦ୍ୱାରା ଘୋଷଣା କରୁଅଛୁ ଯେ, ଉକ୍ତ କମିଟିର ସଦସ୍ୟ ନିର୍ବାଚନ ପାଇଁ ଗ୍ରାମ ପଞ୍ଚାୟତ, କଣ୍ଟାବାଞ୍ଜି ଏନ୍‌ଏସି, କୃଷକ ସଂଗଠନ ଓ ବ୍ୟବସାୟୀ ନିର୍ବାଚନ ମଣ୍ଡଳୀରୁ ସଦସ୍ୟ ନିର୍ବାଚନ ଆସନ୍ତା ତା.୦୩.୧୧.୨୦୨୩ ରିଖ ସକାଳ ୯.୦୦ ଘଟିକାଠାରୁ ଅପରାହ୍ନ ୩.୦୦ ଘଟିକା ମଧ୍ୟରେ କଣ୍ଟାବାଞ୍ଜି, ନିୟନ୍ତ୍ରିତ ବଜାର କମିଟିର କାର୍ଯ୍ୟାଳୟ ଠାରେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ନିର୍ବାଚନ ଅନୁଷ୍ଠିତ ହେବ। ସୁତରାଂ କଣ୍ଟାବାଞ୍ଜି ନିୟନ୍ତ୍ରିତ ବଜାର କମିଟିର ମାର୍କେଟ ଏରିଆ (ତୁରେକେଲା, ବଙ୍ଗୋମୁଣ୍ଡା, ସିନ୍ଧେକେଲା, ମୁରିବାହାଲ ଓ ଟିଟିଲାଗଡ଼ ବ୍ଲକ) ପରିସରଭୁକ୍ତ କୃଷକ ସଂଗଠନ, ବ୍ୟବସାୟୀ ଗୋଷ୍ଠୀ, କଣ୍ଟାବାଞ୍ଜି ଏନ୍‌ଏସି ଏବଂ ଗ୍ରାମ ପଞ୍ଚାୟତର ବୈଧ ଭୋଟରମାନଙ୍କୁ ଉକ୍ତ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଗଲା।

**ନିର୍ବାଚନରେ ପୂରଣ ହେବାକୁ ଥିବା ସ୍ଥାନର ସଂଖ୍ୟା**

| କ୍ର.ନଂ. | ନିର୍ବାଚନମଣ୍ଡଳୀର ନାମ | ନିର୍ବାଚନ ଦ୍ୱାରା ପୂରଣ ହେବାକୁ ଥିବା ସ୍ଥାନ ସଂଖ୍ୟା |
|---|---|---|
| ୦୧ | କୃଷକ ନିର୍ବାଚନମଣ୍ଡଳୀ | ୦୮ |
| ୦୨ | ବ୍ୟବସାୟୀ ନିର୍ବାଚନମଣ୍ଡଳୀ | ୦୪ |
| ୦୩ | ସ୍ଥାନୀୟ ପ୍ରାଧିକାରୀ<br>କ)ଏନ୍‌ଏସି<br>ଖ) ଗ୍ରାମ ପଞ୍ଚାୟତ | <br>୦୧<br>୦୧ |
| | ମୋଟ | ୧୪ |

**ନିର୍ବାଚନ କାର୍ଯ୍ୟସୂଚୀ**

| କ୍ର.ସଂ. | କାର୍ଯ୍ୟର ବିବରଣୀ | ତାରିଖ | ସମୟ | ନିର୍ଦ୍ଧାରିତ ସ୍ଥାନ |
|---|---|---|---|---|
| ୧ | ପ୍ରାଥମିକ ଭୋଟର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୩୦.୦୯.୨୦୨୩ | ଅପରାହ୍ନ ୪.୦୦ ଘଟିକା | କଣ୍ଟାବାଞ୍ଜି ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ |
| ୨ | ପ୍ରାଥମିକ ଭୋଟର ତାଲିକା ସମ୍ବନ୍ଧରେ ଅଭିଯୋଗ ଗ୍ରହଣ | ୦୩.୧୦.୨୦୨୩ | ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ | -ଏଜନ- |
| ୩ | ପ୍ରାଥମିକ ଭୋଟର ତାଲିକା ସମ୍ବନ୍ଧରେ ଗୃହୀତ ଅଭିଯୋଗର ବିଚାର | ୦୪.୧୦.୨୦୨୩ | ପୂର୍ବାହ୍ନ ୧୧.୦୦ ଘଟିକା | -ଏଜନ- |
| ୪ | ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୦୬.୧୦.୨୦୨୩ | ପୂର୍ବାହ୍ନ ୧୧.୦୦ ଘଟିକା | -ଏଜନ- |
| ୫ | ପ୍ରାର୍ଥୀ ମନୋନୟନର ପତ୍ରଗ୍ରହଣ | ୧୧.୧୦.୨୦୨୩ | ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ | -ଏଜନ- |
| ୬ | ମନୋନୟନ ପତ୍ରର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୧୨.୧୦.୨୦୨୩ | ଅପରାହ୍ନ ୪.୦୦ ଘଟିକା | -ଏଜନ- |
| ୭ | ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କ ଦ୍ୱାରା ମନୋନୟନ ପତ୍ର ପରିଦର୍ଶନ | ୧୬.୧୦.୨୦୨୩ | ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ | -ଏଜନ- |
| ୮ | ମନୋନୟନ ପତ୍ର ବିରୁଦ୍ଧରେ ସପ୍ରମାଣ ଆପତ୍ତି ଅଭିଯୋଗପତ୍ର ଦାଖଲ | ୧୭.୧୦.୨୦୨୩ | ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ | -ଏଜନ- |
| ୯ | ମନୋନୟନ ପତ୍ର ବିରୁଦ୍ଧରେ ଅଭିଯୋଗର ଶୁଣାଣି ଓ ଯାଞ୍ଚ | ୧୯.୧୦.୨୦୨୩ | ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା | -ଏଜନ- |
| ୧୦ | ବୈଧ ମନୋନୟନ ପତ୍ରର ତାଲିକା ପ୍ରକାଶନ | ୨୦.୧୦.୨୦୨୩ | ଅପରାହ୍ନ ୪.୩୦ ଘଟିକା | -ଏଜନ- |
| ୧୧ | ମନୋନୟନ ପତ୍ର ପ୍ରତ୍ୟାହାର | ୨୫.୧୦.୨୦୨୩ | ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ | -ଏଜନ- |
| ୧୨ | ଚୁଡାନ୍ତ ମନୋନୟନ ପତ୍ର ପ୍ରକାଶନ (ନୋଟିସ ବୋର୍ଡରେ) | ୨୬.୧୦.୨୦୨୩ | ଅପରାହ୍ନ ୪.୩୦ ଘଟିକା | -ଏଜନ- |
| ୧୩ | ଆବଶ୍ୟକ ସ୍ଥଳେ ଭୋଟ ଗ୍ରହଣ | ୦୩.୧୧.୨୦୨୩ | ପୂର୍ବାହ୍ନ ୯.୦୦ ଘଟିକାଠାରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ | -ଏଜନ- |
| ୧୪ | ଭୋଟ ଗଣତି ଓ ଫଳାଫଳ ପ୍ରକାଶନ | ୦୩.୧୧.୨୦୨୩ | ଅପରାହ୍ନ ୪.୦୦ ଘଟିକାଠାରୁ ଗଣତି ଶେଷହେବା ପର୍ଯ୍ୟନ୍ତ | -ଏଜନ- |

ବି.ଦ୍ର.– ୧) ଇଚ୍ଛୁକ ପ୍ରାର୍ଥୀ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, କଣ୍ଟାବାଞ୍ଜିଙ୍କ ଠାରେ ଟ.୫.୦୦ (ପାଞ୍ଚ ଟଙ୍କା) ମାତ୍ର ଦାଖଲ କରି ମନୋନୟନ ପତ୍ର ପାଇପାରିବେ।
୨) ପ୍ରାର୍ଥିପତ୍ର ଦାଖଲ ସମୟରେ ପ୍ରାର୍ଥୀଙ୍କୁ ଟ.୫୦.୦୦ (ପଚାଶ ଟଙ୍କା) ମାତ୍ର ଅମାନତ ଭାବରେ ଜମା ଦେବାକୁ ହେବ। ପ୍ରତ୍ୟେକ ପ୍ରାର୍ଥୀଙ୍କର ମନୋନୟନ ପତ୍ର ସହିତ ମନୋନୟନ ଫର୍ମ ଗ୍ରହଣର ଓ ଅମାନତ ଟଙ୍କା ଜମାର ପ୍ରମାଣପତ୍ର ଭାବରେ, ନିୟନ୍ତ୍ରିତ ବଜାର କମିଟି, କଣ୍ଟାବାଞ୍ଜିରୁ ପ୍ରାପ୍ତ ରସିଦ ଦାଖଲ କରିବେ।
୩) କେବଳ ପ୍ରାର୍ଥୀ ନିଜେ ନିର୍ବାଚନ ଅଧିକାରୀଙ୍କ ନିକଟରେ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରାର୍ଥିପତ୍ର ଦାଖଲ ଓ ପ୍ରତ୍ୟାହାର ସମ୍ବନ୍ଧୀୟ ଦରଖାସ୍ତ ଦାଖଲ କରିବେ।
୪) ପ୍ରାର୍ଥୀ ଓ ଭୋଟରମାନଙ୍କୁ ଜଣାଇ ଦିଆଯାଉଅଛି କି, ମନୋନୟନ ପତ୍ର ଦାଖଲ ଏବଂ ଭୋଟ ଦେଲାବେଳେ ସେମାନେ ନିଜର ଭୋଟର ପରିଚୟ ପତ୍ର କିମ୍ବା ଆଧାର କାର୍ଡ ନିଶ୍ଚିତ ଆଣିବେ ତଥା ବ୍ୟବସାୟୀ (ଟ୍ରେଡର) ମାନଙ୍କୁ ଅନୁରୋଧ, ସେମାନେ ଭୋଟର ପରିଚୟ ପତ୍ର ସହିତ ନିୟନ୍ତ୍ରିତ ବଜାର କମିଟି ତରଫରୁ ଦିଆହୋଇଥିବା ଟ୍ରେଡ ଲାଇସେନ୍ସ ମଧ୍ୟ ନିଶ୍ଚିତ ଆଣିବେ।

ସ୍ୱା./- ରାଧାକୃଷ୍ଣ ମେହେର, ୨୨.୯.୨୦୨୩
ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ବଲାଙ୍ଗୀର
-ତଥା-
ନିର୍ବାଚନ ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି, କଣ୍ଟାବାଞ୍ଜି

OIPR-01509/11/0001/2324

No.C-1479

**WATCO**
**OFFICE OF THE CHIEF EXECUTIVE OFFICER, WATCO, Ground Floor, Unnati Bhawan**
H.B. Colony, Satyanagar, Bhubaneswar-751007
Odisha, India, Telefax:-+91-674-2571444
E-mail:ceowatcoodisha@gmail.com

**INVITATION FOR BID (IFB)**

Bid Identification No.WATCO (W)-30/2023-24, Dtd.25.09.2023
WATCO No.5798, Date:25.09.2023

| | | |
|---|---|---|
| 01. Name of the Work | : | Laying of Sewer Networks in Vinayak Nagar, Cuttack |
| 02. Estimated cost | : | Rs.156.25 Lakh |
| 03. Period of completion | : | 6 (Six) Calender Months |
| 04. Date & time of availability of bid document in the portal | : | From 11.00 AM of Dt.27.09.23 to 5.00 PM of 11.10.23 |
| 05. Last date / time of receipt of bids in the portal | : | 5.00 PM of 11.10.2023 |
| 06. Date & Time of Opening of technical bids | : | 12.30 PM of 12.10.23 |
| 07. Name and address of the Officer Inviting Bid | : | Chief Executive Officer, WATCO Telefax:0674-2571444 E-mail:ceowatcoodisha@gmail.com |

08. The bidders have to participate in ONLINE bidding only.
Further details can be seen from the website www.tendersodisha.gov.in.

OIPR-13194/11/0051/2324 Sd./-CEO, WATCO

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୨୭ ସେପ୍ଟେମ୍ବର, ୨୦୨୩





ଏସିଆନ ଗେମ୍ସରେ ନିଙ୍ଗବୋ ଜିଆଙ୍ଗଶାନ ସେଲିଂ ସେଣ୍ଟରରେ ଅନୁଷ୍ଠିତ ପୁରୁଷ ଆରଏସ୍:ଏକ୍ସ କ୍ଲାସ୍ ଫାଇନାଲ ରେସ୍ ଅବସରରେ ଭାରତର ଇଆବାଦ ଅଲୀ।

# ସେଲିଂ: ନେହା ରୌପ୍ୟ, ଅଲୀଙ୍କୁ ବ୍ରୋଞ୍ଜ

**ନିଙ୍ଗବୋ (ଚାଇନା), ୨୬।୯ (ପି.ଟି.)**

ଏସିଆନ ଗେମ୍ସର ସେଲିଂ ଇଭେଣ୍ଟରେ ଭାରତୀୟ ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ମଙ୍ଗଳବାର ଏଥିରୁ ଭାରତକୁ ୨ଟି ପଦକ ମିଳିଛି। ୧୭ ବର୍ଷୀୟା ନେହା ଠାକୁର ରୌପ୍ୟ ଏବଂ ଇଆବାଦ ଅଲୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବାଳିକା ଡିନ୍‌ଘି ଆଇଏଲ୍‌ସିଏ-୪ ଇଭେଣ୍ଟରେ ନେହା ପ୍ରଭାବୀ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ପୁରୁଷ ୱିଣ୍ଡସର୍ଫର ଆର୍‌ଏସ୍:ଏକ୍ସ ଇଭେଣ୍ଟରେ ଅଲୀ ୫୨ ପଏଣ୍ଟ ସ୍କୋର କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ଥାଇଲାଣ୍ଡର ନାଛାଫୋଙ୍ଗ୍ ଫୋନୋଫାରାଟ ରୌପ୍ୟ ଓ କୋରିଆର ୱନଉ ଚୋ ସ୍ୱର୍ଣ୍ଣ ପଦକ ପାଇଥିଲେ। ୧୪ ରେସ୍ ବିଶିଷ୍ଟ ଇଭେଣ୍ଟରେ ଅଲୀ ଦ୍ୱିତୀୟ ଓ ତୃତୀୟ ରେସ୍ ଫିନିଶ୍ କରି ନ ପାରିବାରୁ ତାଙ୍କ ମୋଟ ୫୯ ପଏଣ୍ଟରୁ ୭ ପଏଣ୍ଟ କାଢ଼ି ନିଆଯାଇଥିଲା। ଫଳରେ ରୌପ୍ୟ ପଦକ ବିଜୟୀ ପ୍ରତିଯୋଗୀଙ୍କଠାରୁ ତାଙ୍କର ପଏଣ୍ଟ ବ୍ୟବଧାନ ୨୩ ରହିଥିଲା। ଭୋପାଳର ନ୍ୟାଶନାଲ ସେଲିଂ ସ୍କୁଲର ପ୍ରତିଭାସମ୍ପନ୍ନ ସେଲର ନେହା ମୋଟ ୩୨ ପଏଣ୍ଟ ପାଇଥିଲେ। ମାତ୍ର ନେଟ୍ ସ୍କୋର ୨୭ ଥିବାରୁ ସେ ଦ୍ୱିତୀୟ ସ୍ଥାନ ଅଧିକାର କରି ନେଇଥିଲେ। ଏଥିରେ ଥାଇଲାଣ୍ଡର ନୋପାସୋମ ଖୁନବୋଞ୍ଜାନ ସ୍ୱର୍ଣ୍ଣ ଏବଂ ସିଙ୍ଗାପୁରର କିଏରା ମାରି କାର୍ଲି ବ୍ରୋଞ୍ଜ ପଦକ ପାଇଥିଲେ। ସେଲିଂରେ ପ୍ରତିଯୋଗୀମାନେ ଯେତେ ରେସ୍ କରିଥାନ୍ତି ସେଥିରୁ ସବୁଠାରୁ ଖରାପ ସ୍କୋରକୁ କାଢ଼ି ନିଆଯାଇଥାଏ। ସବୁଠାରୁ କମ୍ ନେଟ୍ ସ୍କୋରର ବିଜେତା ହୋଇଥାନ୍ତି। ନେହା ୫ମ ପର୍ଯ୍ୟାୟରେ ସବୁଠାରୁ ଖରାପ ୫ ପଏଣ୍ଟ ସ୍କୋର କରିଥିଲେ, ଯାହାକି ତାଙ୍କ ମୋଟ ସ୍କୋରରୁ କାଢ଼ି ନିଆଯାଇଥିଲା।



ନେହା ଠାକୁର

## ଏସିଆନ ଗେମ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୫୩ | ୨୯ | ୧୩ | ୯୫ |
| ଦ.କୋରିଆ | ୧୪ | ୧୬ | ୧୯ | ୪୯ |
| ଜାପାନ | ୮ | ୨୦ | ୧୯ | ୪୭ |
| ଉଜ୍‌ବେକିସ୍ତାନ | ୫ | ୬ | ୧୧ | ୨୨ |
| ହଂକଂ | ୫ | ୪ | ୧୧ | ୨୦ |
| **ଭାରତ** | **୩** | **୪** | **୭** | **୧୪** |
| ଇଣ୍ଡୋନେସିଆ | ୩ | ୧ | ୫ | ୯ |
| ଚାଇନିଜ ତାଇପେ | ୨ | ୩ | ୩ | ୮ |
| ଥାଇଲାଣ୍ଡ | ୨ | ୦ | ୫ | ୭ |
| ଇରାନ | ୧ | ୪ | ୫ | ୧୦ |
| ମାଲେସିଆ | ୧ | ୨ | ୨ | ୫ |
| ୟୁଏଇ | ୧ | ୧ | ୩ | ୫ |
| ତାଜିକିସ୍ତାନ | ୧ | ୧ | ୧ | ୩ |
| ମକାଓ | ୧ | ୦ | ୨ | ୩ |
| କିର୍ଗିଜସ୍ତାନ | ୧ | ୦ | ୦ | ୧ |

# ଜାତୀୟ ରେକର୍ଡ ସତ୍ତ୍ୱେ ଭାରତ ୫ମ

**ହାଙ୍ଗଝୋ, ୨୬।୯ (ପି.ଟି.)**

ଏସିଆନ୍ ଗେମ୍ସ ସନ୍ତରଣର ୪x-୧୦୦ ମିଟର ପୁରୁଷ ଦଳଗତ ଫାଇନାଲରେ ପ୍ରବେଶ କରି ପଞ୍ଚମ ସ୍ଥାନରେ ରହିଛି ଭାରତ। ମେଡଲି ରିଲେ ଟିମ୍ ମଙ୍ଗଳବାର ଜାତୀୟ ରେକର୍ଡ ଭାଙ୍ଗିବା ସହିତ ଏସିଆନ୍ ଗେମ୍ସ ଫାଇନାଲରେ ପ୍ରବେଶ କରିଥିଲା। ହିଟ୍-୧ରେ ସ୍ଥାନ ପାଇଥିବା ଶ୍ରୀହରି ନଟରାଜ, ଲିକିଥ୍ ସେଲ୍‌ଭରାଜ, ସାଜନ ପ୍ରକାଶ ଓ ତନିଶ ଜର୍ଜ ମାଥ୍ୟୁଙ୍କ ଭାରତୀୟ ଦଳ ୩:୪୦.୮୪ ସେକେଣ୍ଡର ସମୟ ନେଇ ଜାପାନ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ଜାକାର୍ତ୍ତା ଏସିଆନ୍ ଗେମ୍ସରେ ନଟରାଜ, ସନ୍ଦୀପ ସେଜୱାଲ, ପ୍ରକାଶ ଓ ଆରୋନ ଡି ସୌଜାଙ୍କ ଦ୍ୱାରା ରହିତିବା ୩:୪୪.୯୪ ସେକେଣ୍ଡର ଜାତୀୟ ରେକର୍ଡ ଭାଙ୍ଗିଥିଲେ। ତେବେ ଫାଇନାଲରେ ଭାରତ ୩:୪୦.୨୦ର ଟାଇମିଂ ହାସଲ କରି ନୂଆ ଜାତୀୟ ରେକର୍ଡ କରିଥିଲା। ଅନ୍ୟ ଦୁଇ ସନ୍ତରଣକାରୀ ପଲକ ଯୋଶୀ ଓ ଶିବାଙ୍ଗୀ ଶର୍ମା ଫାଇନାଲକୁ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛନ୍ତି। ୧୦୦ ମି. ଫ୍ରିଷ୍ଟାଇଲରେ ପଲକ ୨:୨୫.୮୧ ସେକେଣ୍ଡର ଟାଇମିଂ ସହିତ ୧୬ତମ ସ୍ଥାନରେ ରହିଥିଲେ। ଅନ୍ୟ ପକ୍ଷରେ ଶିବାଙ୍ଗୀ ୨୦୦ ମି. ବ୍ୟାକ୍‌ଷ୍ଟ୍ରୋକ୍‌ରେ ୫୮.୩୧ ସେକେଣ୍ଡର ଟାଇମିଂ ସହ ୧୪ ତମ ସ୍ଥାନରେ ରହିଥିଲେ।

**ଟେନିସ୍:** ଭାରତୀୟ ଟେନିସ୍ ଖେଳାଳିଙ୍କୁ ମଙ୍ଗଳବାର ମିଶ୍ରିତ ଫଳ ମିଳିଛି। ସିଙ୍ଗଲ୍ସ ଇଭେଣ୍ଟରେ ସୁମିତ ନାଗଲ ଓ ଅଙ୍କିତା ରାଇନା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ରାମକୁମାର ରାମନାଥନ ଓ ଋତୁଜା ଭୋସଲେ ବିଦାୟ ନେଇଛନ୍ତି। ସୁମିତ ନାଗଲ କାଜାଖସ୍ତାନର ବେଇବିଟ ଜୁଖାୟେଭଙ୍କୁ ୭-୬(୯) ଓ ୬-୪ରେ ପରାସ୍ତ କରିଥିଲେ । ଅଙ୍କିତା ୬-୧, ୬-୨ରେ ହଂକଂର ଆଦିତ୍ୟା ପି. କରୁଣାରତ୍ନେଙ୍କୁ ହରାଇଥିଲେ। ଉଭୟ ଖେଳାଳି ବ୍ରୋଞ୍ଜ ପଦକରୁ ଗୋଟିଏ ପାଦ ଦୂରରେ ରହିଛନ୍ତି। ମିକ୍ସଡ ଡବଲ୍ସରେ ୟୁକି ଭାମ୍ବ୍ରି ଓ ଅଙ୍କିତା ରାଇନାଙ୍କ ଯୋଡି ପାକିସ୍ତାନର ଅକିଲ ଖାନ୍ ଓ ସାରା ଖାନଙ୍କୁ ୬-୦, ୬-୦ରେ ପରାସ୍ତ କରି ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ଡବଲ୍ସରେ ଋତୁଜା ଓ କର୍ମାନ କୌର ଥଣ୍ଡିଙ୍କ ଯୋଡି ପରାଜିତ ହୋଇ ବିଦାୟ ନେଇଛନ୍ତି।

**ଫେନ୍ସିଂ:** ଭାରତୀୟ ଷ୍ଟାର ଫେନ୍ସର ଭବାନୀ ଦେବୀ ଏସିଆନ୍ ଗେମ୍ସରୁ ବିଦାୟ ନେଇଛନ୍ତି। ମହିଳା ସାବ୍ରେରେ ଭବାନୀ ୭-୧୫ରେ ଚାଇନା ଖେଳାଳି ୟାକି ଶାଓଙ୍କ ନିକଟରୁ ପରାସ୍ତ ହୋଇଛନ୍ତି। ଶାଓ ପ୍ରଥମ ରାଉଣ୍ଡରେ ୮-୩ରେ ଅଗ୍ରଣୀ ରହିଥିଲେ। ଦ୍ୱିତୀୟ ରାଉଣ୍ଡରେ ଆଉ ୭ ପଏଣ୍ଟ ହାସଲ କରିବା ସହିତ ସେ ସେମିରେ ପ୍ରବେଶ କରିଥିଲେ। ନିଜ ପୁଲ୍‌ରେ ୫ ପ୍ରତିଯୋଗୀଙ୍କୁ ପରାସ୍ତ କରି ଭବାନୀ ଦେବୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ।

**ଭଲିବଲ୍:** ପୁରୁଷ ଭଲିବଲ୍ ଇଭେଣ୍ଟରେ ଭାରତ ଷଷ୍ଠ ସ୍ଥାନରେ ଅଭିଯାନ ଶେଷ କରିଛି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ନିକଟରୁ ୩-୦ରେ ହାରିଯାଇଛି ଭାରତ। ମଙ୍ଗଳବାର ୨୫-୨୧, ୨୫-୨୦ ଓ ୨୫-୨୩ ପଏଣ୍ଟରେ ଭାରତ ୧ ଘଣ୍ଟା ୧୪ ମିନିଟରେ ପରାଜିତ ହୋଇଥିଲା।

**ଶୁଟିଂ:** ଶୁଟିଂର ୧୦ ମିଟର ମିକ୍ସଡ ଏୟାର ରାଇଫଲ ଇଭେଣ୍ଟରେ ଅଳ୍ପକେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଛି ଭାରତ। ଦକ୍ଷିଣ କୋରିଆ ସହିତ ଚାଲିଥିବା ବ୍ରୋଞ୍ଜ ପଦକ ପ୍ଲେ ଅଫରେ ଦିବ୍ୟାଂଶ ସିଂ ପନୱର ଓ ରମିତା ଜିନ୍ଦଲଙ୍କ ଯୋଡି ୨୦-୧୮ରେ ପରାଜିତ ହୋଇଥିଲେ। ଉଭୟ ଖେଳାଳି ଷଷ୍ଠ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ। ଆରମ୍ଭରୁ ଭାରତୀୟ ଯୋଡି ୯-୩ରେ ଆଗୁଆ ରହିଥିଲେ ମଧ୍ୟ କୋରିଆ ଖେଳାଳି ବାଜି ମାରି ନେଇଥିଲେ।

**ଜୁଡୋ:** ରାଜ୍ୟଗୋଷ୍ଠୀ ପଦକ ବିଜୟିନୀ ତୁଲିକା ମାନ୍ ଏକ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି। ୭୮+ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ତୁଲିକା ମଙ୍ଗୋଲିଆର ଅମାରାଇଖାନ ଆଦିୟାସୁରେନଙ୍କଠାରୁ ୧୦-୦ରେ ପରାଜିତ ହୋଇଥିଲେ। ୨୫ ବର୍ଷୀୟ ତୁଲିକା ପୂର୍ବରୁ ମାକାଓର କିଙ୍ଗ୍ ଲାମ ଲାଇ ଓ ଜାପାନର ୱାକାବା ଟୋମିଟାଙ୍କୁ ନକ୍‌ଆଉଟ କରିଥିଲେ। ରିପିଚେଜରେ ଖେଳିବାର ସୁଯୋଗ ପାଇଥିଲେ ମଧ୍ୟ ପରାଜିତ ହୋଇଥିଲେ।

**ସ୍କ୍ୱାଶ୍:** ସ୍କ୍ୱାଶ୍‌ରେ ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଅନହତ ସିଂ, ଜ୍ୟୋତ୍ସ୍ନା ଚିନ୍ନାପ୍ପା ଓ ତନ୍ୱୀ ଖନ୍ନାଙ୍କ ମହିଳା ଦଳ ପାକିସ୍ତାନକୁ ୩-୦ରେ ପରାସ୍ତ କରିଥିବା ବେଳେ ପୁରୁଷ ଦଳ ସିଙ୍ଗାପୁର ଓ କାତାରକୁ ୩-୦ରେ ହରାଇଛି।

**ବକ୍ସିଂ:** ଭାରତୀୟ ପୁରୁଷ ବକ୍ସର ସଚିନ ସିୱାଚ୍ ୫୭ କିଗ୍ରା ଓଜନ ବର୍ଗରେ ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ନିଜ ଉଚ୍ଚତାର ଫାଇଦା ଉଠାଇ ସଚିନ ଆକ୍ରମଣାତ୍ମକ ଶୈଳୀରେ ପ୍ରଦର୍ଶନ କରିଥିଲେ। ଇଣ୍ଡୋନେସିଆର ଆସ୍ରି ଉଦିନଙ୍କୁ ସେ ୫-୦ରେ ପରାସ୍ତ କରିଥିଲେ। ସେହିପରି ୯୨+ କିଗ୍ରା ଓଜନ ବର୍ଗରେ ନରେନ୍ଦର ବେରୱାଲ ମଧ୍ୟ ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି।



ମହିଳା ୭୮ କେଜି ଜୁଡୋ ଅବସରରେ ଭାରତର ତୁଲିକା ମାନ୍ (ଧଳା ଜର୍ସି) ଓ ମଙ୍ଗୋଲିଆର ଅମାରାଇଖାନ ଆଦିୟାସୁରେନ।

# ସିଙ୍ଗାପୁର ବିପକ୍ଷରେ ଭାରତର ବୃହତ୍ ବିଜୟ

**ହାଙ୍ଗଝୋ, ୨୬।୯ (ପି.ଟି.)**

ଏସିଆନ୍ ଗେମ୍ସ ହକିରେ ଭାରତୀୟ ପୁରୁଷ ଦଳର ବୃହତ ବିଜୟ। ପ୍ରଥମ ମ୍ୟାଚ୍‌ରେ ଉଜ୍‌ବେକିସ୍ତାନକୁ ୧୬-୦ରେ ହରାଇବା ପରେ ଦ୍ୱିତୟ ମ୍ୟାଚରେ ସିଙ୍ଗାପୁରକୁ ୧୬-୧ରେ ପରାସ୍ତ କରିଛି ଦଳ। ଭାରତ ପକ୍ଷରୁ ଅଧିନାୟକ ହରମନ୍‌ପ୍ରୀତ୍ ସିଂ(୨୪, ୩୯, ୪୦, ୪୨ ମିନିଟ) ଓ ମନଦୀପ୍ (୧୨, ୩୦ ଓ ୫୧ ମିନିଟ) ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଭିଷେକ(୫୧ ଓ ୫୨), ବରୁଣ କୁମାର(୫୫ ଓ ୫୫) ଡବଲ ଗୋଲ ସେଇଥିବା ବେଳେ ଲଳିତ କୁମାର ଉପାଧ୍ୟାୟ(୧୬), ଗୁରୁଜଣ୍ଟ ସିଂ(୨୨), ବିବେକ ସାଗର ପ୍ରସାଦ(୨୩), ମନପ୍ରୀତ୍ ସିଂ(୩୭) ଓ ସମଶେର ସିଂ ୩୮ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବିଶ୍ୱ ମାନ୍ୟତାର ୪୯ ନମ୍ବର ସ୍ଥାନରେ ଥିବା ସିଙ୍ଗାପୁର ବିପକ୍ଷରେ ଭାରତର ଆରମ୍ଭ ଅତ୍ୟନ୍ତ ଧୀମା ରହିଥିଲା। ପ୍ରଥମ କ୍ୱାର୍ଟରରେ ଦଳ ମାତ୍ର ଗୋଟିଏ ଗୋଲ ସ୍କୋର କରିଥିଲା। ପରବର୍ତ୍ତୀ ୩ କ୍ୱାର୍ଟରରେ ଭାରତ ୫ଟି ଲେଖାଏ ଗୋଲ ଦେଇ ବିଜୟୀ ହୋଇଥିଲା। ଗୁରୁବାର ଭାରତ ପରବର୍ତ୍ତୀ ଗ୍ରୁପ୍ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ଜାପାନକୁ ଭେଟିବ।

# ଭାଲିଏଭା ବିପକ୍ଷ ଡୋପିଙ୍ଗ ମାମଲାର ବିଚାର ଆରମ୍ଭ

**ଲାଉସାନେ, ୨୬।୯ (ଏପି)**

ବେଜିଂ ଅଲିମ୍ପିକ୍ସ ୨୦୨୨ରେ ଏକ ଡୋପିଙ୍ଗ ମାମଲାରେ ଫସିଯାଇଥିବା ରୁଷିଆର ସ୍ୱଳ୍ପ ବୟସ୍କା ଫିଗ ସ୍କେଟର କାମିଲା ଭାଲିଏଭାଙ୍କର ବିଚାରକାର୍ଯ୍ୟ ସ୍ଥାନୀୟ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। କ୍ରୀଡ଼ାର ଏହି ସର୍ବୋଚ୍ଚ ନ୍ୟାୟାଳୟର ଏକ ରୁଦ୍ଧଦ୍ୱାରରେ ଏହି ମାମଲାର ଶୁଣାଣି ଅତିକମ୍‌ରେ ୩ ଦିନ ଧରି ଚାଲିବ। ଭାଲିଏଭାଙ୍କ ବୟସ ଅଲିମ୍ପିକ୍ସ ସମୟରେ ମାତ୍ର ୧୫ ବର୍ଷ ହୋଇଥିଲା। ବର୍ତ୍ତମାନ ତାଙ୍କୁ ୧୭ ବର୍ଷ। ରୁଷିଆରୁ ସେ ଭିଡିଓ ଲିଙ୍କ୍ ଜରିଆରେ ତାଙ୍କର ସାକ୍ଷ୍ୟ ଦେବେ। ଚଳିତବର୍ଷ ଶେଷ ଆଡକୁ ଏହି ମାମଲାର ରାୟ ପ୍ରକାଶ ପାଇବ ବୋଲି ଆଶା କରାଯାଉଛି। କୋର୍ଟଙ୍କ ରାୟକୁ ୯ଜଣ ଆମେରିକୀୟ ସ୍କେଟର ପ୍ରତୀକ୍ଷା କରି ରହିଛନ୍ତି, ଯେଉଁମାନେ କି ଟିମ୍ ଇଭେଣ୍ଟରେ ଚାମ୍ପିୟନ ହୋଇପାରନ୍ତି। ବେଜିଂ ଅଲିମ୍ପିକ୍ସରେ ଏମାନେ ଭାଲିଏଭା ଓ ରୁଷୀୟମାନଙ୍କ ପଛକୁ ଦ୍ୱିତୀୟ ହୋଇଥିଲେ। ଭାଲିଏଭାଙ୍କଠାରୁ ସଂଗୃହୀତ ସାମ୍ପଲରୁ ହାର୍ଟ ଔଷଧର ମାତ୍ରା ଦେଖିବାକୁ ମିଳିଥିଲା। ଫିଗର ସ୍କେଟରଙ୍କ ଜେଜେବାପା ଜଣେ ହାର୍ଟ ରୋଗୀ। ସେ ବ୍ୟବହାର କରୁଥିବା ଗ୍ଲାସ କିମ୍ବା ପ୍ଲେଟରୁ ଔଷଧ କୌଣସି କାରଣରୁ ପେଟ ଭିତରକୁ ଚାଲିଯାଇଥାଇପାରେ ବୋଲି ଅନୁମାନ କରାଯାଉଛି।





ଡେରାଡୁନରେ ଅନୁଷ୍ଠିତ ଜାତୀୟ କରାଟେରେ ପଦକ ହାସଲକରି ମଙ୍ଗଳବାର ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶା କରାଟେକାଙ୍କୁ ଭୁବନେଶ୍ୱର ରେଲଷ୍ଟେଶନରେ ସ୍ୱାଗତ କରାଯାଉଛି। ଏହି ଅବସରରେ ରାଜ୍ୟ କରାଟେ ସଂଘ ସଦସ୍ୟଙ୍କ ସହ ରାଜ୍ୟ କ୍ରୀଡ଼ା ବିଭାଗର ଓଏସ୍‌ଡି ବିଜୟ କୁମାର ରାଉତ ଓ ପରାମର୍ଶଦାତା ପ୍ରବୀର ମିଶ୍ର ଉପସ୍ଥିତ ଥିଲେ।

# ସର୍ବାଧିକ ରନ୍: ଶୀର୍ଷରେ ସଚିନ

ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ଭାରତରେ ଆୟୋଜିତ ହେବ। ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଓ ପାକିସ୍ତାନର ଜାଭେଦ ମିଆଁଦାଦ ନିଜ କ୍ୟାରିୟରରେ ୬ଟି ଲେଖାଏ ବିଶ୍ୱକପ୍ ଖେଳିଛନ୍ତି। ବିଶ୍ୱକପ୍ ଖେଳିବା ସହିତ ଏଥିରେ ନିୟମିତ ରନ୍ ସ୍କୋର କରିବାରେ ସଚିନ ପ୍ରଥମ ସ୍ଥାନରେ ରହିଛନ୍ତି। ବିଶ୍ୱକପ୍ ଇତିହାସରେ ସର୍ବାଧିକ ରନ୍ ସ୍କୋର କରିଥିବା ୫ ଖେଳାଳିଙ୍କ ଉପରେ ନଜର...

**ସଚିନ ତେନ୍ଦୁଲକର: ୧୯୯୨-୨୦୧୧**

୧୯୯୨ରେ ପ୍ରଥମ ବିଶ୍ୱକପ୍ ଖେଳିଥିବା ସଚିନ ତେନ୍ଦୁଲକର ୬ ବିଶ୍ୱକପ୍ ଖେଳିଥିବା ବେଳେ ଥରେ ବିଶ୍ୱ ଚାମ୍ପିୟନ ଦଳର ସଦସ୍ୟ ରହିଛନ୍ତି। ସଚିନଙ୍କ ଅନ୍ତିମ ବିଶ୍ୱକପ୍ ୨୦୧୧ ମସିହାରେ ଭାରତ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ସଚିନ ୬ ବିଶ୍ୱକପ୍‌ରେ ସମୁଦାୟ ୪୫ ମ୍ୟାଚ୍ ଖେଳିଥିବା ବେଳେ ସ୍କୋର କରିଛନ୍ତି ୨୨୭୮ ରନ। ତାଙ୍କର ଆଭରେଜ୍ ୫୬.୯୫ ରହିଥିବା ବେଳେ ଏଥିମଧ୍ୟରେ ସାମିଲ ରହିଛି ୬ ଶତକ ଓ ୧୫ ଅର୍ଦ୍ଧଶତକ। ସେହିପରି ବିଶ୍ୱକପ୍‌ରେ ତାଙ୍କର ସର୍ବୋଚ୍ଚ ସ୍କୋର ରହିଛି ୧୫୨ ରନ୍।

**ରିକି ପଣ୍ଟିଂ: ୧୯୯୬-୨୦୧୧**

ବିଶ୍ୱକପ୍ ଇତିହାସର ପଣ୍ଟିଂଙ୍କୁ ସବୁଠାରୁ ସଫଳ ଖେଳାଳି କହିଲେ ଅତ୍ୟୁକ୍ତି ହେବ ନାହିଁ। ଖେଳାଳି ଭାବରେ ସେ ୩ ଥର ଓ ଅଧିନାୟକ ଭାବରେ ୨ ଥର ବିଶ୍ୱକପ୍ ଟ୍ରଫି ହାସଲ କରିଛନ୍ତି। କ୍ୟାରିୟରରେ ୫ ବିଶ୍ୱକପ୍‌ରେ ପଣ୍ଟିଂ ୪୬ ମ୍ୟାଚ୍ ଖେଳିଛନ୍ତି। ୫ ଶତକ ଓ ୬ ଅର୍ଦ୍ଧଶତକ ସହିତ ସେ ସ୍କୋର କରିଛନ୍ତି ୧୭୪୩ ରନ୍।

**କୁମାର ସାଙ୍ଗାକାରା: ୨୦୦୩-୨୦୧୫**

ଶ୍ରୀଲଙ୍କା କ୍ରିକେଟ ଇତିହାସର ଶ୍ରେଷ୍ଠ ଉଇକେଟକିପର ବ୍ୟାଟର କୁମାର ସାଙ୍ଗାକାରା। ୨୦୦୩ରୁ ୨୦୧୫ ମଧ୍ୟରେ ସେ ୪ଟି ଦିନିକିଆ ବିଶ୍ୱକପ୍ ଖେଳିଛନ୍ତି। ୪ ସଂସ୍କରଣର ୩୭ ମ୍ୟାଚରେ ସେ ସ୍କୋର କରିଛନ୍ତି ୧୫୩୨ ରନ୍। ୫୬.୩୨ର ଆଭରେଜ ସହିତ ସେ ୫ ଶତକ ଓ ୪ ଅର୍ଦ୍ଧଶତକ ହାସଲ କରିଛନ୍ତି।

**ବ୍ରାଏନ୍ ଲାରା: ୧୯୯୨-୨୦୦୭**

ସଚିନ ଓ ପଣ୍ଟିଂଙ୍କ ଭଳି କିମ୍ବଦନ୍ତୀ କ୍ରିକେଟରଙ୍କ ତାଲିକାରେ ସାମିଲ ଥିଲେ ମଧ୍ୟ ୱେଷ୍ଟଇଣ୍ଡିଜର ଏହି କିମ୍ବଦନ୍ତୀ କ୍ରିକେଟର କେବେ ବିଶ୍ୱକପ ଜିତିପାରି ନାହାନ୍ତି। ୫ଟି ସଂସ୍କରଣର ବିଶ୍ୱକପ୍ ଖେଳିଥିବା ଲାରା ସମୁଦାୟ ୩୪ ମ୍ୟାଚ୍ ଖେଳିଛନ୍ତି। ଏଥିରୁ ସେ ୧୨୨୫ ରନ୍ ସ୍କୋର କରିଥିବା ବେଳେ ମାରିଛନ୍ତି ୨ ଶତକ ଓ ୭ ଅର୍ଦ୍ଧଶତକ।

**ଏବି ଡି ଭିଲିୟର୍ସ: ୨୦୦୭-୨୦୧୫**

ଦକ୍ଷିଣ ଆଫ୍ରିକାର ଏହି କରିତ୍‌କର୍ମା ଖେଳାଳି ଜଣଙ୍କ ନିଜ ପ୍ରଦର୍ଶନ ଜରିଆରେ ଛାପ ଛାଡିବାରେ ଧୁରନ୍ଧର। ମାତ୍ର ୩ଟି ବିଶ୍ୱକପ୍ ଖେଳିଥିଲେ ମଧ୍ୟ ୨୩ ମ୍ୟାଚରୁ ସେ ସ୍କୋର କରିଛନ୍ତି ୧୨୦୭ ରନ୍। ତାଙ୍କର ଆଭରେଜ୍ ୬୩.୫୨ ରହିଥିବା ବେଳେ ସେ ମାରିଛନ୍ତି ୪ ଶତକ ଓ ୬ ଅର୍ଦ୍ଧଶତକ।

**ଦିନିକିଆ ବିଶ୍ୱକପ**




**ଆଉ ୮ ଦିନ**



ସଚିନ ତେନ୍ଦୁଲକର

# ସୋରିଷ ଚାଷ: ଜଉପୋକ ଦମନ



**ସୋ**ରିଷ ଚାଷରେ ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ପନିପରିବା ସମ୍ପର୍କରେ...



**ବି**ଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶଁବାଳୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ। ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ । ୨–୩ଟି ଆଖି ଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନକରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ।

# ବାୟୋଫ୍ଲକ୍ ପଦ୍ଧତିରେ ମାଛଚାଷ

**ସା**ଧାରଣତଃ ଆମ ଓଡ଼ିଆଙ୍କ ମଧ୍ୟରୁ ଅନେକ ମାଛ ପ୍ରିୟ। ଓଡ଼ିଶାର ବିଭିନ୍ନ ଜିଲାରେ ଥିବା ଜଳରାଶିରୁ ମିଳୁଥିବା ମାଛର ଚାହିଦା ରାଜ୍ୟରେ ରହିଥାଏ। ରାଜ୍ୟରେ ଶିକ୍ଷିତ ବେକାର ଯୁବତୀଯୁବକ, ମତ୍ସ୍ୟ ଉଦ୍ୟୋଗୀମାନଙ୍କୁ ଏକ ବିକଳ୍ପ ପେସା ଯୋଗାଇ ଦେବାରେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ଗୁରୁତ୍ୱ ଦେଉଛନ୍ତି। ବାୟୋଫ୍ଲକ୍ (ଜୈବପୁଞ୍ଜ) ଏହି ନୂତନ ଜ୍ଞାନକୌଶଳରୁ ଅନ୍ୟତମ।

ବାୟୋଫ୍ଲକ୍ ପଦ୍ଧତିଟି ସୀମିତ ସ୍ଥାନ ଓ ସୀମିତ ଜଳ ତଥା ଅଳ୍ପ ଖର୍ଚ୍ଚରେ ଅଧିକ ଉତ୍ପାଦନ ଓ ଆୟ ନିମନ୍ତେ ପ୍ରଯୁଜ୍ୟ । ପ୍ରଚଳିତ ମତ୍ସ୍ୟଚାଷ ପଦ୍ଧତିରେ ସଫଳତା ୨୫–୩୦ ଭାଗ କମ୍ ଖାଦ୍ୟ ଖର୍ଚ୍ଚରେ ଏହି ଚାଷଟି କରାଯାଏ। ଆମ ରାଜ୍ୟରେ ପ୍ରଚଳିତ ମତ୍ସ୍ୟଚାଷ ପଦ୍ଧତିରେ ୧ହେକ୍ଟର (୧୦,୦୦୦ ବର୍ଗମିଟର ଜଳ ସୀମା) ପୋଖରୀରେ ପ୍ରାୟ ୫୦୦୦ କି.ଗ୍ରା. ମାଛ ଉତ୍ପାଦନ ହେଉଥିବା ବେଳେ ସେହି ପରିମାଣର ମାଛ ବାୟୋଫ୍ଲକ୍ ପଦ୍ଧତିରେ ମାତ୍ର ୧୫୦ ବର୍ଗମିଟର ସ୍ଥାନରେ ସ୍ଥାପିତ ୮ଟି ଛୋଟ ଛୋଟ କୁଣ୍ଡରୁ ଉତ୍ପାଦିତ ହୋଇପାରିବ।



**ବାୟୋଫ୍ଲକ୍ ପାଇଁ ଉପଯୋଗୀ ମାଛ**

ଏହି ପଦ୍ଧତିରେ ସୀମିତ ସ୍ଥାନରେ ବାୟୁ ପରିଚାଳନା ଦ୍ୱାରା ଚାଷ କରାଯାଏ। ଚାଷ କରାଯାଉଥିବା ମାଛ ସୃଷ୍ଟି ହେଉଥିବା ଫ୍ଲକ୍ ବା ଜୈବପୁଞ୍ଜିକୁ ଖାଦ୍ୟ ରୂପେ ଗ୍ରହଣ କରିଥାଆନ୍ତି। ରାଜ୍ୟରେ ଚାହିଦା ଥିବା ମାଗୁର, ସିଙ୍ଗି,ପାବ୍ଦା, କଉ, ଜଳଙ୍ଗ ଜାତୀୟ, ବାୟୁ ଶ୍ୱସନକାର ମାଛ ବା ବିଲାତି ରୋହି, ତିଲାପିଆ ଇତ୍ୟାଦି ମାଛ ଏହି ପଦ୍ଧତି ଅନ୍ତର୍ଭୁକ୍ତ।

**ବାୟୋଫ୍ଲକ୍ ପଦ୍ଧତିର ସଫଳ ଉପାଦେୟତା**

➤ଏହା ଏକ ଜୈବ ସୁରକ୍ଷା ମାଛ ଉତ୍ପାଦନ ପ୍ରଣାଳୀ।

➤ଏହା ଏକ ପରିବେଶ ଅନୁକୂଳ ମତ୍ସ୍ୟଚାଷ।

➤ସୀମିତ ଜଳ ଓ ଜମିର ଠିକ୍ ବିନିଯୋଗ ହୋଇଥାଏ।

➤ଚାଷ ସମୟରେ ପ୍ରାୟତଃ ଜଳର ପରିବର୍ତ୍ତନ ଆବଶ୍ୟକ ପଡ଼ି ନ ଥାଏ।

➤ସୀମିତ ଜଳ ଓ ଜମିରୁ ଅଧିକ ମତ୍ସ ଉତ୍ପାଦନ ହୋଇଥାଏ।

➤ମାଛମାନେ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା କମ୍ ଥାଏ।

➤ମାଛର ଖାଦ୍ୟ ଅପଚୟକୁ ଏଡ଼ାଇ ଦିଆଯାଇପାରେ।

**ବାୟୋଫ୍ଲକ୍ ପଦ୍ଧତିରେ ମାଛ ଉତ୍ପାଦନ ପ୍ରକ୍ରିୟା**

୧. ସ୍ଥିରୀକୃତ ସ୍ଥାନରେ ୪ ମିଟର ବ୍ୟାସ X ୧.୩ ମିଟର ଗଭୀରତା ଗୋଲାକାର କିମ୍ବା ଆୟତାକାର କୁଣ୍ଡ (ଟାଇପୋଲିନ୍, ସିମେଣ୍ଟ ରଡ୍ ଦ୍ୱାରା ବା ସମ୍ପୂର୍ଣ୍ଣ ସିମେଣ୍ଟ ଦ୍ୱାରା) ଆବଶ୍ୟକ। ଏହି କୁଣ୍ଡର ଜଳଧାରଣ କ୍ଷମତା ୧୨,୫୦୦ ଲିଟର ହେବା ଦରକାର। ଏଥିରେ କୁଣ୍ଡର ଜଳ ଅଞ୍ଚଳର ମଧ୍ୟଭାଗରୁ ଜଳ ନିଷ୍କାସନ ଓ ଉପରି ଭାଗରେ ଜଳ ପ୍ରବେଶ କରିବାର ସୁବିଧା କରାଯାଏ। ଚାଷୀର ଆର୍ଥିକ ସମ୍ବଳ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗକୁ ଦେଖି ଦୁଇଟି, ଚାରୋଟି କିମ୍ବା ଛଅଟି କୁଣ୍ଡ ପ୍ରସ୍ତୁତ କରାଯାଇପାରେ।

"ବାୟୋଫ୍ଲକ୍ ପଦ୍ଧତିଟି ସୀମିତ ସ୍ଥାନ ଓ ସୀମିତ ଜଳ ତଥା ଅଳ୍ପ ଖର୍ଚ୍ଚରେ ଅଧିକ ଉତ୍ପାଦନ ଓ ଆୟ ନିମନ୍ତେ ପ୍ରଯୁଜ୍ୟ । ପ୍ରଚଳିତ ମତ୍ସ୍ୟଚାଷ ପଦ୍ଧତିରେ ସଫଳତା ୨୫-୩୦ ଭାଗ କମ୍ ଖାଦ୍ୟ ଖର୍ଚ୍ଚରେ ଉକ୍ତ ଚାଷ କରାଯାଏ। ଆମ ରାଜ୍ୟରେ ପ୍ରଚଳିତ ମତ୍ସ୍ୟଚାଷ ପଦ୍ଧତିରେ ୧ ହେକ୍ଟର (୧୦,000 ବର୍ଗମିଟର ଜଳ ସୀମା) ପୋଖରୀରେ ପ୍ରାୟ ୫000 କି.ଗ୍ରା. ମାଛ ଉତ୍ପାଦନ ହେଉଥିବା ବେଳେ ସେହି ପରିମାଣର ମାଛ ବାୟୋଫ୍ଲକ୍ ପଦ୍ଧତିରେ ମାତ୍ର ୧୫0 ବର୍ଗମିଟର ସ୍ଥାନରେ ସ୍ଥାପିତ ୮ଟି ଛୋଟ ଛୋଟ କୁଣ୍ଡରୁ ଉତ୍ପାଦିତ ହୋଇପାରିବ।"

୨.ସୀମିତ ଜଳରାଶିରେ ମାଛଚାଷ କରାଯାଉଥିବାରୁ ୨୪ ଘଣ୍ଟା ଅନବରତ ବାୟୁ ସଞ୍ଚାଳନ କରାଯିବା ଆବଶ୍ୟକ। ତେଣୁ ବାୟୁ ସଞ୍ଚାଳନ ଯନ୍ତ୍ର (Are-aton) ଅନ୍ୟୂନ ଦୁଇଟି ସ୍ଥାପନ କରି ସେଥିରୁ ବାୟୁନଳୀ (air pipe) ସହ ବାୟୁ ଉଦ୍‌ଗାମୀ ପଥର (air stone) ସଂଯୋଗ କରି କୁଣ୍ଡ ମଧ୍ୟରେ (ପ୍ରତି କୁଣ୍ଡରେ ଅନ୍ୟୂନ ୯–୧୦ଟି) ପକାଯାଏ।

୩. କୁଣ୍ଡ ଜଳରେ ଅମ୍ଳତା ବା କ୍ଷାରିୟତା pH (୬.୫–୮.୫) ମଧ୍ୟରେ ରହିବା ଉଚିତ।

୪.ଅନବରତ ବାୟୁ ସଞ୍ଚାଳନ ଜରୁରୀ ଥିବାରୁ ସବୁବେଳେ ବିଦ୍ୟୁତ୍ ପ୍ରବାହ ନିଶ୍ଚିତ ହେବା ଉଚିତ। ସ୍ଥଳ ବିଶେଷରେ ଇନ୍‌ଭର୍ଟର ଓ ଛୋଟ ଜେନେରେଟର ବ୍ୟବସ୍ଥା ନିହାତି ଆବଶ୍ୟକ।

**ବାୟୋଫ୍ଲକ୍ କୁଣ୍ଡ ପ୍ରସ୍ତୁତି**

➤କୁଣ୍ଡକୁ ଭଲଭାବରେ ସଫାକରି ଶୁଖାଇ ଅନ୍ୟୂନ ୩ ଫୁଟ ପାଣି ପୂରାନ୍ତୁ। ଅମ୍ଳତା ବା କ୍ଷାରୀୟତା ପରୀକ୍ଷା ପରେ ଉପଯୁକ୍ତ ବାୟୁଚାଳନା ଦ୍ୱାରା ଦ୍ରବୀଭୂତ ଅମ୍ଳଜାନ ୬–୭ ମି.ଗ୍ରା. ନିଶ୍ଚିତ କରାଯାଏ ଏବଂ pH କୁ ୭–୮ଦିନ ମଧ୍ୟରେ ସ୍ଥିର ରଖାଯାଏ।

➤ତୃତୀୟ ଦିନ କୁଣ୍ଡରେ ୨୦୦ ଗ୍ରାମର ପ୍ରୋବାୟୋଟିକ୍ ପାଉଡରକୁ ୧ କି.ଗ୍ରା. ଗୁଡ଼ରେ ଭଲ ଭାବରେ ମିଶାଇ କୁଣ୍ଡରେ ପକାଯାଏ। ପରବର୍ତ୍ତୀ ୨ ଦିନ ୨୫ ଗ୍ରାମ୍ ଗୁଡ଼ ପ୍ରୟୋଗକରି ହିତକାରୀ ଜୀବାଣୁ ସୃଷ୍ଟି କରାଯାଏ।

➤ପ୍ରୋବାୟୋଟି ପାଉଡର ପଡ଼ିବାର ପରବର୍ତ୍ତୀ ଦିନ ଚାଷ ପାଇଁ ଉପଯୁକ୍ତ ମାଛ ପ୍ରଜାତି ନିମନ୍ତେ ଗୋଟା ଲୁଣ (୧ କି.ଗ୍ରା. ପ୍ରତି ୧୦୦୦ ଲିଟର ଜଳ ପାଇଁ) ପ୍ରୟୋଗ କରାଯାଏ। ଏହି ଚାଷ ପାଇଁ ଉଦ୍ଦିଷ୍ଟ ବାୟୋଫ୍ଲକ୍‌କୁ ବାନ୍ଧି ରଖିବାରେ ସାହାଯ୍ୟ କରେ ଏବଂ ଚାଷରୁ ଉତ୍ପନ୍ନ କ୍ଷତିକାରକ ନାଇଟ୍ରାଇଟ୍ ଗ୍ରାସ୍ ପ୍ରଭାବକୁ ଦୂରକରିଥାଏ।

➤ମାଛଚାଷ ପାଇଁ ଭାସମାନ ମାଛ ଖାଦ୍ୟ (୩୦ ପ୍ରତିଶତ ପୁଷ୍ଟିସାରଯୁକ୍ତ) ବ୍ୟବହୃତ ହୋଇଥାଏ। ଏହା ସହ ମାଛମାନଙ୍କ ଦ୍ୱାରା ସୃଷ୍ଟ ବର୍ଜ୍ୟବସ୍ତୁ (ଅବ୍ୟବହୃତ ଖାଦ୍ୟ ଏବଂ ମାଛର ମଳ ଇତ୍ୟାଦି) ନିୟମିତ ଭାସମାନ ଅବସ୍ଥାରେ ଥାଏ। ଏଥିରୁ ଆମୋନିଆ, ନାଇଟ୍ରାଇଟ୍ ଓ ନାଇଟ୍ରେଟ୍ ପରି କ୍ଷତିକାରକ ଗ୍ୟାସ୍ ସୃଷ୍ଟି ହୋଇଥାଏ।

➤ଏ କ୍ଷେତ୍ରରେ ବ୍ୟବହୃତ ଗୁଡ଼ରୁ ସୃଷ୍ଟି କାର୍ବନ ବା ଅଙ୍ଗାରକାମ୍ଳ ଓ ପ୍ରୋବାୟୋଟିକ ଯୋଗୁ ବର୍ଜ୍ୟ ଜୈବଖଣ୍ଡଗୁଡିକର ବିଘଟନ ଘଟିଥାଏ ଏବଂ ପ୍ରୋବାୟୋଟିକ୍‌ରେ ପରିଣତ ହୋଇ ବାୟୋଫ୍ଲକ୍ ସୃଷ୍ଟି କରିଥାଏ।

➤ପ୍ରାୟତଃ ପ୍ରୋବାୟୋଟିକ, ଗୁଡ଼ ପ୍ରୟୋଗର ୩ ଦିନ ପରେ ଏବଂ ଗୋଟାଲୁଣ ପ୍ରୟୋଗର ୧ ଦିନ ପରେ ଏହି ଫ୍ଲକ୍ ସୃଷ୍ଟି ହୋଇଥାଏ। (କ୍ରମଶଃ...)

**–ଦିଲୀପ କୁମାର ସାହୁ,**
ଅଧ୍ୟାପକ, ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର(ମତ୍ସ୍ୟବିଜ୍ଞାନ),ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର
**–ଡ. ମାନସ ରଞ୍ଜନ ପଟ୍ଟନାୟକ,**
ଅଧକ୍ଷ, ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର, ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର

## ଅକ୍ଟୋବରରେ...



➤ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇଥିଲେ ଅମଳକରି ୩/୪ ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ନଦୀପଠା ଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ୍ ଜୀବାଣୁ କଲ୍‌ଚର ବ୍ୟବହାରକରି ଧାଡ଼ିକୁ ଧାଡ଼ି ୨୫ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ସ୍ମୃତି, ଦେବୀ, ଧରଣୀ, ଟି.ଜି.–୩୮, ଟି.ଏସ୍.ଭି.–୨ ଓ କାଦିରୀ–୬ ଦେବୀ କିସମ ବିହନ ବ୍ୟବହାର କରନ୍ତୁ ।

➤ଉନ୍ନତ କିସମ ସୂର୍ଯ୍ୟମୁଖୀ ଯଥା– ମର୍ଡର୍ନ, ଇ.ସି.–୬୮୪୧୪, ଇ.ସି.–୬୮୪୧୫ ହେକ୍ଟର ପ୍ରତି ୧୦ କି.ଗ୍ରା. ଓ ସଙ୍କର ଜାତୀୟ ପିଏସି–୩୬, କେବିଏସ୍‌ଏଚ୍–୧, କେବିଏସ୍‌ଏଚ୍–୪୪ ଓ ଏମ୍‌ଏସ୍‌ଏଫ୍‌ଏଚ୍–୮ କିସମ ୭.୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ। ୧ କି.ଗ୍ରା. ବିହନ ପ୍ରତି କାର୍ବୋସ୍କିନ୍ + ଥିରାମ୍ କିମ୍ବା ଟେବୁକୋନାଜୋଲ୍ ୨% ଡିଏସ୍ ୨ ଗ୍ରାମ୍‌ରୁ ୨.୫ ଗ୍ରାମ୍ ହିସାବରେ ୨ କି.ଗ୍ରା. ମଞ୍ଜି ପ୍ରତି ବ୍ୟବହାର କରନ୍ତୁ।

➤ଢିପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ । ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା – ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା, ଅମ୍ରିତ୍, ସ୍ମାରକ ଓ ଶୁଭ୍ରା । ହେକ୍ଟର ପ୍ରତି ୭.୫–୧୦ କିଲୋଗ୍ରାମ୍ ବିହନ ବ୍ୟବହାର କରନ୍ତୁ । ପ୍ରତି କିଲୋଗ୍ରାମ୍ ବିହନରେ କାର୍ବୋକ୍ସିନ୍ + ଥିରାମ୍ ୨ ଗ୍ରାମ୍ ଗୋଳାଇ ବିଶୋଧନ କରନ୍ତୁ । ବିହନ ସହ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ ।

➤ବର୍ଷା ଯୋଗୁ ଆଖୁ କିଆରିରେ



ପାଣି ଜମିଥିଲେ ନିଷ୍କାସନ କରନ୍ତୁ। ବିହନ ପାଇଁ କିଆରିରୁ ନୀରୋଗ ଆଖୁ ବାଛି ଚିହ୍ନ ଦିଅନ୍ତୁ । ନାଲି ଶଢ଼ା ଆକ୍ରାନ୍ତ ବୁଦା ଉପାଡ଼ି ନଷ୍ଟ କରନ୍ତୁ। ସେଠାରେ କାର୍ବେଣ୍ଡାଜିମ୍ ଦ୍ରବଣ (୨ ଗ୍ରାମ୍ ପ୍ରତି ଲିଟର ପାଣି) ମାଟି ଭିଜା କରନ୍ତୁ। ପାଖ ବୁଦାଗୁଡ଼ିକୁ ମଧ୍ୟ ସମ ପରିମାଣରେ ମାଟିଭିଜା କରନ୍ତୁ।

# ସେବତୀ ଫୁଲଚାରା



**ବ**ର୍ତ୍ତମାନ ସେବତୀ ଫୁଲଚାରା ଲଗାନ୍ତୁ । ଧଳାରଙ୍ଗର ବିଉଟି, ସ୍ନୋବଲ୍, ଇନୋସେନ୍ସ ଓ ପ୍ରିମିଅର ହଳଦିଆ ରଙ୍ଗର ଚନ୍ଦ୍ରମା, ଇଭିନିଂ ଷ୍ଟାର୍, ସୁପର ଜ୍ୟାଣ୍ଟ ଏବଂ ଲାଲ୍ ରଙ୍ଗର ବ୍ରାଭେ, ଉଇଲ୍‌ସନ୍, ରଷ୍ଟିକ୍ ଓ ଆଲ୍‌ଫ୍ରେଡ୍ ଇତ୍ୟାଦି କିସମ ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗଛ ଲଗାଇବା ପୂର୍ବରୁ ହେକ୍ଟର ପ୍ରତି ୨୫ ରୁ ୩୦ ଟନ୍ ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୬୦ କେ.ଜି. ଯବକ୍ଷାରଜାନ, ୬୦ କେ.ଜି. ଫସ୍‌ଫରସ୍ ଓ ୪୦ କେ.ଜି. ପଟାସ୍ ସାର ପ୍ରୟୋଗ କରନ୍ତୁ ।

# ସଅଳ କିସମ ଧାନ କାଟିବା ପୂର୍ବରୁ...

**ସ**ଅଳ କିସମ ଧାନ କାଟିବାର ୧ ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ । ଶତକଡ଼ା ୮୫ ଭାଗ କେଣ୍ଡା ପାଚିଗଲେ ଅମଳକରି ୨/୩ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ। ବିଳମ୍ବରେ ରୁଆଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଗନ୍ଧିପୋକ ଦମନ ପାଇଁକିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋରୋପାଇରିଫସ୍ ଗୁଣ୍ଡ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହା ଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦାମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ।



# ପ୍ରାଣୀଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ

(ଦ୍ୱିତୀୟ ଭାଗ)

ଗାଈଙ୍କ ଶରୀରରେ ଏଲ୍.ଏଚ୍ ହରମୋନ ଅଭାବ ଯୋଗୁ ଡିମ୍ବାଣୁ ସ୍ଖଳନ ହୁଏ ନାହିଁ। ଏଥିଯୋଗୁ ପ୍ରୋଜେଷ୍ଟିରନ୍ ଗାଈ ଗର୍ଭଧାରଣ କ୍ଷମତା ହରାଇ ବସେ । ତା' ସହ ଜନ୍ମିତ ବାଛୁରୀର ଓଜନ କମିଥାଏ। ବାହ୍ୟ ଉତ୍ତାପ ବୃଦ୍ଧିଜନିତ କାରଣ ନେଇ ଗାଈ ବାଛୁରୀ ପ୍ରସବ ହେବାର ୯୦ ଦିନ ମଧ୍ୟରେ ପୁନଃ ଗରମ ନ ଆସିବା ଯୋଗୁ ବାଛୁରୀ ଜନ୍ମ କରିବାର ବ୍ୟବଧାନ ବୃଦ୍ଧି ପାଇଥାଏ। ଫଳରେ ଗାଈଙ୍କ ପ୍ରଜନନ ଦକ୍ଷତା ହ୍ରାସ ପାଇଥାଏ। ବାହ୍ୟ ଜଳବାୟୁର ଉତ୍ତାପ ବୃଦ୍ଧି ସମୟରେ ପ୍ରାଣୀଙ୍କଠାରୁ ଜନ୍ମିତ ଛୁଆ ବା ବାଛୁରୀର ଶାରୀରିକ ଓଜନ କମ୍ ଦେଖାଯାଏ ଏବଂ ଗାଈର ଦୁଗ୍ଧଦେବା ଅବଧି ଓ ଦୁଗ୍ଧ ଉତ୍ପାଦନ କମିଯାଏ। ବିଶେଷଜ୍ଞମାନଙ୍କ ଦ୍ୱାରା ଆମ ରାଜ୍ୟର ସଙ୍କର ଗାଈ ବହୁଳ ସର୍ବେକ୍ଷଣ କରାଯାଇ ଅଞ୍ଚଳରେ ୨୦ ବର୍ଷ ଅବଧି କାଳ ମଧ୍ୟରେ ଦେଖାଯାଇଛି ଯେ, ଜଳବାୟୁର ପରିବର୍ତ୍ତନ ସହ ପରିବେଶର ଉତ୍ତାପ ବୃଦ୍ଧି ଯୋଗୁ ୧୧ପ୍ରତିଶତ ଗାଈ ଗରମକୁ ନ ଆସିବା, ୨୩ ପ୍ରତିଶତ ଗାଈ ବାରମ୍ବାର ଲେଉଟାଇବା, ୧୩ ପ୍ରତିଶତ ଗାଈ ବିଳମ୍ବରେ ବୟପ୍ରାପ୍ତଃ ହେବା ଆଦି ଦେଖାଦେବା ସହ ୧୬ ପ୍ରତିଶତ ଗାଈଙ୍କଠାରେ ଜରାୟୁ ସଂକ୍ରମଣ ଆଦି ଅବସ୍ଥା ଦେଖାଦେଇଥାଏ। ସେହିପରି ୧୦ ପ୍ରତିଶତ ଗାଈଙ୍କର ଦୀର୍ଘ ଗରମ ଲକ୍ଷଣ, ୫ ପ୍ରତିଶତ ଗାଈଙ୍କର ନୀରବ ଗରମ ଦେଖାଯାଉଥିବା ବେଳେ ବାଛୁରୀ ଜନ୍ମ କରିବାର ବ୍ୟବଧାନ ୫୭୦ ଦିନ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଜଳବାୟୁର ହଠାତ୍ ପରିବର୍ତ୍ତନ, ପରିବେଶର ପ୍ରଭାବ ସହ ଉତ୍ତାପ ଓ ଆର୍ଦ୍ରତା ବୃଦ୍ଧି, ଆଲୋକର ତୀବ୍ରତା ଆଦି କାରଣ ପ୍ରାଣୀ ବିଶେଷକରି ଗାଈଙ୍କଠାରେ ଉପରୋକ୍ତ ସମସ୍ୟାମାନ ଦେଖାଯାଇଥାଏ। ସେହିଭଳି ଉପରୋକ୍ତ କାରଣ ଯୋଗୁ ଷଣ୍ଢମାନଙ୍କ ପ୍ରଜନନ ଦକ୍ଷତା ଉପରେ ମଧ୍ୟ ପ୍ରଭାବ ପଡ଼ିଥାଏ। ସାଧାରଣତଃ ଶୀତଦିନ ଅପେକ୍ଷା ଗ୍ରୀଷ୍ମଦିନେ ଷଣ୍ଢଙ୍କର ସିମନରେ ଶୁକ୍ରାଣୁର ଗାଢ଼ତା ଓ ଗତିଶୀଳତା ହ୍ରାସପାଇବା ସହ ବୀର୍ଯ୍ୟ ସ୍ଖଳନ ମଧ୍ୟ କମ୍ ଦେଖାଯାଇଥାଏ।



**ଦୁଗ୍ଧ ଉତ୍ପାଦନ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ :** ଦୁଧିଆଳୀ ଗାଈଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ଦୁଗ୍ଧ ଉତ୍ପାଦନରେ ହ୍ରାସ ପାଇଥାଏ। ସଙ୍କର ଜର୍ସିଗାଈ ତୁଳନାରେ ହଲଷ୍ଟିନ୍ ଗାଈଙ୍କଠାରେ ଜଳବାୟୁର ପ୍ରଭାବ ଅଧିକ ପଡ଼ିଥାଏ। ବାହ୍ୟ ଉତ୍ତାପ ବୃଦ୍ଧିର ପରୋକ୍ଷ ପ୍ରଭାବରେ ଗାଈଙ୍କର କ୍ଷୁଧାଶକ୍ତି କମିଯିବା ସହିତ କମ୍ ଖାଦ୍ୟ ଖାଇବା ଯୋଗୁ ୩୫ ପ୍ରତିଶତ ଦୁଗ୍ଧ ଉତ୍ପାଦନ କମିଯାଏ। ଯେତେବେଳେ ପରିବେଷ୍ଟିତ ଉତ୍ତାପ ଏବଂ ଉତ୍ତାପ–ଆର୍ଦ୍ରତାର ସୂଚନାଙ୍କର ପ୍ରଭାବସୀମା ଟପିଯାଏ, ସେତେବେଳେ ଦୁଗ୍ଧ ଉତ୍ପାଦନ କମ୍ ହେବା ଦେଖାଯାଏ। ଅନ୍ୟାନ୍ୟ ଋତୁ ତୁଳନାରେ ଗ୍ରୀଷ୍ମଦିନେ ପ୍ରସବ କରିଥିବା ଗାଈମାନେ ସାଧାରଣତଃ କମ୍ ଦୁଗ୍ଧ ଦେଇଥାନ୍ତି। ସେହିପରି ଗରମ ପରିବେଶରେ ଖରାରେ ରହିଥିବା ଗାଈ ଅପେକ୍ଷା ଗୁହାଳେ ରହିଥିବା ଗାଈମାନେ ୧୦.୭ ପ୍ରତିଶତ ଅଧିକ ଦୁଗ୍ଧ ଦେଇଥାନ୍ତି। ତେଣୁ ଜଳବାୟୁର ଉତ୍ତାପ ବୃଦ୍ଧି ସମୟରେ ଗୋରୁଙ୍କୁ କୃତ୍ରିମ ଥଣ୍ଡା ପରିବେଶରେ ରଖିବା ସହ ଦିନବେଳେ ସ୍ୱଳ୍ପ ପୁଷ୍ଟିସାରଯୁକ୍ତ ଖାଦ୍ୟ ବା ଦାନା, ସବୁଜ ଘାସ, ତାଳପତ୍ର, ଛୁଇଁଜାତୀୟ ବରଗୁଡି ଲଟାପତ୍ର ଆଦି ସହିତ ଧାତବଲବଣ ଓ ଭିଟାମିନ, ଲୁଣ ଆଦି ଖାଇବାକୁ ଦେବା ଉଚିତ। ସକାଳ, ସନ୍ଧ୍ୟା ବା ରାତ୍ରର ଥଣ୍ଡା ପ୍ରହରରେ ସୁଷମ ଦାନାଜାତୀୟ ଖାଦ୍ୟ ଗୋରୁଙ୍କୁ ଖାଇବାକୁ ଦେବା ଉଚିତ।

**କୀଟମାନଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ଗୋରୁଙ୍କଠାରେ ରୋଗ ବ୍ୟାପିବା :** ସେହିପରି କୀଟମାନଙ୍କ ଉପରେ ଜଳବାୟୁର ପ୍ରଭାବ ମଧ୍ୟ ପଡ଼ିଥାଏ । ଉତ୍ତାପ ବୃଦ୍ଧିର ପ୍ରଭାବରେ ଥଣ୍ଡା ଜଳବାୟୁ ଅଞ୍ଚଳରେ କୀଟମାନଙ୍କର ପ୍ରାଦୁର୍ଭାବ ବୃଦ୍ଧି ପାଏ । ଏମାନଙ୍କ ବୃଦ୍ଧି, ପରିସର, ସଂଖ୍ୟା ଓ ବଞ୍ଚିବା ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଥାଏ । କେତେକ କୀଟଙ୍କର ଜୀବନଚକ୍ର ଶେଷହେବା ସହ ଆଉ କେତେ କୀଟମାନଙ୍କର ଜୀବନଚକ୍ର ବୃଦ୍ଧି ପାଇଥାଏ। ଅପକାରୀ କୀଟମାନଙ୍କର ପରାଶ୍ରୟୀଜନିତ ମୃତ୍ୟୁ ସଂଖ୍ୟା କମିବା ସହିତ ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କର ସଂଖ୍ୟା ବୃଦ୍ଧି ଘଟେ । କୀଟମାନଙ୍କର ସଂଖ୍ୟା ବୃଦ୍ଧି ଘଟିଲେ ତାହା ଗୋରୁଙ୍କ ଉପରେ ପ୍ରଭାବ ପଡ଼ିବା ସହିତ ବିଭିନ୍ନ ରକ୍ତଜନିତ କୃମି ଯଥା – ଥେଇଲେରିଆ, ଟ୍ରିପାନୁସମା, ବେବେସିଆ ଆଦି ରୋଗର ପ୍ରାଦୁର୍ଭାବ ସମୁଦ୍ର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଦେଖାଦେଇଥାଏ। ଏମାନଙ୍କ ଦ୍ୱାରା ଗାଈଗୋରୁଙ୍କଠାରେ ଚର୍ମବିଣ୍ଡି ରୋଗ ବିସ୍ତାର କରେ ।

**–ଡା. ବୀରକିଶୋର ପରିଡ଼ା**
ମୋ : ୯୪୩୭୬୦୭୩୧୨

# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

ରାଜକୋଟ୍, ୨୬।୯ (ପି.ଟି.)

ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ବୁଧବାର ଖେଳାଯିବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଜିତିବା ସହ ସିରିଜ କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ରହିଛି ଭାରତ। ଏହାଦ୍ୱାରା ଆଗାମୀ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ପାଇଁ ରୋହିତ ଶର୍ମାଙ୍କ ଦଳର ପ୍ରସ୍ତୁତି ଭଲ ରହିଛି ବୋଲି ଧାରଣା ସୃଷ୍ଟି ହେବ। କ୍ରିକେଟ ଇତିହାସରେ ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟରେ ଅଷ୍ଟ୍ରେଲିଆ ବିପକ୍ଷରେ କେବେ କ୍ଲିନ ସୁଇପ୍ ସିରିଜ ବିଜୟୀ ହୋଇପାରିନାହିଁ। ଫ୍ରଣ୍ଟ ଲାଇନ୍ ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତ ଏହି ସିରିଜରେ ପ୍ରାଧାନ୍ୟ ବିସ୍ତାର କରି ଖେଳୁଛି। ଭାରତ ରେକର୍ଡ କ୍ରମାଗତ ୪ ଦିନିକିଆ ବିଜୟ ସହ ବିଶ୍ୱକପ୍‌ରେ ଏହାର ଅଭିଯାନ ଆରମ୍ଭ କରିବାକୁ ଚାହୁଁଛି। ଭାରତ ଯଦି ଚଳିତ ୩ ମ୍ୟାଚ ବିଶିଷ୍ଟ ସିରିଜ ୩-୦ରେ ବିଜୟ ଲାଭ କରେ ତେବେ ଅକ୍ଟୋବର ୮ରେ ଚେନ୍ନାଇଠାରେ ଦୁଇ ଦଳ ସେମାନଙ୍କ ବିଶ୍ୱକପ୍ ଓପନର ଖେଳିବା ପୂର୍ବରୁ ୫ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷରେ ଫେଭରାଇଟ ରହିବ। ଆଗକୁ ମେଗା ଇଭେଣ୍ଟକୁ ଲକ୍ଷ୍ୟ ରଖି ଉଭୟେ ଦଳରେ ବହୁ ଅଦଳ ବଦଳ କରୁଛନ୍ତି। ତେଣୁ ପୂର୍ବାନୁମାନରେ ଏପଟ ସେପଟ ହୋଇପାରେ। ତୃତୀୟ ଦିନିକିଆ ପାଇଁ ଭାରତର 'ୟଙ୍ଗ୍ ଗନ୍' ଶୁବମନ ଗିଲ୍ ଓ ଶାର୍ଦ୍ଦୂଳ ଠାକୁରଙ୍କୁ ବିଶ୍ରାମ ଦିଆଯାଇଛି। ଶୁବମନ ଗିଲ୍ ପ୍ରଥମ ଦୁଇ ଦିନିକିଆରେ ଯଥାକ୍ରମେ ୭୪ ଓ ୧୦୪ ରନ ସଂଗ୍ରହ କରିଛନ୍ତି। ୫୦ ଓଭର ବିଶ୍ୱକପ୍ ବର୍ଷରେ ଗିଲ୍ ଏହି ଫର୍ମାଟରେ ପ୍ରଥମ ବ୍ୟାଟର ଭାବେ ୧ ହଜାର ରନ ପୂରଣ କରିବା ସହ ୧,୨୩୦ ରନ ସଂଗ୍ରହ କରିସାରିଛନ୍ତି। ତାଙ୍କର ଆଭରେଜ ୭୨.୩୫ ରହିଛି। ଭାରତର ଆଗଧାଡ଼ି ବ୍ୟାଟର ରୋହିତ ଶର୍ମା ଓ ବିରାଟ କୋହଲି ଦଳକୁ ଫେରିବା ସମ୍ଭାବନା ରହିଛି। କିଛି ଦିନ ବିଶ୍ରାମ ପରେ ଫର୍ମରେ ଥିବା କୁଲଦୀପ ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଏହି ମ୍ୟାଚରେ ଖେଳିପାରନ୍ତି। ରୋହିତଙ୍କ ଅନୁପସ୍ଥିତିରେ ଗତ ଦୁଇଟି ମ୍ୟାଚରେ କେ.ଏଲ୍ ରାହୁଲ ଭାରତୀୟ ଦଳର ନେତୃତ୍ୱ ନେଇ ଆସୁଥିଲେ। ରାହୁଲ ଠିକଣା ସମୟରେ ଉଭୟ ବ୍ୟାଟିଂ ଓ ଉଇକେଟକିପିଙ୍ଗରେ ଭଲ ପ୍ରଦର୍ଶନ କରୁଛନ୍ତି। ଭାରତ ପାଇ ଏହା ଖୁସିର ବିଷୟ। ବିଶ୍ୱକପ୍ ପାଇଁ ଦଳ ଚୂଡ଼ାନ୍ତ କରିବା ପୂର୍ବରୁ ବରିଷ୍ଠ ସ୍ପିନର ରବିଚନ୍ଦ୍ର ଅଶ୍ୱିନଙ୍କୁ ଏହି ମ୍ୟାଚରେ ସୁଯୋଗ ଦେଇପାରେ। ସିରିଜରେ ଅଷ୍ଟ୍ରେଲିଆର ଉଭୟ ବ୍ୟାଟିଂ ଓ ବୋଲିଂରେ ପ୍ରଭାବୀ ପ୍ରଦର୍ଶନରେ ବିଫଳ ହୋଇଛି। କ୍ରମାଗତ ୫ଟି ଅନ୍ତର୍ଜାତୀୟ ଦିନିକିଆରେ ପରାଜିତ ହୋଇ ସାରିଥିବା ଅଷ୍ଟ୍ରେଲିଆକୁ ବିଶ୍ୱକପ୍ ପୂର୍ବରୁ ବିଜୟ ପଥକୁ ଫେରିବାକୁ ହେବ। କିଛି ମାସ ପୂର୍ବେ ଏହି ଦଳ ଭାରତକୁ ୨-୧ରେ ପରାସ୍ତ କରିଥିଲା। ସେତେବେଳେ ମିଚେଲ ଷ୍ଟାର୍କ ତାଙ୍କ ଚମତ୍କାର ଇନ୍ ସୁଇଂ ବୋଲିଂରେ ଭାରତୀୟ ଡାହାଣହାତୀ ବ୍ୟାଟରଙ୍କୁ ଅଡୁଆରେ ପକାଇଥିଲେ। ବିଶ୍ୱକପ୍ ପୂର୍ବରୁ ଏହା ଶେଷ ମ୍ୟାଚ ହୋଇଥିବାରୁ ଅଷ୍ଟ୍ରେଲିଆ ଏହାର ପ୍ରମୁଖ ବୋଲର ପ୍ୟାଟ୍ କମିନ୍ସ ଓ ମିଚେଲ ଷ୍ଟାର୍କଙ୍କୁ ଖେଳାଇପାରେ। ଭାରତରେ ଚଳିତବର୍ଷ ଟପ୍ ଅର୍ଡରରେ ଟ୍ରାଭିସ ହେଡ୍ ଏବଂ ଷ୍ଟିଭ୍ ସ୍ମିଥ୍ ଓ ମାର୍ନସ ଲାବୁସେନଙ୍କର ପ୍ରଦର୍ଶନ ଆଶାନୁରୂପ ରହିନାହିଁ।


ବ୍ୟାଟିଂ ଅଭ୍ୟାସ ପାଇଁ ଯାଉଛନ୍ତି ବିରାଟ କୋହଲି।

**ତୃତୀୟ ଦିନିକିଆ ଆଜି**
ସ୍ଥାନ: ରାଜକୋଟ
ମ୍ୟାଚ ଆରମ୍ଭ : ଅପରାହ୍ନ ୧ଟା୩୦
ପ୍ରସାରଣ: ସ୍ପୋର୍ଟ୍ସ-୧୮

## ଫୁଟ୍‌ବଲ କ୍ଲବ ସଭାପତିଙ୍କୁ ହତ୍ୟା

**ବୋଗୋଟା, ୨୬।୯ (ଏପି):** କଲମ୍ବିଆର ଦ୍ୱିତୀୟ ଡିଭିଜନ ଫୁଟ୍‌ବଲ କ୍ଲବ ଟାଇଗର୍ସ ଏଫ୍‌ସି ଶନିବାର ରାତିରେ ଖେଳିଥିବା ଏକ ମ୍ୟାଚ୍‌ରେ ପରାସ୍ତ ହେବା ପରେ ଏହାର ସଭାପତି ଏଡ୍‌ଗାର ପାଏଜ୍‌ଙ୍କୁ ଗୁଳି କରି ହତ୍ୟା କରାଯାଇଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଆଟଲେଟିକୋ ଏଫ୍‌ସି ବିପକ୍ଷ ମ୍ୟାଚ ହାରିଯିବା ପରେ ୬୩ବର୍ଷୀୟ ପାଏଜ ତାଙ୍କ ଝିଅ ସହିତ ବାସ ଭବନକୁ ଫେରୁଥିବା ବେଳେ ରାସ୍ତାରେ ଏହି ଘଟଣା ଘଟିଛି। ବୋଗୋଟାସ୍ଥିତ ଟାଇଗର୍ସ ମେଟ୍ରୋପଲିଟାନୋ ଡି ଟେକୋ ଷ୍ଟାଡିୟମ ନିକଟରେ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ଉପରକୁ ଗୁଳିଚାଳନା କରିଥିଲେ। ଆକ୍ରମଣରେ ତାଙ୍କ ଝିଅ ଆହତ ହୋଇନାହାନ୍ତି। କଲମ୍ବିଆ ଫୁଟ୍‌ବଲ ମହାସଂଘ ତରଫରୁ ଶୋକପ୍ରକାଶ କରିବା ସହ ପାଏଜ୍‌ଙ୍କ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି।

## ବିଶ୍ୱ ଚାମ୍ପିୟନ ସ୍ପ୍ରିଣ୍ଟର ଡାଫ୍‌ନେ ସ୍କିପର୍ସଙ୍କ ଅବସର

**ହେଗ୍, ୨୬।୯ (ଏପି):** ଦୁଇଥର ବିଶ୍ୱ ଚାମ୍ପିୟନ ସ୍ପ୍ରିଣ୍ଟର ଡାଫ୍‌ନେ ସ୍କିପର୍ସ ୩୧ ବର୍ଷ ବୟସରେ ଟ୍ରାକ୍ ଆଣ୍ଡ୍ ଫିଲ୍ଡରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ନେଦରଲାଣ୍ଡ୍‌ସର ଏହି ଆଥ୍‌ଲେଟ୍ ପଛକୁ ପଛ ଦୁଇଥର ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ପ୍ରଥମେ ସେ ଜଣେ ହେପ୍ଟାଥଲେଟ ଥିଲେ। ୨୦୧୩ ମସ୍କୋ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ଜିତିଥିଲେ।







**Authorized Dealers: Bhubaneswar:** Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 7799766329, Arundhati Hero, Ph: 9289923183, **Cuttack:** JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, **Angul:** Parbati Hero, Ph: 9289922902, **Balasore:** Neelam Hero, Ph: 9289922519, **Baripada:** Aditya Hero, Ph: 7799766370, **Bhadrak:** Sanjib Hero, Ph: 9289922608, **Chandikhol:** S. K. Hero, Ph: 9289922900, **Jajpur Road:** Soumik Hero, Ph: 9289922611, **Jaleswar:** Sai Hero, Ph: 9289922844, **Jatni:** Vishal Hero, Ph: 9289922984, **Keonjhar:** Supreme Hero, Ph: 9289922182, **Nayagarh:** Bhagabati Hero, Ph: 9289922687, **Puri:** Sanjib Hero, Ph: 9289923107, **Behrampur:** Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, **Jeypore:** Supreme Hero, Ph: 9289922183, **Phulbani:** Narayani Hero, Ph: 9289922991, **Raygada:** Ajit Hero, Ph: 9289922819, **Bargarh:** Aakash Hero, Ph: 9289922181, **Bhawanipatna:** Arundhati Hero, Ph: 9289922837, **Bolagir:** Arundhati Hero, Ph: 9289923033, **Jharsuguda:** Vijaylaxmi Hero, Ph: 9289922595, **Rourkela:** Dua Hero, Ph: 9289922179, **Sambalpur:** Sri Shyam Hero, Ph: 9289922484, **Sonepur:** Jai Jawan Hero, Ph: 9289922800, **Sundergarh:** Robotech Hero, Ph: 9289923063, **Dhenkanal:** Som Hero, Ph: 9289922614, **Talcher:** Tarini Hero, Ph: 9289922736.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ